ବର୍ଷ-୨୪, ସଂଖ୍ୟା-୧୧୩
ଭୁବନେଶ୍ୱର
୧୪ ମଇ, ୨୦୨୪ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 113
Bhubaneswar
14 May, 2024, Tuesday
Page-08, Rs.: 2.00


# ମହାଭାରତ


RNI Regd. No.: ODIODI2000/03863
Website : www.mahabharataepaper.com


Mahabharat




ଆଇପିଏଲ୍‌ରୁ ବିଦାୟ ନେଲା ଗୁଜରାଟ ଟାଇଟନ୍ସ

## ଏନକାଉଣ୍ଟରରେ ୩ ନକ୍ସଲ ସଫା

ଗଡଚିରୋଲି,୧୩।୫(ମହାଭାରତ): ପୁଲିସ ଗୁଳିରେ ଟଳିଲେ ୩ ନକ୍ସଲ। ମହାରାଷ୍ଟ୍ରର ଗଡଚିରୋଲିରେ ପୁଲିସ ଓ ନକ୍ସଲ ଭିତରେ ଗୁଳିବିନିମୟ ହୋଇଛି। ଏଥିରେ ପୁଲିସ ଗୁଳିରେ ତିନି ଜଣ ନକ୍ସଲ ନିହତ ହୋଇଥିବା ସୂଚନା ମିଳିଛି। ମୃତ ନକ୍ସଲଙ୍କ ମଧ୍ୟରେ ଦୁଇ ଜଣ ମହିଳା ଅଛନ୍ତି।

ଗଡଚିରୋଲି ହେଉଛି ମହାରାଷ୍ଟ୍ରର ନକ୍ସଲ ପ୍ରଭାବିତ ଅଞ୍ଚଳ ମଧ୍ୟରୁ ଗୋଟିଏ। ଏଠାରେ ନକ୍ସଲମାନେ ଲୁଚି ରହିଥିବା ସୂଚନା ପାଇବା ପରେ ସୁରକ୍ଷାକର୍ମୀଙ୍କ ତରଫରୁ ସର୍ଚ୍ଚ ଅପରେସନ କରାଯାଇଥିଲା। ଏହି ସମୟରେ ନକ୍ସଲମାନେ ସୁରକ୍ଷାକର୍ମୀଙ୍କ ଉପରକୁ ଗୁଳିମାଡ କରିଥିଲେ। ସୁରକ୍ଷାକର୍ମୀଙ୍କ ପାଲଟା ଗୁଳିମାଡରେ ୩ ଜଣ ନକ୍ସଲ ନିହତ ହୋଇଛନ୍ତି। ଘଟଣାସ୍ଥଳରୁ ଏକେ-୪୭, ଗୋଟିଏ କାର୍ବାଇନ ବନ୍ଧୁକ, ରାଇଫଲ ସମେତ ବିପୁଳ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ମୃତ ତିନି ଜଣଙ୍କ ମଧ୍ୟରେ ଜଣେ ଟପ୍ ମାଓ କମାଣ୍ଡର ଥିବା ପୁଲିସ ସୂଚନା ଦେଇଛି। ମାଓ କମାଣ୍ଡର ବାସୁ ଏନକାଉଣ୍ଟରରେ ନିହତ ହୋଇଥିବା ପୁଲିସ କହିଛି।

# ରାଜ୍ୟରେ ସରିଲା ପ୍ରଥମ ପର୍ଯ୍ୟାୟ ମତଦାନ

ଭୁବନେଶ୍ୱର,୧୩।୫(ମହାଭାରତ): ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪ର ଚତୁର୍ଥ ପର୍ଯ୍ୟାୟରେ ରାଜ୍ୟର କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର ଓ ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ଏବଂ ଏହା ଅଧିନ ୨୮ଟି ବିଧାନସଭା କ୍ଷେତ୍ର ପାଇଁ ମତଦାନ ଅନୁଷ୍ଠିତ ହୋଇଛି। କାଁ ଭାଁ ଗଣ୍ଡଗୋଳ ଓ ବୁଥ ରିଗିଂ ଅଭିଯୋଗ ମଧ୍ୟରେ ଆଜି ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ଭୋଟଗ୍ରହଣ ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଆପାତତଃ ମୋଟ ୬୫.୦୩ପ୍ରତିଶତ ଭୋଟ୍ ପଡ଼ିଥିବାବେଳେ ବ୍ରହ୍ମପୁର ବିଧାନସଭାରେ ସବୁଠୁ କମ୍ ୫୪.୧୪% ଓ ନବରଙ୍ଗପୁର ବିଧାନସଭା ଆସନରେ ସର୍ବାଧିକ ୭୩.୪୪% ଭୋଟ୍ ପଡ଼ିଛି। ନିର୍ବାଚନ କମିଶନଙ୍କ ତଥ୍ୟ ଅନୁସାରେ ରାତି ୧୦ଟା ୩୦ ସୁଦ୍ଧା ଓଡ଼ିଶାର ଭୋଟହାର ପରିମାଣ ଏହା ରହିଥିବା ଜଣାପଡ଼ିଛି।



ଆଜି ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ ବ୍ରହ୍ମପୁର, ନବରଙ୍ଗପୁର, କୋରାପୁଟ ଓ କଳାହାଣ୍ଡି ସଂସଦୀୟ କ୍ଷେତ୍ରରେ ଶାନ୍ତିଶୃଙ୍ଖଳାର ସହ ଭୋଟଗ୍ରହଣ ହୋଇଛି। ଅଳ୍ପ କିଛି ସ୍ଥାନରେ ଇଭିଏମ୍ କଣ୍ଟ୍ରୋଲ ୟୁନିଟ୍, ବାଲାଟ ୟୁନିଟ୍ ଓ ଭିଭିପାଟରେ ତ୍ରୁଟି ଦେଖାଦେବାରୁ ମତଦାନ ସ୍ୱଳ୍ପ ସମୟ ପାଇଁ ବାଧାପ୍ରାପ୍ତ ରହିଥିଲା। କୋରାପୁଟ ଜିଲ୍ଲାର କୋଟିଆ ଅଂଚଳରେ ଚଳିତଥର ରେକର୍ଡ ପରିମାଣର ମତଦାନ ହୋଇଛି। ସନ୍ଧ୍ୟା ୫ଟା ସୁଦ୍ଧା ଏଠାର ୯ଟି ବୁଥରେ ମୋଟ ୭୬ ପ୍ରତିଶତ ମତଦାନ ହୋଇଥିବା ନିର୍ବାଚନ କମିଶନଙ୍କ ସୂତ୍ରରୁ ଜଣାପଡ଼ିଛି।

ନିର୍ବାଚନ କମିଶନଙ୍କ ଆପ୍ ଅନୁସାରେ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରରେ ୬୧.୧୪%, କଳାହାଣ୍ଡିରେ ୬୮.୫୦%,କୋରାପୁଟରେ ୬୧.୪୩% ଓ ନବରଙ୍ଗପୁର ଲୋକସଭା ଆସନରେ ୬୮.୭୪% ମତଦାନ ହୋଇଛି। ସେହିପରି ବ୍ରହ୍ମପୁର ବିଧାନସଭା ଆସନରେ ୫୪.୧୪% ଭୋଟ ପଡ଼ିଥିବାବେଳେ ଭବାନୀପାଟଣାରେ ୬୨.୦୨%, ବିଷମକଟରେ ୬୭.୯୯%, ଛତ୍ରପୁରରେ ୫୪.୬୫%, ଚିକିଟିରେ ୬୦.୦୪%, ଚିତ୍ରକୋଣ୍ଡାରେ ୬୫.୦୧%, ଡାବୁଗାଁରେ ୭୧.୩୦%, ଦିଗପହଣ୍ଡିରେ ୬୨.୭୩%, ଗୁଣୁପୁରରେ ୫୭.୪୪%, ଜୟପୁରରେ୬୬.୫୮%, ଖଡ଼ିଆଳରେ ୭୨.୫୭%, ଜୋରାପୁଟରେ ୬୫.୬୭%, ଲକ୍ଷ୍ମୀପୁରରେ ୫୮.୬୬% ଓ ମାଲକାନଗିରି ବିଧାନସଭାରେ ୬୬.୬୦% ମତଦାନ ହୋଇଛି । ଏହି ଆପାତତଃ ମତଦାନ ହାର ରାତି ସାଢ଼େ ୧୦ଟା ପର୍ଯ୍ୟନ୍ତ ନିର୍ବାଚନ କମିଶନଙ୍କ ଆପରେ ଅପଡେଟ୍ ହୋଇଥିବା ତଥ୍ୟ ଉପରେ ପର୍ଯ୍ୟବେସିତ। ଏହି ମତଦାନ ହାର ମଧ୍ୟ ବୃଦ୍ଧି ପାଇବାର ସମ୍ଭାବନା ରହିଛି।

ଆଦିମ ଜନଜାତି ଗୋଷ୍ଠୀର ମତଦାତାମାନେ ମଧ୍ୟ ଅତ୍ୟନ୍ତ ଉତ୍ସାହର ସହ ମତଦାନ କରିଛନ୍ତି । କୋରାପୁଟ ଜିଲ୍ଲାର କୋଟିଆ ଅଂଚଳରେ ରେକର୍ଡ ମତଦାନ ହୋଇଛି। ଏଠାକାର ୯ଟି ବୁଥ୍ ରେ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ୭୬ ପ୍ରତିଶତ ମତଦାନ ହୋଇଥିଲା। ମାଲକାନଗିରିର ସ୍ୱାଭିମାନ ଅଂଚଳରେ ଥିବା ୨୩ ବୁଥ୍ ରେ ସନ୍ଧ୍ୟା ୫ଟା ସୁଦ୍ଧା ମତଦାନ ହାର ୬୫.୪୬ ପ୍ରତିଶତ ରହିଥିଲା। ସକାଳୁ ମକ୍ ପୋଲ ସମୟରେ ଅଳ୍ପକିଛି ସ୍ଥାନରେ ଇଭିଏମ୍ କଂଟ୍ରୋଲ ୟୁନିଟ୍, ବାଲାଟ ୟୁନିଟ୍ ଓ ଭିଭିପାଟ୍ ରେ ତ୍ରୁଟି ଦେଖାଦେଇଥିଲା । ସେ ସମସ୍ତ ୟୁନିଟଗୁଡ଼ିକ ତୁରନ୍ତ ବଦଳାଯାଇଥିଲା ଓ ମତଦାନ ସ୍ୱାଭାବିକ ଭାବରେ ଚାଲିଥିଲା।

ଏହି ପର୍ଯ୍ୟାୟ ମତଦାନରେ ୱେବ୍‌କାଷ୍ଟିଂ ଦ୍ୱାରା ପ୍ରାୟ ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ ବୁଥ୍ ଉପରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଦୃଷ୍ଟି ରଖାଯାଇଥିଲା। ନିର୍ବାଚନ ପରିଚାଳନା ସମ୍ବନ୍ଧରେ ବିଶେଷ ଜ୍ଞାନ ଥିବା ବରିଷ୍ଠ ଅଧିକାରୀମାନେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଏନ୍. ତିରୁମାଲା ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୱେବ୍‌କାଷ୍ଟିଂ ଦ୍ୱାରା ଉକ୍ତ ବୁଥ୍‌ଗୁଡ଼ିକ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଥିଲେ। ସମସ୍ତ ମତଦାନ କେନ୍ଦ୍ରରେ ନିର୍ଦ୍ଧାରିତ ସମୟରେ ମତଦାନ ସମାପ୍ତ ହୋଇଥିଲା। ସବୁ ସ୍ଥାନରୁ ପୋଲିଂ ପାର୍ଟିମାନେ ମଧ୍ୟ ପ୍ରତ୍ୟାବର୍ତନ କରିବା ଆରମ୍ଭ କରିଛନ୍ତି।

## ଜନପ୍ରିୟ ମୁଖ୍ୟମନ୍ତ୍ରୀଙ୍କୁ ଗାଳି ଦେବାକୁ ପଛାଉ ନାହାଁନ୍ତି କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର,୧୩।୫(ମହାଭାରତ): ବିଜୁ ଜନତା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ସୋମବାର ଢେଙ୍କାନାଳ ଲୋକସଭା ନିର୍ବାଚନ ମଣ୍ଡଳୀରେ ମାରାଥନ ପ୍ରଚାର କରି ହିନ୍ଦୋଳ, କାମାକ୍ଷାନଗର, ପରଜଙ୍ଗ, ପାଲଲହଡା ଓ ତାଳଚେରରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିଛନ୍ତି। ଲୋକସଭା ପ୍ରାର୍ଥୀ ଅବିନାଶ ସାମଲ ଏବଂ ବିଧାନ ସଭା ପ୍ରାର୍ଥୀ ମହେଶ ସାହୁ, ଡଃ ନୃସିଂହ ସାହୁ, ପ୍ରଫୁଲ୍ଲ ମଲ୍ଲିକ, ବ୍ରଜ କିଶୋର ପ୍ରଧାନ ଓ ମୁକେଶ ପାଲଙ୍କୁ ବିପୁଳ ଭୋଟରେ ଜିତାଇବା ପାଇଁ ଅନୁରୋଧ କରିଛନ୍ତି।



ତାଳଚେରରେ ଏକ ବିଶାଳ ଜନସଭାରେ ସେ କହିଲେ କୋଇଲା ରୟାଲଟି ବିଷୟ ଉଠିଲେ କେନ୍ଦ୍ରମନ୍ତ୍ରୀ ରାଗୁଛନ୍ତି। କହୁଛନ୍ତି ଯେ ଜିଲ୍ଲା ଖଣିଜ ପାଣ୍ଠି ଜରିଆରେ ଓଡ଼ିଶାକୁ ବହୁତ ପଇସା ମିଳୁଛି, ରୟାଲଟି ବୃଦ୍ଧି ଦରକାର ନାହିଁ। କିନ୍ତୁ କେନ୍ଦ୍ର ସରକାରଙ୍କ ଏମ୍.ସି.ଏଲ୍. ଲାଭ କରୁଛି ୨୭ ହଜାର ୫୦୦ କୋଟି। ଟ୍ୟାକ୍‌ସକୁ ବାଦ୍ ଦେଲେ ଲାଭ କରୁଛି ୧୩ ହଜାର ୭୦୦ କୋଟି। କିନ୍ତୁ ଓଡ଼ିଶା ଏଥିରୁ ପାଉଛି ମାତ୍ର ୪ ହଜାର କୋଟି।

୨୦୦୪ରୁ କୋଇଲା ରୟାଲଟି ସଂଶୋଧନ ହୋଇନି। ଯଦି ରୟାଲଟି ସଂଶୋଧନ ହୋଇଥାନ୍ତା ତେବେ ଓଡ଼ିଶା ପାଇଥାନ୍ତା ୧୦ ହଜାର କୋଟି ଏବଂ ଡି.ଏମ୍.ଏଫ୍ ବାବଦରେ ମଧ୍ୟ ୨ ହଜାର କୋଟି। ସମୁଦାୟ ୧୨ ହଜାର କୋଟିରେ ଆପଣଙ୍କ ଅଂଚଳର ବ୍ୟାପକ ରୂପାନ୍ତରଣ ହୋଇପାରିଥାନ୍ତା।

କେନ୍ଦ୍ରମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କୁ ଅଭଦ୍ର ଓ ଅଶାଳୀନ ଭାଷାରେ ଗାଳି କରୁଛନ୍ତି। ଜଣେ ଜନପ୍ରିୟ ମୁଖ୍ୟମନ୍ତ୍ରୀଙ୍କୁ ଏଭଳି ଗାଳି ଦେବା ବହୁ ଦୁଃଖର କଥା। ନବୀନ ପଟ୍ଟନାୟକ ଓଡ଼ିଶାର କୌଣସି ଜିଲ୍ଲାରେ ନିର୍ବାଚନ ଲଢ଼ିବାକୁ ଡରୁ ନାହାନ୍ତି, କେନ୍ଦ୍ରମନ୍ତ୍ରୀ ନିଜ ମାଟିରେ ଛିଡ଼ା ହେବାକୁ କାହିଁକି ଡରୁଛନ୍ତି। ଯେଉଁ ବ୍ୟକ୍ତିର ସେବା ନୁହେଁ କେବଳ କ୍ଷମତା ଲୋଭ ଥିବ ସେ କେବେ ବି ଜିତି ପାରିବ ନାହିଁ, ମୁଖ୍ୟମନ୍ତ୍ରୀ ଚୌକି ଲୋଭ ଥିବା ବ୍ୟକ୍ତି କେବେ ବି ଭଲ କାମ କରିପାରିବେ ନାହିଁ ।ଦୁଇଦିନ ତଳେ ପ୍ରଧାନମନ୍ତ୍ରୀ ଓଡ଼ିଶାବାସୀଙ୍କୁ ସୋଲାର ପ୍ୟାନେଲ ମାଧ୍ୟମରେ ମାଗଣା ବିଜୁଳି ଦେବେ ବୋଲି କହିଲେ । କିନ୍ତୁ ଏଥିପାଇଁ ଆପଣଙ୍କୁ ୫୦ ହଜାର ଟଙ୍କା ଦେବାକୁ ପଡ଼ିବ । ଏଇଟା ହେଉଛି ବିଜେପିର ମାଗଣା ବିଜୁଳି । ଡବଲ ଇଞ୍ଜିନ ସରକାର ଦିନରେ ଆପଣଙ୍କୁ ଭୁଆଁ ବୁଲାଉଛନ୍ତି, ଦିନରେ ଲଣ୍ଠନ ଦେଖାଉଛନ୍ତି, ନିର୍ବାଚନ ସରିଗଲେ ଏମାନଙ୍କୁ ଆପଣ ଖୋଜିଲେ ବି ପାଇବେନି ।ପାଲଲହଡାରେ ସ୍ୱାଧିନତା ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳୀ ଦେଇ ପାଣ୍ଡିଆନ କହିଲେ ଯେ ଏହି ପବିତ୍ର ମାଟିର ବରପୁତ୍ରମାନଙ୍କର ସମ୍ମାନ ରଖିବା ପାଇଁ କେନ୍ଦ୍ରମନ୍ତ୍ରୀ କିଛି କରିଛନ୍ତି କି ? ଏ ମାଟିରେ ଜନ୍ମ ହୋଇ ଜନ୍ମମାଟିକୁ ଭୁଲି ଯାଇଛନ୍ତି। ସେ ପୁଣି କହିଲେ ଯେ ସାମ୍ବାଦିକ ସମ୍ମିଳନୀରେ ବିଜେପି ନେତା ଦାବି କରୁଛନ୍ତି ଯେ କ୍ଷମତାକୁ ଆସିଲେ ଓଡ଼ିଶାକୁ ୧ ନମ୍ବର କରିବେ। ୧ ନମ୍ବର ନୁହେଁ, ରାଜ୍ୟକୁ ୨୫ ବର୍ଷ ତଳକୁ ନେଇଯିବେ। ଯେଉଁ ରାଜ୍ୟରେ ଅଛନ୍ତି ସେଠି ଏହାହିଁ କରିଛନ୍ତି। ଆଜି ସକାଳର ବିଜେପିର ପ୍ରେସ୍‌ମିଟ ପ୍ରସଙ୍ଗ ଉଠାଇ ସେ କହିଲେ ଯେ ବିଜେପିର ଟାଣୁଆ ନେତାମାନେ ମିଶି ସାମ୍ବାଦିକ ସମ୍ମିଳନୀ କରିଥିଲେ, ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିବା ପାଇଁ । କିନ୍ତୁ ନିଜ ନିଜ ଭିତରେ ଝଗଡ଼ା ଲାଗି ବନ୍ଦ ହୋଇଗଲା।

## ଭୁଶୁଡ଼ିଲା ହୋର୍ଡିଂ, ୮ ମୃତ

ମୁମ୍ବାଇ,୧୩।୫(ମହାଭାରତ): ଅଦିନିଆ ପବନରେ ଦୋହଲିଛି ଦେଶର ଆର୍ଥିକ ରାଜଧାନୀ। ମୁମ୍ବାଇ ଅପରାହ୍ନରେ ହଠାତ୍ ଧୂଳି ଝଡ଼ ମାଡ଼ି ଆସି ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଏୟାରପୋର୍ଟରେ ଅପରେସନ ବନ୍ଦ ହୋଇଯାଇଥିବା ବେଳେ ଗାଡ଼ି ଚଳାଚଳ ପ୍ରଭାବିତ ହୋଇଛି। ଧୂଳିଝଡ଼ ସମୟରେ ମୁମ୍ବାଇର ଘାଟକୋପରାରେ ଘଟିଛି ଭୟଙ୍କର ଘଟଣା। ଏଠାରେ ଥିବା ଗୋଟିଏ ବିରାଟକାୟ ବିଜ୍ଞାପନ ହୋର୍ଡିଂ ପବନରେ ଭୁଶୁଡ଼ି ପଡ଼ିଛି।ଏହା ସିଧା ନିକଟରେ ଥିବା ପେଟ୍ରୋଲ ପମ୍ପ ଉପରେ ପଡ଼ିବାରୁ ୮ ଜଣଙ୍କ ମୃତ୍ୟୁ ଘଟିଛି।



ସେହିପରି ୬୦ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ବିଲବୋର୍ଡ ତଳୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନେକ କାର ଓ ବାଇକ ଏବେ ବି ବିଲବୋର୍ଡ ତଳେ ଚାପି ହୋଇ ରହିଛି ।ତେଣୁ ଅନେକ ଲୋକ ଏହା ତଳେ ଫସି ରହିଥିବା ଆଶଙ୍କା କରାଯାଉଛି। ଗ୍ୟାସ କଟର ଠାରୁ ଆରମ୍ଭ କରି କ୍ରେନ ଦ୍ୱାରା ବିଲବୋର୍ଡକୁ ହଟାଇବାକୁ ଚେଷ୍ଟା କରାଯାଉଛି । ଏହା ତଳେ ଫସିଥିବା କାରଗୁଡ଼ିକ ଭାଙ୍ଗି ଚୂରମାର ହୋଇଯାଇଥିବା ବେଳର ଭୟଙ୍କର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ପେଟ୍ରୋଲ ପମ୍ପ ମଧ୍ୟ ପୂରା କ୍ଷତିଗ୍ରସ୍ତ ହୋଇଛି। କେବଳ ଏହି ଗୋଟଏ ସ୍ଥାନ ନୁହେଁ, ମୁମ୍ବାଇର ବିଭିନ୍ନ ପ୍ରାନ୍ତରେ ଧୂଳି ଝଡ଼ ଯୋଗୁ ଗଛ ଉପୁଡିଛି ଓ ବିଦ୍ୟୁତ ଖୁଣ୍ଟ ଭାଙ୍ଗି ଯାଇଛି। କିନ୍ତୁ ସବୁଠାରୁ ଅଧିକ କ୍ଷତି ବିଲବୋର୍ଡ ଭୁଶୁଡ଼ିବା ଯୋଗୁ ହୋଇଛି। ଏହା ପୁଲିସ୍ ଗ୍ରାଉଣ୍ଡ ପେଟ୍ରୋଲ ପମ୍ପର ବିପରୀତ ଦିଗରେ ରହିଥିଲା। ହେଲେ ପବନ ଯୋଗୁ ଏହା ସିଧା ପେଟ୍ରୋଲ ପମ୍ପ ଉପରେ ଖସି ପଡ଼ିଛି। ପେଟ୍ରୋଲ ପମ୍ପଟି ସଂପୂର୍ଣ୍ଣ ଗୁଣ୍ଡ ହୋଇଯାଇଛି। ପେଟ୍ରୋଲ ପମ୍ପ ଭୁଶୁଡ଼ିବା ବେଳେ ଅନେକ ଲୋକ ଏହା ତଳେ ରହିଥିଲେ। ହୋର୍ଡିଂରେ ଲାଗିଥିବା ମେଟାଲ ଫ୍ରେମ ଆଘାତରେ ଲୋକମାନେ ମୃତାହତ ହୋଇଛନ୍ତି। ଏବେ ସେଠାରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

## ବିଜେପି ନେତାଙ୍କ ମନୋବଳ ଭାଙ୍ଗିଯାଇଛି : ବିଜେଡ଼ି

ଭୁବନେଶ୍ୱର,୧୩।୫(ମହାଭାରତ): ପ୍ରଥମ ପର୍ଯ୍ୟାୟରେ ବିଜେଡି ୪ ଲୋକସଭା ଓ ୯୦ ପ୍ରତିଶତ ବିଧାୟକ ଆସନ ଜିତିବ। ଏହା ଜାଣିପାରି ବିଜେପି ନେତାଙ୍କ ମୁହଁ ଶୁଖି ଯାଇଥିବାବେଳେ ମନୋବଳ ମଧ୍ୟ ଭାଙ୍ଗିଯାଇଛି। ସେଥିପାଇଁ ବିଜେପିର ପାଞ୍ଚ ତୁଙ୍ଗ ନେତା ପ୍ରେସମିଟ କରି ବାର୍ତ୍ତା ଦେବାକୁ ଚେଷ୍ଟା କରିଥିଲେ । କର୍ମୀଙ୍କ ମନୋବଳ ବୃଦ୍ଧି ପାଇଁ ସେମାନେ ଏହି ପ୍ରେସମିଟ କରିଥିଲେ। ତେବେ ଏହା ଫସର ଫାଟିଯାଇଥିଲା ବୋଲି କହିଛନ୍ତି ରାଷ୍ଟ୍ରୀୟ ମୁଖପାତ୍ର ଅମର ପଟ୍ଟନାୟକ, ମୁଖପାତ୍ର ସୁଲତା ଦେଓ, ସ୍ୱୟଂପ୍ରକାଶ ମହାପାତ୍ର ।ବିଜେଡି କହିଛି, ଶ୍ରୀମନ୍ଦିର ଓ ଏକାମ୍ର ପ୍ରକଳ୍ପ ବନ୍ଦ କରିବାକୁ ଡ୍ରାମା କରିଥିଲେ ଧର୍ମେନ୍ଦ୍ର ପ୍ରଧାନ ଓ ଅପରାଜିତା ଷଡଙ୍ଗୀ । ଯାହା ରାଜ୍ୟବାସୀ କେବେ ଭୁଲିବେ ନାହିଁ । ଏଏସଆଇ, ଏନଏମଏ, ଜରିଆରେ ଚକ୍ରାନ୍ତ ଓ ଷଡଯନ୍ତ୍ର କରିଥିଲେ। ନିଜ ଅନୁଗତଙ୍କୁ ଲଗାଇ ସୁପ୍ରିମକୋର୍ଟ ଯାଇଥିଲେ। ଧର୍ମେନ୍ଦ୍ର ନିଜେ ଏହା ବିରୋଧ କରିବା କଥା କହିଥିଲେ। ବିଜେଡି ଏହାକୁ ବନ୍ଦ କରିବାକୁ ବିଜେପି ଇସ୍ତାହାରରେ ଲେଖିବାକୁ କହିଥିଲା । ସେତେବେଳେ କଥା ବଦଳାଇ ଦୋମୁହାଁ ନୀତି ଦେଖାଇଲେ । କିଭଳି ପରିକ୍ରମା ପ୍ରକଳ୍ପ ଶିଳାନ୍ୟାସ କରି ମୁଖ୍ୟମନ୍ତ୍ରୀ ଫେରିବା ବେଳେ ଧର୍ମେନ୍ଦ୍ର ଅଣ୍ଡା ମାଡ଼ କରାଇଥିଲେ ।ଯାହାକୁ ଓଡ଼ିଶାବାସୀ ପଂଚାୟତ ନିର୍ବାଚନରେ ଜବାବ ଦେଲେ।



ବିଜେପୁର ଉପନିର୍ବାଚନରେ ଚପଲ ମାଡ଼ କଲେ । ଲୋକେ ଜବାବ ଦେଲେ । ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଯାହା ଟିପ୍ପଣୀ ଦେଇଛନ୍ତି ତାହା ଓଡ଼ିଶାବାସୀଙ୍କୁ ବ୍ୟଥିତ କରିଛି । ସେମାନେ ନିର୍ବାଚନରେ ବିଜେପିକୁ ପ୍ରତ୍ୟାଖାନ କରିବେ । ମହାନଦୀ ରାଜନୀତି କରି ଛତିଶଗଡକୁ ସୁହାଇଲେ ଧର୍ମେନ୍ଦ୍ର । ଛତିଶଗଡ ମନ୍ତ୍ରୀଙ୍କୁ ଆଣି ଓଡ଼ିଶାରେ ପ୍ରଚାର ଚଳାଇଛନ୍ତି ଯ ଧର୍ମେନ୍ଦ୍ର ଛତିଶଗଡ ପାଇଁ ଓକିଲାତି କରିଥିଲେ । ଓଡ଼ିଶାବାସୀଙ୍କୁ ଏବେ ଭୁଆଁ ବୁଲାଇବାକୁ ଚେଷ୍ଟା କରୁଛନ୍ତି ବୋଲି ସାମ୍ବାଦିକ ସମ୍ମିଳନୀରେ ବର୍ଷିଛନ୍ତି ରାଷ୍ଟ୍ରୀୟ ମୁଖପାତ୍ର ଅମର ପଟ୍ଟନାୟକ।

ଅନ୍ୟପଟେ ବିଜେପି ଆଜି ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିଥାନ୍ତା। ହେଲେ ଆଶାୟୀଙ୍କ ଭିତରେ ଏତେ ଯୁକ୍ତି ହେଲା ଯେ ଏହା ଶେଷରେ ବାତିଲ ହୋଇଥିଲା । ଘୋଷଣା କଲେ ଦଳ ଚାରି ଭାଗ ହୋଇଯିବ ବୋଲି ସେମାନେ ଜାଣିଛନ୍ତି । ବୋଧହୁଏ ମନମୋହନ ସାମଲଙ୍କ ଦଳରେ ସମ୍ମାନ ନାହିଁ ଯ ଓଡ଼ିଶା ନିବାସ ଘଟଣା ପରେ ବୋଧେ ଆଉ ତାଙ୍କ ଗୁରୁତ୍ୱ ନାହିଁ । ମହିଳା ଭୋଟ ତାଙ୍କ ପାଇଁ କମୁଛି । ଦୟନୀୟ ସ୍ଥିତିରେ ଏପରି ଓଡ଼ିଶା ବିଜେପି ଅଛି ଯେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରି ପାରୁ ନାହିଁ ବୋଲି କଟାକ୍ଷ କରିଛନ୍ତି ମୁଖପାତ୍ର ସୁଲତା ଦେଓ ।ସେହିପରି ବିଜେପିର ବରିଷ୍ଠ ନେତା ବୈଜୟନ୍ତ ପଣ୍ଡାଙ୍କୁ ଶାଣିତ ଆକ୍ରମଣ କରିଛି ବିଜେଡି । ବୈଜୟନ୍ତ ପଣ୍ଡା ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇ ନାହାନ୍ତି । ତାଙ୍କ ଆଖି ଅପରେସନ ହୋଇଛି । ବୋଧହୁଏ ମୁଣ୍ଡରେ ଗୋଳମାଳ ହୋଇଯାଇଛି । ତେଣୁ ଅବାନ୍ତର, ଅବାସ୍ତବ କଥା କହୁଛନ୍ତି । ଦଳ ତାଙ୍କ ଉତ୍ତମ ସ୍ୱାସ୍ଥ୍ୟ କାମନା କରୁଛି ବୋଲି କହିଛନ୍ତି ମୁଖପାତ୍ର ସ୍ୱୟଂପ୍ରକାଶ ମହାପାତ୍ର ।

## ପ୍ରକାଶ ପାଇଲା ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ରେଜଲ୍ଟ

ଭୁବନେଶ୍ୱର,୧୩।୫(ମହାଭାରତ): ସେଣ୍ଟ୍ରାଲ୍ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେସନ୍ (ସିବିଏସ୍‌ଇ) ପକ୍ଷରୁ ମଧ୍ୟ ଦଶମ ଶ୍ରେଣୀ ରେଜଲ୍ଟ ପ୍ରକାଶ ପାଇଛି। ଚଳିତ ବର୍ଷ ପ୍ରାୟ ୨୦ ଲକ୍ଷ ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୯୩.୬୦ ପ୍ରତିଶତ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମାର୍କସିଟ୍ ଡିଜିଲକରରେ ଅପଲୋଡ୍ କରାଯାଇଛି। ଛାତ୍ରଛାତ୍ରୀ ମାନେ ନିଜର ରେଜଲ୍ଟ results.cbse.nic.in, cbse.gov.in କିମ୍ବା cbseresults.nic.in ୱେବସାଇଟରୁ ରେଜଲ୍ଟ ଦେଖିପାରିବେ ।ଦେଖିପାରିବେ। ଚଳିତ ବର୍ଷ ବୋର୍ଡ ଟପର୍‌ଙ୍କ ନାମ ଘୋଷଣା କରିନାହିଁ। ତୀବ୍ର ଓ ଅବାସ୍ତବ ପ୍ରତିଯୋଗିତାକୁ ଏଡ଼ାଇବା ପାଇଁ ବୋର୍ଡ ଟପର୍ସଙ୍କ ମେରିଟ୍ ଲିଷ୍ଟକୁ ରୋକିବା ଅଭ୍ୟାସ ଜାରି ରଖିଛି। ସର୍ବୋଚ୍ଚ ମାର୍କ ରଖିଥିବା ୦.୧% ଛାତ୍ରଛାତ୍ରୀଙ୍କୁ ମେରିଟ୍ ସାର୍ଟିଫିକେଟ୍ ପ୍ରଦାନ କରାଯିବ ବୋଲି କୁହାଯାଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ପରୀକ୍ଷାରେ ପାସ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ସିବିଏସଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଛି। ଚଳିତବର୍ଷ ମୋଟ ପାସ୍ ହାର ୮୭.୯୮ ପ୍ରତିଶତ ରହିଛି । ଝିଅଙ୍କ ପାସହାର ୯୧.୫୨ ପ୍ରତିଶତ ଥିବା ବେଳେ ପୁଅଙ୍କ ପାସ ହାର ୮୫.୧୨ ରହିଛି ।

## ହାତାହାତି ହେଲେ ପ୍ରାର୍ଥୀ

ବ୍ରହ୍ମପୁର,୧୩।୫(ମହାଭାରତ): ସାଧାରଣ ନିର୍ବାଚନ ପାଇଁ ରାଜ୍ୟରେ ଆଜି ପ୍ରଥମ ପର୍ଯ୍ୟାୟରେ ମତଦାନ ଶେଷ ହୋଇଛି। ଗଂଜାମ ଜିଲ୍ଲାର ବିଭିନ୍ନ ସ୍ଥାନରେ ହିଂସା ଉପୁଜିଛି ଏଥିରେ ବ୍ରହ୍ମପୁର ମଧ୍ୟ ଯୋଡ଼ି ହୋଇଯାଇଛି। ଏଠାରେ ବିଜେପି ସାଂସଦ ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ ଓ ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଶିବଶଙ୍କର ଦାସ ମୁହାଁମୁହିଁ ହୋଇଛନ୍ତି। ଗୋଷାଣୀ ନୂଆଗାଁ ଅଧୀନ ଉତ୍କଳମଣି ୟୁପି ସ୍କୁଲ ବୁଥ ଆଗରେ ହାତାହାତି ହୋଇଥିବା ଖବର ମିଳିଛି। ଆକ୍ରମଣରେ ପ୍ରଦୀପ ପାଣିଗ୍ରାହୀ ସାମାନ୍ୟ ଆହତ ପୁଲିସ ଶିବଶଙ୍କରଙ୍କୁ ଅଟକ ରଖିଛି। ଅନ୍ୟପଟରେ



କଂଗ୍ରେସ କର୍ମୀମାନେ ଥାନା ଆଗରେ ହୋହାଲ୍ଲା କରିଛନ୍ତି ଶିବଶଙ୍କରଙ୍କୁ ପୁଲିସ ଛାଡ଼ିଦେଉ ବେବାଲି ଦାବି କରୁଛନ୍ତି।

ସେହିପରି ଭଞ୍ଜନଗର ନିର୍ବାଚନ ମଣ୍ଡଳୀର ଟିଳିସିଙ୍ଗି ଗ୍ରାମ ରେ ବିଜେଡି - ବିଜେପି କର୍ମୀ ମଧ୍ୟରେ ହାତାହାତୀ ହୋଇଛନ୍ତି । ଏଥିରେ କିଛି ବିଜେପି କର୍ମୀ ଆହତ ହୋଇଛନ୍ତି। ସୂଚନା ଅନୁସାରେ,ଅପରାହ୍ନ ସମୟରେ ବିଜେଡି ପ୍ରାର୍ଥି ବିକ୍ରମ କେଶରୀ ଆରୁଖ ଓ ବିଜେପି ପ୍ରାର୍ଥି ପ୍ରଦ୍ୟୁମ୍ନ ନାୟକ ନିଜ ନିଜର ସମର୍ଥକଙ୍କୁ ନେଇ ଟିଳିସିଙ୍ଗି ଗ୍ରାମରେ ପ୍ରଚାର ସହ ଭୋଟ ଭିକ୍ଷା କରୁଥିଲେ। ସେହି ସମୟରେ ବିଜେପି ଓ ବିଜେଡି କର୍ମୀମାନେ ମୁହାଁମୁହିଁ ହୋଇଥିଲେ। ବିଜେପିର ପ୍ରଚାର ଗାଡିକୁ ହଠାତ ଶତାଧିକ ବିଜେଡି ସମର୍ଥକ ଆକ୍ରମଣ କରିବା ସହ ବିଜେପି କର୍ମୀ ଙ୍କୁ ନିର୍ଘୁମ ମାତ୍ରରେ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଆକ୍ରମଣ ରେ ବିଜେପିର ପ୍ରଚାର ଗାଡିକୁ ବିଜେଡି କର୍ମୀମାନେ ଭଙ୍ଗାରୁଜା କରିଥିବା ଜଣାପଡିଛି। ପୋଲିସ ଉପସ୍ଥିତିରେ ଏହି ହାତାହାତୀ ହୋଇଥିବା ବେଳେ ଦୁଇ ପ୍ରାର୍ଥିଙ୍କ ମଧ୍ୟରେ କଥା କଟାକଟି ହୋଇଥିବାର ଏକ ରୋଚକ ଦୃଶ୍ୟ ଦେଖିବାକୁ ମିଳିଥିଲା।

ଚିକିଟି ନିର୍ବାଚନ ମଣ୍ଡଳୀ କଳାହାଡ ପଂଚାୟତ ନୂଆ। ମହିଷାଣପୁର ଗାଁରେ ନିର୍ବାଚନୀ ହିଂସା ହୋଇଥିଲା। ବିଜେପି ସମର୍ଥକଙ୍କୁ ବିଜେଡି ସମର୍ଥକ ଘରୁ ବାହାର କରାଇ ଦେଉନଥିବା ଅଭିଯୋଗ ହୋଇଥିଲା

## ନିଲମ୍ବନ ସହ ଗିରଫ ହେବେ ଦୁଇ ପ୍ରିଜାଇଡିଂ ଅଫିସର

ଭୁବନେଶ୍ୱର,୧୩।୫(ମହାଭାରତ): ନିର୍ବାଚନ ପ୍ରକ୍ରିୟାରେ ଅବହେଳା ପ୍ରଦର୍ଶନ କରିଥିବା ଅଭିଯୋଗରେ ବ୍ରହ୍ମପୁର ଲୋକସଭା ନିର୍ବାଚନ ମଣ୍ଡଳୀ ଅଧୀନ ଗଞ୍ଜାମ ଜିଲ୍ଲାର ୩ ଜଣ ପ୍ରିଜାଇଡିଂ ଅଫିସରଙ୍କୁ ନିଲମ୍ବନ ନିର୍ଦ୍ଦେଶ ହୋଇଛି। ଏଥିରୁ ୨ ଜଣଙ୍କୁ ଗିରଫ ପାଇଁ ଗଂଜାମ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଂଜ ବିହାରୀ ଧଳ।

ଶ୍ରୀ ଧଳ କହିଛନ୍ତି, ୩ ଜଣଙ୍କ ମଧ୍ୟରୁ ୨ ଜଣଙ୍କୁ ଗିରଫ କରାଯିବ। ଛତ୍ରପୁର ୨୭ ନମ୍ବର ବୁଥ ପ୍ରିଜାଇଡିଂ ଅଫିସର ଓ ୧୬୩ ନମ୍ବର ପୁଲିଂ ଷ୍ଟେସନର ପ୍ରିଜାଇଡିଂ ଅଫିସର ନିଲମ୍ବନ ସହ ଗିରଫ ହେବେ। ସେହିପରି ଗୋପାଳପୁରର ଜଣେ ପ୍ରିଜାଇଡିଂ ଅଫିସର ନିଲମ୍ବିତ ହେବେ। ୧୯୩ ନମ୍ବର ପୁଲିଂ ଷ୍ଟେସନ ପ୍ରିଜାଇଡିଂ ଅଫିସର ନିଲମ୍ବିତ ହେବେ। କାର୍ଯ୍ୟରେ ଗୁରୁତର ଅବହେଳା ଯୋଗୁଁ ଏହି କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ହୋଇଛି।

ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି ଯେ, ଯେଉଁ ଯେଉଁ ସ୍ଥାନରେ ଇଭିଏମ୍ ରେ ତ୍ରୁଟି ଦେଖା ଦେଇଛି ସବୁ ସ୍ଥାନରେ ତୁରନ୍ତ ୩୦ ମିନିଟ୍ ମଧ୍ୟରେ ଅତିରିକ୍ତ ଇଭିଏମ୍ ର ବ୍ୟବସ୍ଥା କରାଯାଉଛି । ତେଣୁ ବ୍ୟସ୍ତ ନ ହୋଇ ସଂପୂର୍ଣ୍ଣ ଶାନ୍ତି ଶୃଂଖଳା ମଧ୍ୟରେ ମତଦାନ କରିବା ପାଇଁ ଶ୍ରୀ ଧଳ ଜନସାଧାରଣଂକୁ ଅନୁରୋଧ କରିଛନ୍ତି ।

## ୨୦୨୪ ନିର୍ବାଚନରେ ବିଜେପିର ବିଜୟ ସ୍ପଷ୍ଟ : ବିଜେପି

ଭୁବନେଶ୍ୱର,୧୩।୫(ମହାଭାରତ): ବିଜେଡି ବିଭିନ୍ନ କଥା କହି ଓଡ଼ିଶାର ଜନତାଙ୍କୁ ବିଭିନ୍ନ ସମୟରେ ବିଭ୍ରାନ୍ତ କରି ଆସିଛି। ଲୋକେ ବିଜେପିକୁ ଭୋଟ ଦେବାକୁ ମନସ୍ଥ କରିଛନ୍ତି। ବିଜୁ ବାବୁ ୫ଟି ସ୍ଥାନରୁ ନିର୍ବାଚନ ହାରିଥିଲେ। ଏହାକୁ ସ୍ୱୀକାର ମଧ୍ୟ କଲେ। କିନ୍ତୁ ଗୁମାସ୍ତା ଦଳୀୟ ପରାଜୟକୁ ସ୍ୱୀକାର କରିପାରୁନାହାନ୍ତି, ନିର୍ବାଚନରେ ହାରିଲେ ସନ୍ନ୍ୟାସ ନେବି କହୁଛନ୍ତି। ହାରିବା ଜିତିବା ରାଜନୀତିରେ ସ୍ୱାଭାବିକ ପ୍ରକ୍ରିୟା। ବିଜେଡି ନେତାମାନେ ହତାଶ ଓ ନିରାଶ ଅବସ୍ଥାରେ ପହଂଚିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ବିରୁଦ୍ଧରେ ବିବୃତି ଦେବା ଆରମ୍ଭ କରିଛନ୍ତି। ସାଢ଼େ ୪କୋଟି ଓଡ଼ିଆ ଆମ ସହ ଅଛନ୍ତି। ଓଡ଼ିଶାରେ ସରକାର ପରିବର୍ତନ ହେବ ବୋଲି ଲୋକ ସଂକଳ୍ପ ନେଇଛନ୍ତି। ବିଜେଡି ଦଳରେ ରାଜନୈତିକ ବ୍ୟବସ୍ଥା ନାହିଁ। ଓଡ଼ିଆ ସଂସ୍କୃତି ଅସ୍ମିତାକୁ ଆଧାର କରି ବିଜେପି ନିର୍ବାଚନ ଲଢୁଛି। ବିଜେପି ସାଧାରଣ ଲୋକଙ୍କ ଦଳ, ସ୍ୱତନ୍ତ୍ର ବିଚାରଧାରାରେ ବିଶ୍ୱାସ ରଖେ। ଆମ ଦଳ ସାମୁହିକ ନେତୃତ୍ୱରେ ବିଶ୍ୱାସ ରଖେ। ଏହା ବିଜେଡି ପରି ବ୍ୟକ୍ତିଗତ ମାଲିକାନା ଦଳ ନୁହେଁ ବୋଲି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ଓଡ଼ିଶାରେ ମୃତ୍ୟୁହାର(ଆଇଏମ୍‌ଆର) ୩୬ଥିବା ବେଳେ ଗୁଜୁରାଟରେ ୨୩ ଏବଂ ଜାତୀୟହାର ୨୮ଅଛି। ଶିଶୁ ମୃତ୍ୟୁରେ ଓଡ଼ିଶା ତୃତୀୟ ସର୍ବାଧିକ ରାଜ୍ୟ ଭାବେ ଗ୍ରସିତ ଥିବା ରିପୋର୍ଟ ପ୍ରକାଶ ପାଇଛି। ଜାତୀୟସ୍ତରରେ ସ୍ୱାସ୍ଥ୍ୟ ସେବା ବାବଦକୁ ସରକାର ମୁଣ୍ଡପିଛା ୨୦୧୪ଟଙ୍କା ଖର୍ଚ୍ଚ କରୁଥିବାବେଳେ ଗୁଜରାଟରେ ସରକାର ୧୮୬୧ଟଙ୍କା ଓ ଓଡିଶା ସରକାର ମାତ୍ର ୧୪୪୯ ଟଙ୍କା ଖର୍ଚ୍ଚ କରୁଛନ୍ତି। ଦୀର୍ଘ ୨୫ବର୍ଷ ଶାସନରେ ହିଞ୍ଜିଳିରୁ କାହିଁକି ଅଧିକ ଲୋକ ଗୁଜରାଟକୁ ଦାଦନ ଖଟିବାକୁ ଯାଉଛନ୍ତି ? ଆମ ଦଳ ବିଜେପି ଭାଷା, ସାହିତ୍ୟ, ସଂସ୍କୃତି, ଐତିହ୍ୟ, ପରମ୍ପରା ଏବଂ ବିକାଶରେ ବିଶ୍ୱାସ ରଖୁଥିବା ଦଳ। ମାତ୍ର ଏହିସବୁ ସମ୍ବେଦନଶୀଳ ବିଷୟଗୁଡିକ ଆଜି ଓଡ଼ିଶାରେ ବଡ ପ୍ରଶ୍ନବାଚୀ। ଓଡ଼ିଶାକୁ ଏପରିସ୍ଥିତିରୁ ବାହାରକୁ ଆଣିବାକୁ ହେବ। ଏକ ବିଂଶ ଶତାବ୍ଦୀରେ ଓଡ଼ିଶା ଭାଷାଭିତିକ ରାଜ୍ୟ ଭାବେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ବର୍ଷ ପାଳନ କରିବ। ଏହି ସମୟରେ ଓଡ଼ିଶାକୁ ନଅଙ୍କ ଦୁର୍ଭିକ୍ଷ ଆଡକୁ ନେବା ନାଁ ରାଜ୍ୟକୁ ଏକ ନମ୍ବର କରିବା, ଏହା ହିଁ ମୂଳ ପ୍ରସଙ୍ଗ। ଓଡ଼ିଶାର କିଛି ଲୋକ ରାଜ୍ୟର ଗଣତନ୍ତ୍ରକୁ କଣ୍ଠରୋଧ କରିବାର ପ୍ରୟାସ କରୁଛନ୍ତି ଏବଂ ଭୁଲ୍ ତଥ୍ୟ ଦେଉଛନ୍ତି। ଦେଶର କୌଣସି ରାଜ୍ୟର ସଙ୍ଗୀତକୁ "ଶାସ୍ତ୍ରୀୟ ସଙ୍ଗୀତ" ମାନ୍ୟତା ଦିଆଯିବାର ବ୍ୟବସ୍ଥା ହିଁ ନାହିଁ। ଯାହା ବ୍ୟବସ୍ଥାର ନାହିଁ ସେ ପ୍ରସଙ୍ଗକୁ ଉଠାଇ ବାରମ୍ବାର ପ୍ରଶ୍ନ କରିବା ଠିକ୍ କି ବୋଲି ଶ୍ରୀ ପ୍ରଧାନ ପ୍ରଶ୍ନ କରିଛନ୍ତି।




ଓଡ଼ିଶାକୁ ଏକ ନମ୍ବର ରାଜ୍ୟ କରିବା ଓ ଅନ୍ୟପଟେ ୨୫ବର୍ଷରେ ଓଡ଼ିଶା ଯେଉଁ ସ୍ଥାନକୁ ଯିବା କଥା ସେହି ସ୍ଥାନରେ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଓଡ଼ିଶାର ଏକ ତୃତୀୟାଂଶ ଲୋକ ବାହାର ରାଜ୍ୟକୁ ଯାଉଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଏ ଉପରେ ପ୍ରଶ୍ନ କଲେ ବିଜେଡି ମୋତେ ରାଜମିସ୍ତ୍ରୀ ଓ ଡାକପିଅନର ଆଖ୍ୟା ଦେଉଛନ୍ତି। ଓଡ଼ିଶାବାସୀଙ୍କ କଥାକୁ ପ୍ରଧାନମନ୍ତ୍ରୀଙ୍କ ପାଖରେ ପହଁଚାଇବା ପାଇଁ ମୁଁ ଦାଦନ ଓ ଡାକ ପିଅନ ହେବା ପାଇଁ ଶ୍ରେୟସ୍କର ମନେ କରିବି। ଏକ ବିଂଶ ଶତାବ୍ଦୀରେ ସ୍ୱାଭିମାନୀ ଓଡ଼ିଶା ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଆମେ ସମସ୍ତେ ରାଜମିସ୍ତ୍ରୀର ଦାୟିତ୍ୱ ନିର୍ବାହ କରିବାକୁ ପ୍ରସ୍ତୁତ। ଏଥର ଓଡ଼ିଶାରେ ନିଶ୍ଚିୟ ପରିବର୍ତନ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ସେହିପରି ରାଷ୍ଟ୍ରୀୟ ଉପସଭାପତି ତଥା କେନ୍ଦ୍ରାପଡା ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡା କହିଛନ୍ତି ଯେ, ରାଜ୍ୟରେ ସରକାର ଆଉଟସୋର୍ସ ହୋଇଛି। ଆଜି ମୁଖ୍ୟମନ୍ତ୍ରୀ କାହିଁକି ଆଉ କାହା ସହ ଦେଖାଯାଉ ନାହାନ୍ତି କି ମିଶୁନାହାନ୍ତି। କେବଳ ଜଣଙ୍କୁ ତାଙ୍କ ସହ ଦେଖିବାକୁ ମିଳୁଛି। ତାଙ୍କୁ ଏକପ୍ରକାର ନଜର ବନ୍ଦୀ କରାଯାଇଛି। ନବୀନ ବାବୁଙ୍କୁ ନଜର ବନ୍ଦୀ ଅବସ୍ଥାରୁ ଉଦ୍ଧାର କରିବା ଦରକାର ହେଉଛି। ନବୀନ ବାବୁଙ୍କର ଯେଉଁ ଭିଡିଓ ଆସୁଛି ତାହା "ଡିପ୍ ଫେକ" ଭିଡିଓ। କେହି ଜଣେ ତାକୁ ମାଇକ୍ରୋଫୋନ ଧରି କୁହାଉଛି। "ଓଡ଼ିଶାବାସୀ ତାଙ୍କୁ ଭୋଟ ଦେଇ ମୁଖ୍ୟମନ୍ତ୍ରୀ କରିଥିଲେ, ତେଣୁ ବିଷୟରେ ସମସ୍ତେ ଜାଣିବା ଦରକାର"। ଏବେ ଓଡ଼ିଆ ଅସ୍ମିତା ବିପଦରେ।

ସାଂସଦ ପ୍ରତାପ ଷଡଙ୍ଗୀ କହିଛନ୍ତି ଯେ, ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ସୁରକ୍ଷା ବ୍ୟବସ୍ଥା ଜାଣିଶୁଣି ଢ଼ିଲା କରାଯାଇଥିଲା। ସେତେବେଳେ ମୁଖ୍ୟମନ୍ତ୍ରୀଙ୍କ ହାତରେ ଗୃହ ବିଭାଗ ଥିଲା। ଏହି ହତ୍ୟାକାଣ୍ଡ ପଛରେ ଷଡଯନ୍ତ୍ର ଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଉତର ଦିଅନ୍ତୁ।

ସେହିପରି ସାଂସଦ ଅପରାଜିତା ଷଡଙ୍ଗୀ କହିଛନ୍ତି ଯେ, ଓଡ଼ିଶାରେ ନିର୍ଣ୍ଣାୟକ ନିଷ୍ପତି ନେବାର ସମୟ ଆସିଛି। ନିର୍ବାଚନରେ ଆମେ ନେତା ବାଛିବାକୁ ଯାଉଛୁ ନା କ୍ରୀତଦାସ ବାଛିବାକୁ ଯାଉଛୁ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରସଙ୍ଗ ଉଠାଇ ଶ୍ରୀମତୀ ଷଡଙ୍ଗୀ କହିଛନ୍ତି, ଡିପିଆର କାହିଁକି ଭୁଲ ହେଲା ଓ ଏହା ବଦଳା ଗଲା କାହିଁକି ? ଯେଉଁ ପ୍ରାଚୀନ ମଠ ସବୁ ଭଙ୍ଗା ଗଲା କେବେ ତିଆରି ହେବ। ଶ୍ରୀମନ୍ଦିର ପ୍ରକଳ୍ପ ପାଇଁ ୪୨ଶହ କୋଟିର ବ୍ୟୟ ସାର୍ବଜନୀନ କରିବାକୁ ସେ ଦାବି କରିଛନ୍ତି। ଗତ ୫ବର୍ଷ ହେବ ଓଡ଼ିଶାର ଶାସନଭାରକୁ ଜଣେ ହାଇଜାକ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଠାରୁ ସମସ୍ତଙ୍କୁ ଦୂରେ ରଖିଛନ୍ତି ଗୁମାସ୍ତା। ମୁଖ୍ୟମନ୍ତ୍ରୀଙ୍କ ସହ ଦେଖା କରିବାକୁ ଏ ସାନ ବାବୁଙ୍କର ଅନୁମତି ଦରକାର ପଡୁଛି। ବିଜେଡି ନିଜ ଇସ୍ତାହାରରେ ୧୦୦ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ବିଲ୍ ନନେବାକୁ ଘୋଷଣା କରିଛନ୍ତି। ଓଡ଼ିଶାରେ ୪୨% ଶିକ୍ଷିତ ଯୁବ ବର୍ଗ ଏବେ ବେକାରୀ ରହିଛନ୍ତି। ଦେଶର ୨୨ରାଜ୍ୟରେ ହୋଇଥିବା ବେକାରୀ ହାର ସର୍ଭେରେ ଓଡ଼ିଶା ୧ନମ୍ବର ଅଛି।

## ବ୍ରେଡ ଉତ୍ତପମ

ଆବଶ୍ୟକୀୟ ସାମଗ୍ରୀ : ୪/୬ ପିସ ବ୍ରେଡ, ୫ଚାମଚ ସୁଜି, ୫ଚାମଚ ମଇଦା, ଅଧା ଚାମଚ ମଇଦା, ଜିରା, କଞ୍ଚା ଲଙ୍କା, ୨ଚାମଚ କଟା ଅଦା, ଧନିଆ ପତ୍ର, ଅଧା ଚାମଚ ସିମ୍ଲା ଲଙ୍କା, ଟମାଟୋ କଟା ଅଳ୍ପ, ତେଲ ଓ ସ୍ୱାଦ ଅନୁସାରେ ଲୁଣ ।

ପ୍ରସ୍ତୁତ ପ୍ରଣାଳୀ: ବ୍ରେଡ ଉତ୍ତପମ ପ୍ରସ୍ତୁତ କରିବା ପାଇଁ ସର୍ବପ୍ରଥମେ ବ୍ରେଡର ଚାରିପଟକୁ ଛୁରୀରେ କାଟି ବାହାର କରିଦିଅନ୍ତୁ । ତାପରେ ଏକ ମକ୍ସଲର ଗ୍ରାଇଣ୍ଡରରେ ବ୍ରେଡ, ସୁଜି, ମଇଦା, ଦହି, ଲୁଣ ଓ ପାଣି ମିଶାଇ ଭଲଭାବେ ପେଷି ଦିଅନ୍ତୁ । ପ୍ରସ୍ତୁତ ପେଷ୍ଟକୁ ଏକ ପାତ୍ରରେ କାଢି ସେଥିରେ କଟା ଅଦା, ଟମାଟୋ,ଜିରା,ସମିଲା ଲଙ୍କା, କଞ୍ଚା ଲଙ୍କା ଓ ଧନିଆ ପତ୍ର ମିଶାଇ ଭଲଭାବେ ଦିଅନ୍ତୁ । ଧ୍ୟାନ ରଖନ୍ତୁ ଘୋଳ ଯେପରି ବେଶୀ ପତଳା କିମ୍ବା ବେଶୀ ଗାଢା ନହୁଏ । ବର୍ତ୍ତମାନ ଏକ ନନଷ୍ଟିକ ପ୍ୟାନ ଗରମ କରି ସେଥିରେ ଟିକିଏ ତେଲ ଗରମ କରନ୍ତୁ ତାପରେ ପ୍ରସ୍ତୁତ ଘୋଳକୁ ଦେଇ ଉତ୍ତପମ ଆକାରରେ ବୁଲାଇ ଦିଅନ୍ତୁ । ଏହାର ଚାରିପଟେ ମଧ୍ୟ ତେଲ ଲଗାନ୍ତୁ । ତାପରେ ତାକୁ ଓଲଟାଇ ଅନ୍ୟ ପାଖଟି ମଧ୍ୟ ଠିକ୍ ସେହିପରି ସେକି ଦିଅନ୍ତୁ । ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ଆପଣଙ୍କର ବ୍ରେଡ ଉତ୍ତାପମ । ଏହାକୁ ଆପଣ କାଢି ଗରମ ଗରମ ଯେ କୌଣସି ଚଟଣୀ ସହିତ ସର୍ଭ କରନ୍ତୁ ।



### ଖବର

## "ଶ୍ରୀକାନ୍ତ': ତୃତୀୟ ଦିନରେ ୩ ଗୁଣା ବଢିଲା ଆୟ



ମେ' ୧୦ରେ ମୁକ୍ତିଲାଭ କରିଥିବା ରାଜକୁମାର ରାଓ-ଅଲାୟା ଏଫଙ୍କ 'ଶ୍ରୀକାନ୍ତ' ବକ୍ସଅଫିସରେ ଭଲ ପ୍ରଦର୍ଶନ କରୁଛି, ଯାହା ଚର୍ଚ୍ଚାର ବିଷୟ ପାଲଟିଛି । ପ୍ରଥମ ଦିନ ତୁଳନାରେ ତୃତୀୟ ଦିନ ଅର୍ଥାତ ରବିବାର 'ଶ୍ରୀକାନ୍ତ'ର ଆୟ ୩ ଗୁଣା ବୃଦ୍ଧି ପାଇଛି ।ସୂଚନା ଅନୁସାରେ, ପ୍ରଥମ ଦିନରେ ୨.୨୫ କୋଟି ଟଙ୍କା ଆୟ କରିଥିଲା 'ଶ୍ରୀକାନ୍ତ' । ଦ୍ୱିତୀୟ ଦିନ ଏହା ୪.୨ କୋଟିକୁ ବୃଦ୍ଧି ପାଇଥିବାବେଳେ ତୃତୀୟ ଦିନ ଏହା ୫.୫୦ କୋଟି ଟଙ୍କା ଆୟ କରିଛି । ୩ ଦିନରେ 'ଶ୍ରୀକାନ୍ତ' ମୋଟ୍ ୧୧.୯୫ କୋଟି ଟଙ୍କା ଆୟ କରିଛି । ବିଶ୍ୱବ୍ୟାପୀ ଏହି ଅଙ୍କ ପ୍ରାୟ ୧୨ରୁ ୧୩ କୋଟିରେ ପହଞ୍ଚିଛି ।୫୦ କୋଟି ଟଙ୍କାର ବଜେଟ୍ରେ ନିର୍ମିତ 'ଶ୍ରୀକାନ୍ତ'ର ନିର୍ଦ୍ଦେଶନା ଦେଇଛନ୍ତି ତୁଷାର ହୀରାନନ୍ଦାନୀ। ଏଥିରେ ରାଜକୁମାର ରାଓ, ଆଲାୟା ଏଫ୍, ଜ୍ୟୋତିକା ଓ ଶରଦ କେଲକର ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିଛନ୍ତି । ଏହା ଏକ ବାୟୋଗ୍ରାଫିକାଲ୍ ଚଳଚ୍ଚିତ୍ର, ଯାହା ଦୃଷ୍ଟିହୀନ ଶିଳ୍ପପତି ତଥା ବୋଲାଣ୍ଟ ଇଣ୍ଡଷ୍ଟ୍ରିଜ୍ର ପ୍ରତିଷ୍ଠାତା ଶ୍ରୀକାନ୍ତ ବୋଲ୍ଲାଙ୍କ ଜୀବନ କାହାଣୀ ଉପରେ ଆଧାରିତ ।

## ଶିବ ପୁରାଣ

ଭଗବାନ ଶଙ୍କରଙ୍କ ବିଷୟରେ ବର୍ଣ୍ଣନା ଥିବା ଅନେକ ଧର୍ମଗ୍ରନ୍ଥ ପ୍ରଚଳିତ ରହିଛି । ତେବେ ଶିବପୁରାଣକୁ ଅଧିକ ପ୍ରାମାଣିକ ବୋଲି ବିବେଚନା କରାଯାଇଥାଏ । ଏଥିରେ ଦେବ ଦେବ ମହାଦେବଙ୍କ ଅପାର ଲୀଳା ସମ୍ବନ୍ଧରେ ଚମତ୍କାରୀ ବର୍ଣ୍ଣନା ରହିଛି । ଶିବ ପୁରାଣକୁ ଶୈବ ସମ୍ପ୍ରଦାୟର ଅତି ପୂଜନୀୟ ଗ୍ରନ୍ଥ ଭାବେ ବିବେଚନା କରାଯାଇଥାଏ । ଏଥିରେ ଭଗବାନ ଶିବଙ୍କ କଲ୍ୟାଣକାରୀ ରୂପ ସମ୍ପର୍କରେ ବର୍ଣ୍ଣନା ରହିଛି । ଶିବ ପୁରାଣରେ ମୋଟ୍ ୨୪ ହଜାର ଶ୍ଲୋକ ଥିବା ବେଳେ ଏହାକୁ ୭ଟି ସଂହିତାରେ ଭାଗ ଭାଗ କରାଯାଇଛି । ଏହି ସଂହିତାଗୁଡ଼ିକ ହେଉଛି ବିଦ୍ଧେଶ୍ୱର ସଂହିତା, ରୁଦ୍ର ସଂହିତା, ଶତରୁଦ୍ର ସଂହିତା, କୋଟିରୁଦ୍ର ସଂହିତା, ଉମା ସଂହିତା, କୈଳାଶ ସଂହିତା, ବାୟବୀୟ ସଂହିତା । ଏହି ସଂହିତା ମଧ୍ୟରୁ ରୁଦ୍ର ସଂହିତାକୁ ପାଞ୍ଚ ଖଣ୍ଡରେ ବିଭକ୍ତ କରାଯାଇଥିବା ବେଳେ ବାୟବୀୟ ସଂହିତାକୁ ଦୁଇ ଖଣ୍ଡରେ ବିଭକ୍ତ କରାଯାଇଛି ।




## ଡାଇବେଟିସ ଓ ହାଇ ବ୍ଲଡପ୍ରେସର ରୋଗରୁ ରକ୍ଷା କରେ ମେଥି

ମେଥିର ଔଷଧୀୟ ଗୁଣ ବିଷୟରେ ତ ଆପଣ ବହୁତ ଶୁଣିଥିବେ । ପ୍ରାୟ ସମସ୍ତଙ୍କ ଘରେ ଏହାର ବ୍ୟବହାର କରାଯାଇଥାଏ । ଏଥିରେ ଫୋଲିକ ଏସିଡ, ମ୍ୟାଗନେସିୟମ୍, ସୋଡିୟମ, ଜିଙ୍କ, ପକର, ନିୟାସିନ, ଥିୟାମୀନ ଓ କେରୋଟିନ ଇତ୍ୟାଦି ପୋଷକ ତତ୍ତ୍ୱ ମିଳିଥାଏ । ମେଥିରେ ପ୍ରୟୋଗ ସୌନ୍ଦର୍ଯ୍ୟ ବଢାଇବା ପାଇଁ ମଧ୍ୟ କରାଯାଇଥାଏ । ତାହେଲେ ଆସନ୍ତୁ ଜାଣିବା ମେଥିର ସେହି ଔଷଧୀୟ ଗୁଣ ବିଷୟରେ ଯାହା ଆପଣ ପୂର୍ବରୁ କେବେ ବି ଶୁଣିନଥିବେ ।



ବଦହଜମି: ଘରୋଇ ଭାବେ ମେଥିଦାନା ବହୁତ ଉପକାରୀ ହୋଇଥାଏ । ବଦହଜମି ହୋଇଥିଲେ ଅଧାଚାମଚ ମେଥିଦାନାକୁ ପାଣି ସହିତ ପିଇବା ଦ୍ୱାରା ଏହି ସମସ୍ୟା ଦୂର ହୋଇଥାଏ । ଅଣ୍ଟାରେ ଯନ୍ତ୍ରଣା : ଆୟୁର୍ବେଦିକ ଚିକିତ୍ସଙ୍କ ଅନୁଯାୟୀ ଅଣ୍ଟା ଯନ୍ତ୍ରଣାକୁ ଦୂର କରିବା ପାଇଁ ମେଥି ସାହାଯ୍ୟ କରିଥାଏ । ସେଥିପାଇଁ ୧ ଗ୍ରାମ ମେଥି ଦାନା ପାଉଡର ଏବଂ କିଛି ସୁଣ୍ଠି ପାଉଡରକୁ ଗରମ ପାଣି ସହିତ ଦିନକୁ ୨/୩ଥର ପିଇଲେ ସୁଫଳ ମିଳିଥାଏ ।

ଡାଇବେଟିସ : ଏହି ରୋଗଠୁ ଦୂରେଇ ରହିବା ପାଇଁ ପ୍ରତିଦିନ ୧ଚାମଚ ମେଥି ପାଉଡର ପାଣି ସହିତ ପିଅନ୍ତୁ । ଏହା ବ୍ୟତୀତ ଏକ ଚାମଚ ମେଥି ଦାନାକୁ ଏକ କପ ପାଣିରେ ଭିଜାଇ ସାରା ରାତି ଛାଡିଦିଅନ୍ତୁ । ସକାଳୁ ଏହାର ପାଣି ପିଇବା ଦ୍ୱାରା ଓଜନ ସନ୍ତୁଳିତ ରହିଥାଏ ।

ଉଚ୍ଚ ରକ୍ତଚାପ : ଉଚ୍ଚ ରକ୍ତଚାପରେ ମଧ୍ୟ ମେଥି ଖାଇବା ବହୁତ ଲାଭଦାୟକ ହୋଇଥାଏ । ୫ଗ୍ରାମ ମେଥି ଏବଂ ସୋୟାକୁ ପେଷି ସକାଳ ଓ ସନ୍ଧ୍ୟାରେ ପିଇବା ଦ୍ୱାରା ବ୍ଲଡ ପ୍ରେସର ସନ୍ତୁଳିତ ହୋଇ ରହିଥାଏ ।

## ଭଗବାନ ବିଷ୍ଣୁ ଶେଷ ନାଗ ଉପରେ ଶୟନ କରିବା ପଛର କାରଣ



ଭଗବାନ ଶ୍ରୀହରି ବିଷ୍ଣୁ କ୍ଷୀର ସାଗରରେ ଶେଷନାଗ ବା ସର୍ପ ଉପରେ ଶୟନ କରିଥାନ୍ତି । ହିନ୍ଦୁ ଧର୍ମ ଶାସ୍ତ୍ର ଅନୁସାରେ ଶ୍ରୀବିଷ୍ଣୁ ଜଗତର ପାଳନ କର୍ତ୍ତା । ପ୍ରଭୁ ନାରାୟଣ ଉପଯୁକ୍ତ ସମୟରେ ମାନବ ଜାତିର ମାର୍ଗ ଦର୍ଶନ କରିଥାନ୍ତି । ଶାସ୍ତ୍ରରେ ଭଗବାନ ବିଷ୍ଣୁଙ୍କ ସ୍ୱରୂପକୁ ଶାନ୍ତ, ଆନନ୍ଦମୟୀ ତଥା କୋମଳ କୁହାଯାଇଥାଏ । ଭଗବାନ ବିଷ୍ଣୁ ଶେଷନାଗ ଉପରେ ଆନନ୍ଦ ମୁଦ୍ରାରେ ଶୟନ କରିଥାନ୍ତି । ଭଗବାନଙ୍କର ଏହି ସ୍ୱରୂପକୁ ଲକ୍ଷ୍ୟରେ ରଖି ଶାସ୍ତ୍ରରେ ଉଲ୍ଲେଖ କରାଯାଇଛି 'ଶାନ୍ତାକାରଂ ଭୁଜଙ୍ଗଶୟନଂ' ଏହାର ଅର୍ଥ ଶାନ୍ତ ସ୍ୱରୂପ ତଥା ଭୁଜଙ୍ଗ ବା ଶେଷନାଗ ଉପରେ ଶୟନ କରୁଥିବା ଦେବତା ହେଉଛନ୍ତି ଭଗବାନ ବିଷ୍ଣୁ ।

ଭଗବାନଙ୍କର ଏହି ସ୍ୱରୂପକୁ ଦେଖିଲା ପରେ ମନକୁ ପ୍ରଶ୍ନ ଆସିଥାଏ, କିପରି କାଳର ଛାୟାରେ ରହି ମଧ୍ୟ ଶେଷନାଗ ଉପରେ ଶୟନ କରିଛନ୍ତି ପ୍ରଭୁ । ହିନ୍ଦୁ ଧର୍ମ ଅନୁସାରେ ଶେଷନାଗ ଭଗବାନ ବିଷ୍ଣୁଙ୍କ ଶକ୍ତିର ପ୍ରତୀକ । ବାସ୍ତବରେ ମାନବ ଜୀବନର ପ୍ରତ୍ୟେକ ସମୟ କର୍ତ୍ତବ୍ୟ ଏବଂ ଦାୟିତ୍ୱ ସହିତ ଜଡ଼ିତ, ଯାହା ପାରିବାରିକ, ସାମାଜିକ ଏବଂ ଆର୍ଥିକ ଦାୟିତ୍ୱ ସହିତ ଜଡ଼ିତ ରହିଛି । କିନ୍ତୁ ଏହି ସବୁ ଦାୟିତ୍ୱ ପୂରା କରିବା ସହିତ ଅନେକ ସମସ୍ୟା ମଧ୍ୟ ଆସିଥାଏ, ଯାହା କାଳ ରୂପୀ ନାଗ ଭଳି ହୋଇଥାଏ । କିଛି ସମୟରେ ବ୍ୟକ୍ତି ଦୁଃଖରେ ଭାଙ୍ଗି ପଡ଼ିଥିବା ସମୟରେ ଭଗବାନ ବିଷ୍ଣୁ ଶାନ୍ତ ସ୍ୱରୂପ ଧୈର୍ଯ୍ୟ ଦେବା ସହିତ ଜୀବନର ସବୁ କଷ୍ଟକୁ ଦୂର କରିବାର ପ୍ରେରଣା ଦେଇଥାଏ ।

ହିନ୍ଦୁ ପୌରାଣିକ କଥା ଅନୁସାରେ ଶେଷନାଗ ନିଜର କୁଣ୍ଡଳୀରେ ସମସ୍ତ ଗ୍ରହକୁ ଧରି ରଖିଥାନ୍ତି ଏବଂ ଭଗବାନ ବିଷ୍ଣୁଙ୍କର ମନ୍ତ୍ର ଉଚ୍ଚାରଣ କରିଥାନ୍ତି । ଯଦି ଭଗବାନ ବିଷ୍ଣୁ ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡ, ଗ୍ରହ ଏବଂ ତାରାମାନଙ୍କର ପ୍ରତୀକ ଅଟନ୍ତି ତେବେ ବାସ୍ତବରେ ଏହାର ମହତ୍ୱ ସଠିକ୍ । ଭଗବାନ ବିଷ୍ଣୁ ଏବଂ ଶେଷନାଗଙ୍କ ମଧ୍ୟରେ ସମ୍ବନ୍ଧ ଶାଶ୍ୱତ । ପୁରାଣରେ କୁହାଯାଇଛି, ଭଗବାନ ବିଷ୍ଣୁଙ୍କର ଅନନ୍ତଶୟନ ରୂପ ହେଉଛି ସମୟର ମାର୍ଗ ଦର୍ଶକ । ଖରାପ ଶକ୍ତିକୁ ବିନାଶ କରିବା ପାଇଁ ଭଗବାନ ବିଷ୍ଣୁଙ୍କର ପ୍ରତ୍ୟେକ ଅବତାରରେ ଶେଷନାଗ ଜଡ଼ିତ ଅଛନ୍ତି ଏବଂ ସେ ବିଶ୍ୱକୁ ପାପରୁ ରକ୍ଷା କରିଥିଲେ ।

ତ୍ରେତୟା ଯୁଗରେ ଶେଷନାଗ ଲକ୍ଷ୍ମଣ ରୂପ ଏବଂ ଦ୍ୱାପର ଯୁଗରେ ବଳରାମଙ୍କ ଅବତାର ଧାରଣ କରିଥିଲେ । ଏହି ଦୁଇ ଜନ୍ମରେ ସେ ଭଗବାନ ରାମ ଏବଂ କୃଷ୍ଣଙ୍କର ସହାୟତା କରିଥିଲେ । ମହାଭାରତ ଆଦିପର୍ବ ଆସ୍ତିକ ଉପପର୍ବର ୩୬ତମ ଅଧ୍ୟାୟ ଶ୍ଳୋକରେ ଉଲ୍ଲେଖ କରାଯାଇଛି, ଭଗବାନ ବ୍ରହ୍ମା ପୃଥିବୀକୁ ନିଜ ଉପରେ ଧାରଣ କରିବା ପାଇଁ ଶେଷନାଗଙ୍କୁ କହିଥିଲେ ।

## ଶନି ଶୁଭ ହେଲେ ମାନ, ସମ୍ମାନ, ପଦ, ପ୍ରତିଷ୍ଠା ମିଳିଥାଏ

ଶନିଦେବଙ୍କୁ କର୍ମଫଳ ଦାତା କୁହାଯାଏ । ଅର୍ଥାତ କର୍ମ ଅନୁସାରେ ଫଳ ପ୍ରଦାନ କରିବା ବାଲା ଗ୍ରହ । ଶନିଦେବଙ୍କୁ ଅସନ୍ତୁଷ୍ଟ କରିବା ଅନୁଚିତ । କାରଣ କଳିଯୁଗରେ ଶନି ଏକ



ମୁଖ୍ୟ ଗ୍ରହ ଭାବେ ଫଳ ପ୍ରଦାନ କରିଥାନ୍ତି । ଶନି ଶୁଭ ହେଲେ ମାନ, ସମ୍ମାନ, ପଦ, ପ୍ରତିଷ୍ଠା ମିଳିଥାଏ । ଶନି ଅଶୁଭ ହେଲେ ପଦ ପ୍ରତିଷ୍ଠା ନେଇଯାଇଥାନ୍ତି । ଟଙ୍କା ପଇସାର ଅଭାବର ଦେଖାଯାଇଥାଏ । ସମ୍ପର୍କ ଖରାପ କରିଦେଇଥାଏ । ଏପରିକି ଛାଡପତ୍ର ଭଳି ସମସ୍ୟା ମଧ୍ୟ ସୃଷ୍ଟି କରିଥାନ୍ତି । ଶନି ଭୟଙ୍କର ଖରାପ ହେଲେ ଜେଲ ମଧ୍ୟ ପଠାଇ ଦେଇଥାନ୍ତି । ଗମ୍ଭୀର ରୋଗ ଦେଇ ଜୀବନକୁ କଷ୍ଟରେ ଭରିଦେଇଥାନ୍ତି ।

ଶନି କେବେ ଦେଇଥାନ୍ତି ଅଶୁଭ ଫଳ

ଶନି ନିୟମ ଓ ଅନୁଶାସନର ଅତି ପ୍ରିୟ ହୋଇଥାନ୍ତି । ଯେଉଁ ଲୋକ ଏହାକୁ ପାଳନ କରନ୍ତି ନାହିଁ । ନିୟମ ଭାଙ୍ଗିଥାନ୍ତି ଓ ଭୁଲ ଢଙ୍ଗରେ ଆଚରଣ କରିଥାନ୍ତି । ଶନି କେବେ ତାଙ୍କୁ କ୍ଷମା କରିନଥାନ୍ତି । ସମୟ କ୍ରମେ ଖରାପ ଫଳ ପ୍ରଦାନ କରିଥାନ୍ତି ।

୧. ପରିଶ୍ରମ କରି ପେଟ ପୋଷୁଥିବା ଲୋକଙ୍କୁ କେବେ ହଇରାଣ କରନ୍ତୁ ନାହିଁ । ଏମାନଙ୍କ ହକ କେବେ ନିଅନ୍ତୁ ନାହିଁ । ଯିଏ ଏପରି କରିଥାନ୍ତି, ଶନି ସମୟ ଆସିଲେ ଉପଯୁକ୍ତ ଦଣ୍ଡ ଦେଇଥାନ୍ତି ।

୨. ଶନି ସେହି ଲୋକଙ୍କ ସବୁ କିଛି ନେଇଯାଇଥାନ୍ତି, ଯିଏ ଅନ୍ୟର ଖରାପ କରିଥାନ୍ତି । ଅନ୍ୟକୁ କଷ୍ଟ ପହଞ୍ଚାଇବା ପାଇଁ ଯୋଜନା କରିଥାନ୍ତି । ଏପରି ଲୋକଙ୍କୁ ଶନି ନିଜର ଦଶା, ଅନ୍ତର୍ଦ୍ଦଶା, ସାଢ଼ ସାତି ଓ ଦେଢ଼ୀ ଆସିଲେ ଅଶୁଭ ଫଳ ପ୍ରଦାନ କରିଥାନ୍ତି ।

୩. ନିଜ ପଦର ଅଂହକାର କରିବା, ଧନର ଦେଖାଇହେବା, ନିଜ ଅଧିକାରର ଭୁଲ ପ୍ରୟୋଗ କରିବା ବାଲାଙ୍କୁ ମଧ୍ୟ ଶନି କ୍ଷମା କରିନଥାନ୍ତି । ଶନି ଏପରି ଲୋକଙ୍କୁ କଠୋର ଦଣ୍ଡ ଦେଇଥାନ୍ତି ।

୪. ପ୍ରକୃତି ଓ ଜୀବ ଜନ୍ତୁଙ୍କୁ କ୍ଷତି ପହଞ୍ଚାଇବା କଥା ନୁହେଁ । ଏହାଦ୍ୱାରା ଶନିଦେବ ଅସନ୍ତୁଷ୍ଟ ହୋଇଯାଇ ଥାନ୍ତି । ଯେତେଦୂର ସମ୍ଭବ ଏହାର ସଂରକ୍ଷଣ ଓ ସୁରକ୍ଷା କରିବା ଦରକାର ।

# ଦଳ ବଦଳ ନେତା

ଓଡ଼ିଶାରେ ଏହାର ମାତ୍ରା ଟିକେ ଅଧିକ। କାରଣ ଏଠାରେ ଲୋକସଭା ସହିତ ଏକକାଳୀନ ବିଧାନସଭା ନିର୍ବାଚନ ମଧ୍ୟ ହେଉଛି। ନିର୍ବାଚନରେ ଦଳୀୟ ପ୍ରାର୍ଥୀ ହେବାକୁ ଅନେକ ଆଶାୟୀ ଅଛନ୍ତି। ଯେଉଁମାନେ ଟିକେଟ ନପାଇବା ଆଶଙ୍କା କରୁଛନ୍ତି ବା ଏକ ନିର୍ଦ୍ଦିଷ୍ଟ ଦଳରେ ରହି ଜିତିବା ସମ୍ଭବ ଭାବୁ ନାହାଁନ୍ତି, ସେମାନେ ସେହି ଦଳରୁ ଇସ୍ତଫା ଦେଇ ଅନ୍ୟ ଦଳରେ ଆଶ୍ରୟ ନେଉଛନ୍ତି। କୌଣସି ନେତା ନୀତି, ନୈତିକତା ଆଧାରରେ ଦଳ ତ୍ୟାଗ କରୁ ନାହାଁନ୍ତି। ଏହା ସେମାନଙ୍କ ସୁବିଧାବାଦ ରାଜନୀତିର ପରିପ୍ରକାଶ। କଂଗ୍ରେସରୁ ଇସ୍ତଫା ଦେଇଥିବା ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଏହାକୁ ପରୋକ୍ଷରେ ସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ, ଚଳିତ ବର୍ଷ ନିର୍ବାଚନରେ ଜିତିବା ତାଙ୍କ ପାଇଁ ନିହାତି ଜରୁରୀ। କଂଗ୍ରେସରେ ରହି ବିଧାନସଭାକୁ ଯିବା ଅସମ୍ଭବ ମନେ କରି ସେ ଦଳରୁ ଇସ୍ତଫା ଦେଇଛନ୍ତି ବୋଲି କହିଛନ୍ତି। ସମ୍ଭବତଃ ସେ ବିଜୁ ଜନତା ଦଳରେ ସାମିଲ ହେବାକୁ ଯାଉଛନ୍ତି। ୨୦୧୯ରେ ମଧ୍ୟ ଏଭଳି ଚର୍ଚ୍ଚା ହେଉଥିଲା। କିନ୍ତୁ ତାହା କାର୍ଯ୍ୟକାରୀ ହୋଇନଥିଲା। ନିର୍ବାଚନରେ ଗଣେଶ୍ୱର ବେହେରା କଂଗ୍ରେସ ଦଳର ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। ଏଥର ମଧ୍ୟ ସେ କଂଗ୍ରେସ ପ୍ରାର୍ଥୀ ହେବା ସୁନିଶ୍ଚିତ ଥିଲା। କିନ୍ତୁ କଂଗ୍ରେସ ପଛରେ ଜନସମର୍ଥନ ନଥିବା ଅନୁଭବ କରି ସେ ନିଜ ଦଳରୁ ଇସ୍ତଫା ଦେଲେ। ଗଣେଶ୍ୱର ବେହେରା କହିଛନ୍ତି ଯେ, ସେ କଂଗ୍ରେସ ଦଳ ଛାଡ଼ିଛନ୍ତି। କିନ୍ତୁ ପ୍ରସଙ୍ଗ ଛାଡ଼ି ନାହାଁନ୍ତି। ଅର୍ଥାତ କଂଗ୍ରେସ ଦଳ ପ୍ରତି ତାଙ୍କ ଆନୁଗତ୍ୟ ଏବଂ କଂଗ୍ରେସର ନୀତିକୁ ସେ ପରିତ୍ୟାଗ କରି ନାହାଁନ୍ତି। ଗଣେଶ୍ୱର ବେହେରାଙ୍କ ବକ୍ତବ୍ୟରୁ ଅନେକ କଥା ସ୍ପଷ୍ଟ ହୋଇଯାଇଛି। ପ୍ରଥମ କଥା ହେଲା ଓଡ଼ିଶାରେ କଂଗ୍ରେସର ସ୍ଥିତି ଅତି ଖରାପ ଏବଂ ଏହି ଦଳରୁ ପ୍ରାର୍ଥୀ ହୋଇ ବିଜୟ ଲାଭ କରିବା ସମ୍ଭାବନା କ୍ଷୀଣ। ତାଙ୍କର ଏହି ବକ୍ତବ୍ୟ ରାଜ୍ୟରେ କଂଗ୍ରେସ କର୍ମୀଙ୍କୁ ନିରାଶ କରିଥିବ ନିଶ୍ଚୟ। ଗଣେଶ୍ୱର ବେହେରା ସ୍ପଷ୍ଟ କରିଛନ୍ତି ଯେ, ବିଧାନସଭାକୁ ଯିବା ବା ବିଧାୟକ ହେବା ତାଙ୍କର ଏକମାତ୍ର ଲକ୍ଷ୍ୟ। ଏହି ଲକ୍ଷ୍ୟ ହାସଲ ପାଇଁ ସେ ଦଳତ୍ୟାଗ କରିଛନ୍ତି । କୌଣସି ନୀତି ଆଦର୍ଶ ବା ବିଚାରଧାରା ଯୋଗୁ ସେ କଂଗ୍ରେସ ଦଳ ଛାଡ଼ି ନାହାଁନ୍ତି କିମ୍ବା ଯେଉଁ ଦଳରେ ଯୋଗ ଦେବାକୁ ଯାଉଛନ୍ତି ସେହି ଦଳର ନୀତି ବା ନେତୃତ୍ୱ ପ୍ରତି ଆସ୍ଥା ରଖି ସେ ଏହି ପଦକ୍ଷେପ ନେଇ ନାହାଁନ୍ତି। ଏହା ସମ୍ପୂର୍ଣ୍ଣ ଭାବେ ତାଙ୍କ ତାଙ୍କ ବ୍ୟକ୍ତିଗତ ଆଶା ଓ ଆକାଂକ୍ଷା ପୂରଣ ଲାଗି ଉଦ୍ଦିଷ୍ଟ। ତାଙ୍କୁ ଏଥିପାଇଁ ଧନ୍ୟବାଦ ଦେବାକୁ ପଡ଼ିବ ଯେ, ସେ ସତ କଥା କହିଛନ୍ତି। ଅନ୍ୟମାନେ ଲୋକଙ୍କୁ ମିଛ କହି ଦଳ ବଦଳକରନ୍ତି। କେବଳ ଗଣେଶ୍ୱର ବେହେରା ନୁହଁନ୍ତି, କଂଗ୍ରେସର ଅନେକ ନେତା ଓ କର୍ମୀ ନିଜ ଦଳରୁ ଇସ୍ତଫା ଦେଇ ବିଜେଡି ବା ବିଜେପିରେ ସାମିଲ ହେଉଛନ୍ତି। ଅତୀତରେ ସେମାନେ ବିଜେଡିକୁ ଅନେକ ସମାଲୋଚନା କରିଛନ୍ତି। କିନ୍ତୁ ଏବେ ସେମାନଙ୍କ ପାଇଁ ବିଜେଡି ଏବଂ ନବୀନ ପଟ୍ଟନାୟକ ଗ୍ରହଣୀୟ ହୋଇଗଲେ । କିଛି ଦିନ ତଳେ କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ ହୋଇଥିବା ଅଂଶୁମାନ ମହାନ୍ତି କେନ୍ଦ୍ରାପଡ଼ା ଲୋକସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ହୋଇଛନ୍ତି। କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ପୁଅ ମନ୍ମଥ ରାଉତରାୟ କଂଗ୍ରେସ ଛାଡ଼ି ବିଜେଡିରୁ ଭୁବନେଶ୍ୱର ଲୋକସଭା ଆସନ ପାଇଁ ପ୍ରାର୍ଥୀ ହୋଇଛନ୍ତି। ସେହିପରି କଂଗ୍ରେସର ପୂର୍ବତନ କାର୍ଯ୍ୟକାରୀ ସଭାପତି ଚିରଞ୍ଜିବ ବିଶ୍ୱାଳ କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି। ଅତୀତରେ କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ ହୋଇଥିବା ଅନେକ ନେତା ସାଂସଦ ଓ ବିଧାୟକ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ପୂର୍ବତନ କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ, ନବ ଦସ(ସ୍ୱର୍ଗତ), ପୂର୍ବତନ ମନ୍ତ୍ରୀ ତଥା ତତ୍କାଳୀନ ବିରୋଧୀ ଦଳନେତା ଭୂପିନ୍ଦର ସିଂହ, ପିନାକୀ ମିଶ୍ର, ସୌମ୍ୟ ରଞ୍ଜନ ପଟ୍ଟନାୟକ ପ୍ରମୁଖ।

# ପ୍ରତିଯୋଗିତାମୂଳକ ମାଗଣା ରାଜନୀତି ଓ ଆର୍ଥିକ ଶୃଙ୍ଖଳା

**॥ କୃଷ୍ଣ ଚନ୍ଦ୍ର ବଡୁ ॥**

*ଇତିମଧ୍ୟରେ ଦେଶର ବିଭିନ୍ନ୍ୟ ରାଜ୍ୟ ସରକାର ମାଗଣା ଦ୍ରବ୍ୟ ବଣ୍ଟନ ବ୍ୟବସ୍ଥାଉପରେ ଆପତ୍ତି ଉଠାଇ ଆଇନଜୀବୀ ଅଶ୍ୱିନା ଉପାଧ୍ୟାୟକ ତରଫରୁ ସୁପ୍ରିମ କୋଟରେ ଏକ ଜନସ୍ୱାର୍ଥ ମାମଲା ଉପରେ ଗତ ୩ ତାରିଖରେ ଶୁଣାଣି କରି ମାଗଣାଦ୍ରବ୍ୟ ବଣ୍ଟନ ବ୍ୟବସ୍ଥାକୁ ନେଇ ଉପୁଜୁଥିବା ପରିସ୍ଥିତିର ମୁକାବିଲାପାଇଁ ପଦକ୍ଷେପ ନେବାକୁ ମାନ୍ୟବର ସୁପ୍ରିମକୋଟ, କେନ୍ଦ୍ର ସରକାର, ନୀତି ଆୟୋଗ, ଅର୍ଥ କମିଶନ ଓ ରିଜର୍ଭ ବ୍ୟାଙ୍କକୁ ପରାମର୍ଶ ଦେଇଛନ୍ତି ।*

ବିଜୁଳି, ପାଣି, ଚାଉଳ, ଗହମ ବିଭିନ୍ନ ପ୍ରକାର ସବ୍‌ସିଡିରେ ମାଗଣାରେ ବା ସ୍ୱଳ୍ପ ମୂଲ୍ୟରେ ଦେବାକୁ ଓ କେତେକ କ୍ଷେତ୍ରରେ ବିଭିନ୍ନ ରାଜନୈତିକ ଦଳମାନେ ପ୍ରତ୍ୟେକ ନିର୍ବାଚନ ପୂର୍ବରୁ ତୀବ୍ର ପ୍ରତିଯୋଗିତାରେ ଏକକୁ ଏକ ବଳିଯାଉଛନ୍ତି । ସେହିପରି ବିଭିନ୍ନ ସମୟରେ ବ୍ୟାଙ୍କଠାରୁ ଋଣନେଇ ନିର୍ବାଚନପୂର୍ବରୁ ଋଣଛାଡ ଘୋଷଣାରେ ବିଭିନ୍ନ ପ୍ରକାର ଋଣଛାଡ ଯୋଜନା ଘୋଷଣା କରାଯାଇଛି । ନିର୍ବାଚନ ରାଜନୀତି ମାଗଣାଖିଆ କିମ୍ବା ରିହାତି ସୂତ୍ରରେ ନାମକୁମାତ୍ର ମୂଲ୍ୟ ବିନିମୟରେ ଲୋକଙ୍କୁ ବିଭିନ୍ନ ସାମଗ୍ରୀ ଯୋଗାଣଯୋଗୁଁ ବିପୁଳ ଅର୍ଥ ସହକାରୀ ତହବିଲରୁ ଖର୍ଚ୍ଚହେଉଛି । ଯାହାଫଳରେ ଉନ୍ନୟନକାମରେ ବାଧକ ସାଜିଛି ଏହି ମାଗଣାଖିଆ ଅପସଂସ୍କୃତିକୁ ପ୍ରୋତ୍ସାହିତ କରୁଥିବାରୁ ଆମ କର୍ମସଂସ୍କୃତି ଦିନକୁ ଦିନ ଅବକ୍ଷୟ ହେବାରେ ଲାଗୁଛି ମାଗଣା ବା ରିହାତି ସୂତ୍ରରେ ନାମକୁ ମାତ୍ର ମୂଲ୍ୟ ବିନିମୟରେ ଲୋକଙ୍କୁ କର୍ମବିମୁଖ କରିବା ସଙ୍ଗେସଙ୍ଗେ ତାହା ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଘୋର ବାଧକ ସାଜିଛି ।

ଏତଦ୍‌ବ୍ୟତୀତ ବିଭିନ୍ନ ରାଜ୍ୟ ସ୍ତରରେ ଏକ ହଜାରରୁ ଅଧିକ ଯୋଜନା ଶ୍ରମ ସଂସ୍କୃତିକୁ ଏଭଳି ବିଗାଡିଦେଇଛି ଯେ ସରକାରୀ ଯୋଜନାର ସଦୁପଯୋଗକରି ନିଜେ ସ୍ୱାବଲମ୍ବୀ ହେବାର ମାନସିକତା ସେମାନେ ହରାଉଛନ୍ତି । ଅନ୍ୟପକ୍ଷରେ ସେଗୁଡିକ ରାଜନୈତିକ କାର୍ଯ୍ୟକ୍ରମର ଅଂଶବିଶେଷ ହୋଇଯାଇଥିବାରୁ ଅନେକ କ୍ଷେତ୍ରରେ ବେଶ ସକ୍ଷମ ଓ ସମ୍ପନ୍ନ ପରିବାର କୌଶଳକ୍ରମେ ହିତାଧିକାରୀ ତାଲିକାର ଅଗ୍ରଭାଗରେ ଆସନ ଜମାଇଛନ୍ତି । କିନ୍ତୁ ଅନେକ କ୍ଷେତ୍ରରେ ପ୍ରକୃତ ଗରିବ, ଅସହାୟ, ଭିନ୍ନକ୍ଷମ, ବେସାହାରା ବୁଢାବୁଢି, ବାପ ମାଆ ଛେଉଣ୍ଡ ପୁଅ ଝିଅ ଇତ୍ୟାଦି ହିତାଧିକାରୀ ତାଲିକାରେ ରହିବାପାଇଁ ବାରଦୁଆର ହେଉଛନ୍ତି । ସକ୍ଷମ ଓ ଥିଲାବାଲା ଲୋକଙ୍କର ପ୍ରାଧାନ୍ୟ କେବଳ ବ୍ୟବସ୍ଥାକୁ କଳୁଷିତ କରୁନାହିଁ, ଯୋଜନାର ଉଦ୍ଦେଶ୍ୟ ଲକ୍ଷଭ୍ରଷ୍ଟ ହେବାର ଅନ୍ୟତମ କାରଣ ହୋଇଛି ।

୨. ଏହିଭଳି ଭୋଟର ତୁଷ୍ଟିକରଣ ରାଜନୀତି ରାଜ୍ୟ ତଥା ଦେଶର ବିପୁଳ ପରିମାଣର ଧନରାଶି ରାଜ୍ୟ ତଥା ଦେଶର ଆର୍ଥିକ ଶୃଙ୍ଖଳାକୁ ବିଗାଡିଦେଉଛି । ରାଜ୍ୟ ତଥା ଦେଶର ଆର୍ଥିକ ସମ୍ବଳ ଅନ୍ୟସବୁ ଜରୁରୀ କାର୍ଯ୍ୟ ରାଜସ୍ୱ ନିଅଣ୍ଟ କ୍ରମାଗତଭାବେ ବଢି ବଢି ଯିବାହେତୁ ଅଧିକରୁ ଅଧିକ କେନ୍ଦ୍ର ତଥା ରାଜ୍ୟମାନଙ୍କୁ ଋଣ କରିବାକୁପଡୁଛି । ଏଠାରେ ସ୍ପଷ୍ଟ କରିଦେବା ଜରୁରୀ ଯେ କେନ୍ଦ୍ର ଏବଂ ରାଜ୍ୟମାନେ ଜନସାଧାରଣଙ୍କଠାରୁ ଆଦାୟ କରୁଥିବା ଟିକସ, ଅଣଟିକସ ହିଁ ସବୁପ୍ରକାର ତୁଷ୍ଟିକରଣ ଯୋଜନାରେ ବ୍ୟୟହେଉଛି । ରାଜସ୍ୱ ନିଅଣ୍ଟ ବଢି ବଢି ଚାଲିଥିବାରୁ କେନ୍ଦ୍ର ତଥା ରାଜ୍ୟମାନଙ୍କୁ ବର୍ଷକୁ ବର୍ଷ ଅଧିକରୁ ଅଧିକ ଋଣ କରୁଛନ୍ତି ଏବଂ ଏହି ମୂଳ ଋଣ ପରିଶୋଧ ଓ ଋଣ ଉପରେ ବଢି ବଢି ଚାଲିଥିବା ସୁଧ ଦେୟର ଭାରକୁ ଜନସାଧାରଣଠାରୁ ଆଦାୟ କରାଯାଉଥିବା ଟିକସ ଓ ଅଣଟିକସ ହିଁ ବ୍ୟବହାର ହେଉଛି ।

୩. ଇତିମଧ୍ୟରେ ଦେଶର ବିଭିନ୍ନ୍ୟ ରାଜ୍ୟ ସରକାର ମାଗଣା ଦ୍ରବ୍ୟ ବଣ୍ଟନ ବ୍ୟବସ୍ଥାଉପରେ ଆପତ୍ତି ଉଠାଇ ଆଇନଜୀବୀ ଅଶ୍ୱିନା ଉପାଧ୍ୟାୟକ ତରଫରୁ ସୁପ୍ରିମ କୋଟରେ ଏକ ଜନସ୍ୱାର୍ଥ ମାମଲା ଉପରେ ଗତ ୩ ତାରିଖରେ ଶୁଣାଣି କରି ମାଗଣାଦ୍ରବ୍ୟ ବଣ୍ଟନ ବ୍ୟବସ୍ଥାକୁ ନେଇ ଉପୁଜୁଥିବା ପରିସ୍ଥିତିର ମୁକାବିଲାପାଇଁ ପଦକ୍ଷେପ ନେବାକୁ ମାନ୍ୟବର ସୁପ୍ରିମକୋଟ, କେନ୍ଦ୍ର ସରକାର, ନୀତି ଆୟୋଗ, ଅର୍ଥ କମିଶନ ଓ ରିଜର୍ଭ ବ୍ୟାଙ୍କକୁ ପରାମର୍ଶ ଦେଇଛନ୍ତି ।

୪. ଆଗରୁ ଏକାଦଶ, ଦ୍ୱାଦଶ, ତ୍ରୟୋଦଶ, ଚତୁର୍ଦ୍ଦଶ ଅର୍ଥ କମିଶନ ମନଇଚ୍ଛା ଋଣ ବଢାଇବା, ଲଗାମବିହିନ ଅଣଉତ୍ପାଦିକ ରାଜସ୍ୱ ଖର୍ଚ୍ଚ ଆଖିବୁଜା ବଢେଇଚାଲିବା, Unmerited Subsidy etc. ଭୋଟ ସନ୍ତୁଷ୍ଟିକରଣପାଇଁ ବଢେଇଚାଲିବା ଇତ୍ୟାଦିକୁ ନିର୍ଦ୍ଦିଷ୍ଟ ସୀମାଭିତରକୁ କମାଇବା ଏବଂ ରାଜସ୍ ରାଜ୍ୟର ଘରୋଇ ଉତ୍ପାଦକ ବା ଜିଏସ୍ଡିପ(GSDP) (Gross State Domestic Product) ଭିତ୍ତିକରି ଅଧିକ ରାଜସ୍ ଆଦାୟ କରିବାକୁ ପରାମର୍ଶ ଦେଇଆସିଛନ୍ତି । ଅନେକ ବଡବଡ ଓ ସମୃଦ୍ଧଶାଳି ରାଜ୍ୟମାନଙ୍କର ରାଜସ୍ ଆୟ ଓ ଅଣଯୋଜନା ଖର୍ଚ୍ଚ ମଧ୍ୟରେ ବ୍ୟବଧାନ ନଥିବା କାରଣରୁ ସେହିପରି କେତେକ ରାଜ୍ୟକୁ ଅଣଯୋଜନା ରାଜସ୍ୱ ନିଅଣ୍ଟ ଅନୁଦାନ (Non Plan Revenue Deficit Grant)ମିଳିବାପାଇଁ ଆବଶ୍ୟକତା ନଥିଲା ସେହି ସମୃଦ୍ଧିଶାଳୀ କେତେକ ରାଜ୍ୟ ଏବେ କିନ୍ତୁ ଦ୍ୱାଦଶ, ତ୍ରୟୋଦଶ, ଚତୁର୍ଦ୍ଦଶ ଓ ପଞ୍ଚଦଶ କମିଶନଙ୍କ ଆର୍ଥିକ ସଂସ୍କାର କାର୍ଯ୍ୟ କରିବାପାଇଁ ସୁପାରିଶ କରିଥିଲେ ମଧ୍ୟ ଏମାନେ ବିଭିନ୍ନ ଅର୍ଥ କମିଶନଙ୍କ ସୁପାରିଶରେ ବିପୁଳ ପରିମାଣର ଅଣଯୋଜନା ରାଜସ୍ୱ ନିଅଣ୍ଟ ଅନୁଦାନ ପାଉଛନ୍ତି ।

ଏକାଦଶ କମିଶନ (୨୦୦୦-୨୦୦୫) ୫ ବର୍ଷପାଇଁ ମୋଟ ୩୫୩୫୯.୦୭ କୋଟି ଟଙ୍କା ଅଣଯୋଜନା ରାଜସ୍ୱ ନିଅଣ୍ଟ ଅନୁଦାନ ମଧ୍ୟରୁ ପଶ୍ଚିମବଙ୍ଗ ୩୨୪୬.୦୯ କୋଟି, ଉତ୍ତର ପ୍ରଦେଶ ୧୦୨୬.୭୪, ପଞ୍ଜାବ ୨୮୧.୧୧, ରାଜସ୍ଥାନ ୧୨୪୪.୪୮, ସିକିମ ୮୪୦.୫୮, ଓଡିଶା ୬୭୩.୬୦, ହିମାଞ୍ଚଳ ପ୍ରଦେଶ ୪୫୪୯୨.୧୯, ମଣିପୁର ୧୭୪୪.୯୪, ମେଘାଳୟ ୧୫୭୨.୩୮, ମିଜୋରମ ୧୬୭୬.୩୦, ନାଗଲାଣ୍ଡ ୩୫୩୬.୨୪, ଜାମ୍ମୁ ଓ କାଶ୍ମୀର ୧୧୨୧୧.୧୯ କୋଟି ଇତ୍ୟାଦି ପାଇଥିଲେ ।

ସେହିପରି ଦ୍ୱାଦଶ କମିଶନ (୨୦୦୫-୨୦୧୦) ୫ ବର୍ଷପାଇଁ ଏବଂ ପ୍ରଥମ ବର୍ଷ ୨୦୦୫-୦୬ ପାଇଁ ଯଥାକ୍ରମେ ମୋଟ ୫୬୮୫୫.୮୭ କୋଟି ଓ ୧୫୦୯୧.୮୬ କୋଟି ଟଙ୍କା ଅଣଯୋଜନା ରାଜସ୍ୱ ନିଅଣ୍ଟ ଅନୁଦାନ ସୁପାରିଶ କରିଥିଲେ । ସେଥିମଧ୍ୟରୁ ପଶ୍ଚିମବଙ୍ଗ ୨୦୦୫-୦୬ ପାଇଁ ୨୪୩୮.୯୦ କୋଟି ଓ ୨୦୦୫-୧୦ ପାଇଁ ମୋଟ ୩୦୪୪.୭୨ କୋଟି, ପଞ୍ଜାବ ୫ ବର୍ଷପାଇଁ ୩୧୩୨.୬୭ କୋଟି ଏବଂ ପ୍ରଥମ ବର୍ଷପାଇଁ ୧୫୫୬.୫୩ କୋଟି, କେରଳ ଗୋଟିଏ ବର୍ଷପାଇଁ ୪୭୦.୩୭ କୋଟି, ଆସାମ ଏକବର୍ଷପାଇଁ ୩୦୫.୬୨ କୋଟି, ଓଡିଶା ଏକବର୍ଷପାଇଁ ୪୮୮.୦୪ କୋଟି, ଅରୁଣାଚଳ ପ୍ରଦେଶ ୫ ବର୍ଷପାଇଁ ୧୩୫୭.୮୮ ଏବଂ ୨୦୦୫-୦୬ ପାଇଁ ୨୭୧.୮୪ କୋଟି, ଜାମ୍ମୁ ଓ କାଶ୍ମୀର ୫ ବର୍ଷପାଇଁ ୧୨୩୫୩.୪୬ ଏବଂ ୨୦୦୫-୦୬ ପାଇଁ ୨୪୫୮.୫୬ କୋଟି, ତ୍ରିପୁରା ୫ ବର୍ଷପାଇଁ ୫୪୯୪.୨୦ ଏବଂ ୨୦୦୫-୦୬ ପାଇଁ ୧୦୪୧.୯୧ କୋଟି, ମିଜୋରମ ୫ ବର୍ଷପାଇଁ ୨୯୭୭.୭୯ ଏବଂ ୨୦୦୫-୦୬ ପାଇଁ ୫୩୭.୧୯ କୋଟି, ନାଗାଲାଣ୍ଡ ୫ ବର୍ଷପାଇଁ ୫୫୩୬.୫୦ ଓ ୨୦୦୫-୦୬ ପାଇଁ ୯୯୩.୬୫ କୋଟି ଟଙ୍କା ଅଣଯୋଜନା ରାଜସ୍ୱ ନିଅଣ୍ଟ ଅନୁଦାନ ପାଇଥିଲେ । (କ୍ରମଶଃ)

# ଇଣ୍ଡୋ ଜର୍ମାନ ବନ୍ଧୁତ୍ୱର ଉତଥାନ ଓ ପତନ

**॥ ଶୁଭନାରାୟଣ ଶତପଥୀ ॥**

ଜର୍ମାନ ହେଉଛି ପଶ୍ଚିମ ଓ ମଧ୍ୟ ୟୁରୋପର ଏକ ପ୍ରଭାବଶାଳୀ ଦେଶ । ଯିଏ ପ୍ରଥମ ବିଶ୍ୱ ଯୁଦ୍ଧରେ ଅଷ୍ଟ୍ରିଆ, ହଙ୍ଗେରୀକୁ ସହଯୋଗକରି ବିଶ୍ୱକୁ ନିଜ ପରାକ୍ରମ ଦେଖାଇଥିଲା । ଦ୍ୱିତିୟ ବିଶ୍ୱଯୁଦ୍ଧ ସମୟରେ ଇଟାଲି ଓ ଜାପାନ ସହ ମିଶି ଯେଉଁ ପଦେକ୍ଷପ ନେଇଥିଲା ତାହା ସାରା ବିଶ୍ୱକୁ ଚକିତ କରିଦେଇଥିଲା । ଏହି ସମୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜର୍ମାନ ସହ ଭାରତର ସଂପର୍କ ବୃଦ୍ଧି ପାଇଁ ଚେଷ୍ଟା କରିଥିଲେହେଁ ପ୍ରତିକୂଳ ପରିସ୍ଥିତି ତଥା ଇଂରେଜମାନଙ୍କ କୂଟନୈତିକ ହସ୍ତକ୍ଷେପ ଯୋଗୁଁ ଉଭୟ ଦେଶର ସହଯୋଗ ଓ ସହଭାଗୀତାରେ ଆଖିଦୃଶିଆ ପ୍ରଗତି ଆସିପାରିନଥିଲା । ସେଯାହାହେଉନା କାହିଁକି ସ୍ୱାଧୀନତାପରେ ଜର୍ମାନ ଓ ଭାରତ ସଂପର୍କକୁ ସ୍ୱାଧୀନତା ପରେ ସୁଧାରିବାକୁ ଚେଷ୍ଟା କରାଯାଇଥିଲା । ତେବେ ଇତିହାସ କୁହେ ଭାରତ ଜର୍ମାନ ସଂପର୍କ ହେଉଛି ପ୍ରାୟ ୧୬ଶ ଶତାବ୍ଦୀର ।

ବର୍ତମାନ ଜର୍ମାନସହ ଭାରତର ଦ୍ୱୀପାକ୍ଷିକ ବାଣିଜିକ, ସାଂସ୍କୃତିକ, ବୈଷୟିକ ସହଯୋଗ ସଂପର୍କ ପାରମ୍ପରିକ ଭାବେ ଅଧିକ ସୁଦୃଢ । ସଂଘୀୟ ଗଣତନ୍ତ୍ର ଜର୍ମାନକୁ ସ୍ୱୀକୃତି ଦେଉଥିବା ପ୍ରାଥମିକ ଦେଶଗୁଡିକ ମଧ୍ୟରେ ଭାରତ ଅନ୍ୟତମ । ଗଣତନ୍ତ୍ର ଓ ଆଇନ ପ୍ରଣୟନ ଆଧାରରେ ଦୁଇଦେଶର ସଂପର୍କ ମଜବୁତ ରହିଆସିଛି । ଏବଂ ସ୍ୱାଧୀନତା ପରେ ଜର୍ମାନ ସହ ଭାରତର କୂଟନୈତିକ ସଂପର୍କ ୧୯୫୧ମସିହାରୁ ରହିଆସିଛି ।

ତେବେ ଦୁଇ ଦେଶ ମଧ୍ୟରେ ଆନ୍ତଃସରକାରୀ ପରାମର୍ଶଦାତା ବୈଠକ ସମୟାନ୍ତରରେ ହୁଏ । ଏଥିରେ ଆତଙ୍କବାଦ ବୈଷୟିକ ସହଭାଗୀତା, କୂଟନୈତିକ କଥାବାର୍ତା, ବୈଦେଶିକ ନୀତି ସମ୍ବନ୍ଧରେ ଆଲୋଚନା ହୁଏ । ମିଳିତ ଜାତିସଂଘ ନିରାପତା ପରିଷଦରେ ସ୍ଥାୟୀ ସହଭାଗୀତା ପାଇଁ ଏହି ଦୁଇ ଦେଶ ପରସ୍ପରକୁ ସହଯୋଗ କରି ଆସୁଛନ୍ତି ।

ଯଦିଓ ଜର୍ମାନୀର ଏକୀକରଣ ପାଇଁ ଭାରତ ସହଯୋଗ କରିଥିଲା, କିନ୍ତୁ ଭାରତର ନ୍ୟୁକ୍ଲିୟର ପରୀକ୍ଷଣ, ବଂଲାଦେଶ ଯୁଦ୍ଧ, ଗୋଆ ସ୍ୱାଧୀନତା ଆଦି ବିଷୟରେ ବିରୋଧ କରିଥିଲା ଜର୍ମାନୀ । ଇତିମଧ୍ୟରେ ଜର୍ମାନୀ ଚାନସେଲର ଆଞ୍ଜେଲା ମାର୍କିଲା ଦୁଇଥର ଭାରତ ଗ୍ରସ୍ତରେ ଆସିଲେଣି । ଜର୍ମାନରେ ଥିବା ୧୦ମଶତାବ୍ଦୀର ଦେବୀ ଦୁର୍ଗାଙ୍କ ମୂର୍ତୀ ଭାରତ ଫେରିପାଇଛି । ଭାରତରେ ଆଇଆଇଟି, ମାଦ୍ରାସରେ ସ୍ଥାପିତ ହୋଇଛି । ଇଣ୍ଡୋ ଜର୍ମାନୀ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ସେଂଟର ମଧ୍ୟ ଜର୍ମାନ ସହଯୋଗରେ ପ୍ରତିଷ୍ଠା କରାଯାଇଛି ।

ଏତଦବ୍ୟତିତ କେନ୍ଦ୍ରୀୟ ବିଦ୍ୟାଳୟରେ ଜର୍ମାନୀ ଭାଷା ଶିକ୍ଷାଦେବା, ଜର୍ମାନର ପବ୍ଲିକ ବିଦ୍ୟାଳୟରେ ଶିଶୁଙ୍କୁ ସଂସ୍କୃତ ଭାଷା ପଢାଇବାର ବ୍ୟବସ୍ଥା ମଧ୍ୟ କରାଯାଇଛି । ଏମିତିକି ଭାରତରେ ଜର୍ମାନ ଭାଷାର ଏକ ଖବରକାଗଜ ମଧ୍ୟ ପ୍ରକାଶ ପାଉଛି । ଶିକ୍ଷା ସମ୍ବନ୍ଧୀୟ ସାଟେଲାଇଟ, ପାରସ୍ପରିକ ବାଣିଜ୍ୟ ଓ ସଂସ୍କୃତି ସହଯୋଗ ରହିଛି।

୨୦୨୧ ମସିହାରେ ୭୦ତମ ଜର୍ମାନ-ଭାରତ କୂଟନୈତିକ ବାର୍ଷିକୀ ପାଳନ କରାଯାଇଛି । ନିକଟରେ ଜର୍ମାନ-ଭାରତ ସଂଯୁକ୍ତ ଡାକଟିକେଟ ମଧ୍ୟ ଉଦଘାଟିତ ହୋଇଛି । ୨୦୦୦ମସିହାରେ ଜର୍ମାନ-ଭାରତ କୌଶଳ ସହଭାଗୀତା ସ୍ଥାପିତ ହୋଇଥିଲା । ଏହାଦ୍ୱାରା ଭାରତର ଅର୍ଥନୈତିକ, ରାଜନୈତିକ କଥାବାର୍ତା ଆଗକୁ ବଢିଥିଲା।

ପରେ ଭାରତ ଜର୍ମାନ ଛାତ୍ରଛାତ୍ରୀ ଉଭୟ ଦେଶରେ ପଢିବାର ସୁଯୋଗ ସୃଷ୍ଟି ହୋଇଥିଲା । ୨୦୧୮ ମସିହା ସୁଦ୍ଧା ଦ୍ୱୀପାକ୍ଷିକ ବାଣିଜ୍ୟ କାରବାର ୨୦.୪୧ ବିଲିୟନ ୟୁରୋକୁ ବୃଦ୍ଧି ପାଇଥିଲା । ୨୦୧୯ ମସିହାରେ ଜର୍ମାନର ଏଫଡିଆଇ ଭାରତରେ ପ୍ରାୟ ୧୧.୯ ବିଲିୟନ ଡଲାର ରହିଛି । ୨୦୦୬ ମସିହାରେ ପ୍ରତିରକ୍ଷା କ୍ଷେତ୍ରରେ ହୋଇଥିବା ଏଗ୍ରୀମେଣ୍ଟ ଜର୍ମାନ-ଭାରତ ପ୍ରତିରକ୍ଷା ସମ୍ବନ୍ଧକୁ ଅଧିକ ମଜବୁତ କରୁଛି । ଜର୍ମାନ ଓ ଭାରତର ବିଭିନ୍ନ ସହରକୁ ଯୋଡି ସିଷ୍ଟର ସିଟି ଆରେଞ୍ଜମେଂଟ ହୋଇଛି ଯେମିତିକି କର୍ଣ୍ଣାଟକ- ବାର୍ଭୋଲା, ମୁମ୍ବାଇ - ଷ୍ଟୁଗାର୍ଟ ଇତ୍ୟାଦି। ଗଙ୍ଗା ସଫେଇ, ଶକ୍ତି ସଂରକ୍ଷଣ, ଗ୍ରୀନ ଶକ୍ତି କରିଡର ପ୍ରୋତ୍ସାହନ ପାଇଁ ଜ୍ଞାନକୌଶଳ ଓ ବୈଷୟିକ ସହାୟତା ପ୍ରାଦାନ କରୁଛି ଜର୍ମାନୀ । ଜର୍ମାନ ମଧ୍ୟ ସ୍ମାର୍ଟ ସିଟି ସହେଯାଗ ଭୁବନେଶ୍ୱର, କୋଇମ୍ବାଟୁର, କୋଚି ସ୍ଥାୟୀ ପରିବହନ ବ୍ୟବସ୍ଥା ପାଇଁ ସହଯୋଗ କରୁଛି । ଗ୍ରୀନ ପରିବହନ ବା ମୋବିଲିଟି ପାଇଁ ନାଗପୁରରେ ୮୯୦୦ କୋଟିର ବିନିଯୋଗ କରୁଛି ଜର୍ମାନୀ ।

ଜର୍ମାନ ଛାତ୍ର ମାକ୍ସ ମୁଲାର ଉପନିଷଦ, ବେଦର ଭାଷାନ୍ତର ନିମନ୍ତେ ସହଯୋଗ କରୁଛନ୍ତି । ଜର୍ମାନ ସହ ଭାରତର ଲୋକ ସଂପର୍କ ୧.୭ ଲକ୍ଷରେ ପହଁଚିଥିବା ବେଳେ ୧୭୫୦୦ ଛାତ୍ରଛାତ୍ରୀ ବିଭିନ୍ନ ପାଠ୍ୟକ୍ରମରେ ଜର୍ମାନକୁ ଯାଇଛନ୍ତି । ଦୁଇଦେଶର ମୂଖ୍ୟ ଉଭୟ ଦେଶ ଗ୍ରସ୍ତ କରିବା କରଣରୁ ସଂପର୍କ ସହ ବିକାଶ ଓ ସହଯୋଗ ବୃଦ୍ଧି ପାଇଛି । ବିକଶିତ ଜର୍ମାନୀ ଭାରତର ଅନେକ ବିକାଶ ପାଇଁ ସହଯୋଗ ଯୋଗାଇ ଦେଇଛି । ଯାହା ଦୁଇଦେଶର ମତାନ୍ତରକୁ ଦୂରାଇବାରେ ସଫଳ ହେଉଛି । ପୂର୍ବରାଷ୍ଟ୍ରଦୂତ ଗୁରୁଜିତ ସିଂ ମତପ୍ରଦାନ କରିଥିଲେଯେ ନୂତନ ସହାନୁବନ୍ଧିତ ଶାସକଗୋଷ୍ଠୀ ଦ୍ୱାରା ଦୁଇଦେଶ ମଧ୍ୟରେ ସଂପର୍କକୁ ଅଧିକ ସୁଦୃଢ କରାଯାଇପାରିବ । ଅଧିକ ଗତିଶୀଳ ରେଲୱେ ପାଇଁ ଜର୍ମାନୀ ସହ ସହଭାଗୀତା, ଏସିଆରେ ଆର୍ଥୀକ କୌଶଳ ଉଦ୍ୟମରେ ଜର୍ମାନୀର ସହଯୋଗ ନିଆଯାଇପାରେ । ତାଛଡା ଉଚ୍ଚ ବୈଷୟିକ ସହଭାଗୀତା, ପ୍ରତିରକ୍ଷା ଶିଳ୍ପ ବିକାଶ ପାଇଁ ଜର୍ମାନୀର ସହେଯାଗ ଭାରତ ପାଇଁ ଅର୍ନ୍ତଃଦେଶୀୟ ସଂପର୍କକୁ ମଜବୁତ କରିବ ।

ତେବେ ୟୁକ୍ରେନ ଯୁଦ୍ଧକୁ ନେଇ ଜର୍ମାନୀ ରଷ୍ଟ୍ରଦୂତ କହିଛନ୍ତି ଭାରତ କୂଟନୀତି କ୍ଷେତ୍ରରେ ବେଶ ପରିପକ୍ୱ । ଭାରତସରକାର ତାଙ୍କର ଭୂମିକା ବିଷୟରେ ବେଶ ସଚେତନ । କେବଳ ୟୁକ୍ରେନ, ନାଟୋ କିମ୍ବା ୟୁରୋପିଆନ ୟୁନିୟନ ସମ୍ବନ୍ଧୀୟ ବିଷୟ ନୁହେଁ ବରଂ ସାରା ବିଶ୍ୱ ସ୍ୱାର୍ଥ ପାଇଁ ସମସ୍ତେ ଏକତ୍ର କାର୍ଯ୍ୟ କରିବା ଉଚିତ । ବାସ୍ତବରେ କେହି ଯୁଦ୍ଧ ଚାହାନ୍ତି ନାହିଁ, ଏମିତିରେ ସମାଧାନର ପନ୍ଥା ବାହାର କରି ସମସ୍ତ ଦେଶ ଶାନ୍ତି ପୁର୍ଣ୍ଣ ସହାବସ୍ଥାନ କରିପାରିବେ । ଅପରପକ୍ଷରେ ରୁଷ ୟୁକ୍ରେନ ଯୁଦ୍ଧ ପରିପ୍ରେକ୍ଷୀରେ ଭାରତର ନିରପେକ୍ଷତାକୁ ନେଇ ଅନେକ ଦେଶ ଭିନ୍ନ ମତ ପୋଷଣ କରୁଥିବାବେଳେ ଜୁନମାସରେ ଅନୁଷ୍ଠିତ ଜି୭ ଶିଖର ସମ୍ମିଳନୀକୁ ଅତିଥି ଦେଶରୂପେ ଭାରତକୁ ନିମନ୍ତ୍ରଣ କାରିଥିଲା ଜର୍ମାନୀ । ସେଠାରେ ଭାରତର ପ୍ରଧାନମନ୍ତ୍ରୀ ଜଳବାୟୁ, ଶକ୍ତି, ପରିବଶ, ସ୍ୱାସ୍ଥ୍ୟ ଓ ବିଶ୍ୱରେ ଭାରତର ସ୍ଥିତି ବର୍ଣ୍ଣନା କରିଥିଲେ । ଏସବୁ ସ୍ପଷ୍ଟକରେ ସଂପ୍ରତି ଭାରତ ଜର୍ମାନ ସଂପର୍କକୁ ଅଧିକ ମଧୁର ଓ ଉନ୍ନତ କରିଛି ।

**ବିଜିପୁର, ବ୍ରହ୍ମଗିରି, ପୁରୀ,**
**ମୋ- ୯୪୩୮୪୩୨୦୨୩**

# ମିଶନ ଶକ୍ତି : ନାରୀ ଶକ୍ତିର ଆନ୍ଦୋଳନ

**॥ ବିପିନ ବିହାରୀ ରାଉତ ॥**

ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ମିଶନ ଶକ୍ତି' ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀ ବା ଏସଏଚଜିଙ୍କ ହାତରେ ଦେଇଛନ୍ତି। ବିକାଶର ଗୁରୁ ଦାୟିତ୍ୱ। ପ୍ରତିଟି କ୍ଷେତ୍ରରେ ମହିଳାମାନେ ଏବେ ସ୍ୱାବଲମ୍ବୀ ହେବା ସହ ରୋଜଗାରର ପନ୍ଥା ପାଇପାରିଛନ୍ତି। ଦେଶରେ ଓଡ଼ିଶାର ମିଶନ ଶକ୍ତି ୭୦ଲକ୍ଷ ମା'ମାନଙ୍କର ଏକ ବିରାଟ ଆନ୍ଦୋଳନ ହୋଇପାରିଛି। ୨୦୦୧ ମସିହାରୁ ଏକ ଅକଳ୍ପନୀୟ ସମ୍ଭାବନାକୁ ନେଇ ଆଗକୁ ବଢ଼ିଥିବା ମିଶନ ଶକ୍ତି ୨୦ ବର୍ଷ ମଧ୍ୟରେ ଏହି ଅଭିଯାନ ଏକ ସକାରାତ୍ମକ ସଶକ୍ତ ଆନ୍ଦୋଳନରେ ପରିଣତ ହୋଇଛି। ରାଜ୍ୟରେ ମହିଳା ସଶକ୍ତୀକରଣକୁ ଗୁରୁତ୍ୱ ଦେଇ ଏକ ସ୍ୱତନ୍ତ୍ର ବିଭାଗ କରାଯାଇଛି। ରାଜ୍ୟ ସରକାରଙ୍କ ଏହି ଐତିହାସିକ ନିଷ୍ପତ୍ତି ଦେଶରେ ମହିଳା ସଶକ୍ତୀକରଣ ଓ ସ୍ୱାବଲମ୍ବନ କ୍ଷେତ୍ରରେ ଏହା ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ ଯେଉଁଠାରେ ମିଶନ ଶକ୍ତି ମା' ମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ବିଭାଗ ରହିଛି। ଫଳରେ ମହିଳାମାନେ କୃଷି କ୍ଷେତ୍ର ଠାରୁ ଆରମ୍ଭ କରି ଶସ୍ୟ ସଂଗ୍ରହ, ବୁଣାକାର ହସ୍ତଶିଳ୍ପ, ବ୍ୟାଙ୍କ ସଖୀ ତଥା ଶ୍ରମଭିତ୍ତିକ କାର୍ଯ୍ୟକ୍ରମରେ ଉଦ୍ୟୋଗୀ ଭାବେ ସାମିଲ ହୋଇ ସଫଳତା ହାସଲ କରିପାରିଛନ୍ତି। ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଏଚଏଚଜିର ମହିଳାମାନେ ଏବେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପାରଦର୍ଶିତା ହାସଲ କରିପାରିଛନ୍ତି। ଏହା ସହିତ ୬ଲକ୍ଷ ଏସଏଚଜିର ୭୦ ଲକ୍ଷ ମହିଳା ସଦସ୍ୟାଙ୍କ ଦକ୍ଷତା ବିକାଶ ପାଇଁ ବିଭିନ୍ନ ପ୍ରଶିକ୍ଷଣ ମାଧ୍ୟମରେ ଗୁରୁତ୍ୱ ଦିଆଯାଉଛି। ରାଜ୍ୟ ସରକାରଙ୍କ ୨୧ଟି ବିଭାଗ ମିଶନ ଶକ୍ତିକୁ କାମ ଯୋଗାଇଦିଆଯାଇଛି। ମହିଳା ଏସଏଚଜି ମାନଙ୍କ ଜୀବନଜୀବିକା ଯୋଗାଇ ଦେବା ପାଇଁ ଧାନ ଉତ୍ପାଦନ, ସଂଗ୍ରହ, ଖାଦ୍ୟ ସୁରକ୍ଷା ଯୋଜନାରେ ପିଡିଏସ୍ ପରିଚାଳନା, ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଡାକ୍ତରଖାନାରେ ଖାଦ୍ୟ ଯୋଗାଇବା, ମିଟର ରିଡିଂ ଓ ବିଲ ସଂଗ୍ରହ, ପଞ୍ଚାୟତ ପୋଖରୀରେ ମାଛଚାଷ, ଲେୟାର ଫାର୍ମିଂ, ପନିପରିବା ଓ ଛତୁଚାଷ, ମିଲେଟ ଉତ୍ପାଦନ ଓ ପରିଚାଳନା, ଆହାର କେନ୍ଦ୍ର ଦାୟିତ୍ୱ ଜଳସାଥୀ, ସ୍ୱଚ୍ଛ ସାଥୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ମଧ୍ୟାହ୍ନ ଭୋଜନ ପରିଚାଳନା ଆଦି କ୍ଷେତ୍ରରେ କାମ ଯୋଗାଇ ଦିଆଯାଇଛି। ୫ ହଜାର କୋଟି ଟଙ୍କାର ଉତ୍ପାଦକକୁ ରାଜ୍ୟ ସରକାର କ୍ରୟ କରିବେ। ଏହା ସହିତ ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ବିକ୍ରି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ମିଶନ ଶକ୍ତି ବଜାର ନିର୍ମାଣ କରାଯାଉଛି। ଆଗକୁ ଆହୁରି ୫ଶହ ମିଶନ ଶକ୍ତି ବଜାର ନିର୍ମାଣ କରିବାର ଯୋଜନା ରଖିଛନ୍ତି ସରକାର। ମହିଳା ସଶକ୍ତୀକରଣ ପାଇଁ ଇ-କମର୍ସ ଓ ଡିଜିଟାଲ ମାର୍କେଟିଂର ବ୍ୟବସ୍ଥା କରାଯାଇଛି। ଏହି ଡିଜିଟାଲ ମାର୍କେଟିଂରେ ୧ଲକ୍ଷରୁ ଉର୍ଦ୍ଧ୍ୱ ମହିଳା ସାମିଲ ହୋଇଛନ୍ତି। ପରିବର୍ତ୍ତନଶୀଳ ମାର୍କେଟିଂ ପଦକ୍ଷେପ ଡିଜିଟାଲ ଯୁଗରେ ମହିଳାଙ୍କ ଅର୍ଥନୈତିକ ସ୍ୱାଧୀନତାକୁ ବୃଦ୍ଧି କରିବା ସହ ଜିଲ୍ଲା ରାଜ୍ୟ ତଥା ଜାତୀୟସ୍ତରରେ ସେମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀ ପହଞ୍ଚି ପାରୁଛି। ଡିଜିଟାଲ ମାର୍କେଟିଂ ମାଧ୍ୟମରେ ମହିଳାମାନେ ୧୮୦ କୋଟି ଟଙ୍କାର କାରବାର ହୋଇଛି।

ଦେଶରେ ପ୍ରଥମ ରାଜ୍ୟ ଯେଉଁଠି ମହିଳାଙ୍କ ଅର୍ଥନୈତିକ ସଶକ୍ତୀକରଣକୁ ସରକାର ପ୍ରାଥମିକତା ଦେଉଛନ୍ତି। ସହରାଞ୍ଚଳ ଓ ଗ୍ରାମାଞ୍ଚଳର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ସୁବିଧାରେ ଋଣ ଯୋଗାଇ ଦିଆଯିବା ସହ ସୁଧ ରିହାତି ଯୋଗାଇ ଦିଆଯାଉଛି। ଏଥିପାଇଁ ସରକାରୀ, ଘରୋଇ ଏବଂ ଆଞ୍ଚଳିକ ବ୍ୟାଙ୍କ ଏବଂ ସମବାୟ ବ୍ୟାଙ୍କ ମାଧ୍ୟମରେ ଋଣ ଯୋଗାଇ ଦିଆଯାଉଛି। ମିଶନ ଶକ୍ତି ଏସଏଚଜିଙ୍କୁ ୫୦ ହଜାର କୋଟି ଟଙ୍କାର ବ୍ୟାଙ୍କ ଋଣ ବ୍ୟବସ୍ଥା ସାଙ୍ଗକୁ ସେମାନଙ୍କୁ ୧୨ଶହ କୋଟି ଟଙ୍କାର ସୁଧ ରିହାତି ସୁବିଧା ମିଳିବା ପାଇଁ ନବୀନ ପଟ୍ଟନାୟକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି। ମହିଳାମାନଙ୍କ ଉପରେ ସୁଧଭାର ଲାଘବ କରି ଉଦ୍ୟୋଗ ପ୍ରତିଷ୍ଠାକୁ ପ୍ରୋତ୍ସାହିତ କରିବା ନିମେନ୍ତ ସରକାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମିଶନ ଶକ୍ତି ଋଣ ୦ ପ୍ରତିଶତ ବାର୍ଷିକ ସୁଧରେ ଯୋଗାଇ ଦେଉଛନ୍ତି। ତୃଣମୂଳ ସ୍ତରରେ ମାଆ ମାନଙ୍କ ବିକାଶ ହେଲେ କେବଳ ସେମାନଙ୍କ ପରିବାର ନୁହେଁ ସମାଜ, ରାଜ୍ୟ ଓ ଦେଶର ସାମଗ୍ରୀକ ପ୍ରଗତି ସହ ଅର୍ଥନୀତି ମଧ୍ୟ ସୁଦୃଢ଼ ହେବ। ଓଡ଼ିଶାରେ ସ୍ୱୟଂ ସହାୟକ ସଙ୍ଗଠନ, ମିଶନ ଶକ୍ତି ଯେଉଁପରି ଜନାଭିମୁଖୀ କାର୍ଯ୍ୟକ୍ରମ ହାତକୁ ନେଇ ସମସ୍ତଙ୍କ ବିକାଶକୁ ତ୍ୱରାନ୍ୱିତ କରୁଛି ତାହାର ଭାରତର ଅନ୍ୟ ରାଜ୍ୟ ପାଇଁ ଆଦର୍ଶର କେନ୍ଦ୍ରବିନ୍ଦୁ ପାଲଟିଛି। ଏହାର ପ୍ରତିଟି ଶ୍ରେୟ ପ୍ରତି ମାଆ ମାନଙ୍କର ପାଖକୁ ହିଁ ଯିବ।

ଶ୍ରୀବିହାର କଲୋନୀ, କଟକ, ଦୂରଭାଷ :
୯୪୩୭୬୬୬୪୫୩,

# ସରକାର ଯୋଜନା ଅପହଞ୍ଚ ପ୍ରତିବାଦରେ ଭୋଟ ବର୍ଜନ ସଂକଳ୍ପ



ନାରାୟଣପାଟଣା, (ମହାଭାରତ) : ଆଜି ଗଣତନ୍ତ୍ରର ମହାପର୍ବ। ନେତାମାନଙ୍କ ଭାଗ୍ୟ ନିର୍ଦ୍ଧାରିତ କରିବେ ଜନତା କିନ୍ତୁ ଆଜିବି ଚାରି ଖଣ୍ଡ ଗ୍ରାମର ଲୋକଙ୍କ ଭାଗ୍ୟ ବଦଳିଲା ନାହିଁ । ସରକାର ବିଭିନ୍ନ ଯୋଗାଇଛି କିନ୍ତୁ ଆଜି ବି ମୌଳିକ ସୁବିଧାରୁ ବଂଚିତ ନାରାୟଣ ପାଟଣା ବ୍ଲକ ର ଅନେକ ଗାଁ ଅଣଦେଖା କରୁଥିଲେ ନେତା ଆଉ ପ୍ରଶାସନ.ଏପରିକି. ନିଜେ ଶ୍ରମ ଦାନ କରି ପାହାଡ଼ର ଛାତି ଚିରି ଗାଁକୁ ଆଣିଥିଲେ ପାଣି.. କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ୍ ମାଙ୍କିଡି,ବୁଥ ସେହି ବୁଥ ରେ ଚାରି ଖଣ୍ଡ ଗ୍ରାମ ତଥା ମାର୍କିଡୀ, ନାଉମାଳ , ସୁଡେଶୁ, କର୍ଲିକୋଟା , ଏହି ଚାରୋଟି ଗ୍ରାମର ବିକାଶ ଧାରା କୁ ଅଗ୍ରଗତି ନିମନ୍ତେ ପ୍ରଶାସନ,କି ନେତା ସେମାନଙ୍କର ମୌଳିକ ସୁବିଧା ଯେପରିକି ପାଣି,ରାସ୍ତା ବିଜୁଳି ଆଉ ଆବାସ ଘର,ଭତା ଭଳି ସୁବିଧା କିଛି ସମାଧାନ କରୁନଥିଲେ।ସରକାର ବିଭିନ୍ନ ଯୋଜନା ଯୋଗାଇ ଥିଲେ ମଧ ତାହା ଏମାନଙ୍କ ପାଖରେ ପହଞ୍ଚି ପାରୁନଥିଲା।ବହୁ ସମୟରେ ବର୍ଷ ବର୍ଷ ଧରି ଗ୍ରାମର ମୌଳିକ ସୁବିଧା ଯୋଗାଇଦେବା ପାଇଁ ପ୍ରଶାସନ ,ନେତା ମନ୍ତ୍ରୀ ଗୁହାରୀ କରି ଆସୁଥିଲେ କିନ୍ତୁ ସବୁ ଜାଣି ନଜାଣିବା ପରି ଅଭିନୟ କରୁଥିଲେ ଆଜି ପ୍ରଶାସନ ଆଉ ନେତା ମନ୍ତ୍ରୀ ଙ୍କୁ ଉଚିତ୍ ଜବାବ ଦେବାକୁ ସମୟ ଆସିଥିଲା ନିଜର ମୂଲ୍ୟମନ ଭୋଟ କୁ କାହାରିକୁ ନଦେବା ଲାଗି ନିଷ୍ପତି ନେଇଥିଲେ।ଆଜି ମତଦାନ ର ସମସ୍ତ ବନ୍ଦୋବସ୍ତ ହୋଇଥିଲା କିନ୍ତୁ ମତଦାନ ଦେବାକୁ କେହି ଆସିନଥିଲେ ଖବରପାଇ ନାରାୟଣପାଟଣା ବିଡିଓ ପିଉସ ଲୋହାର ,ଥାନା ଅଧିକାରୀ ସୁଷମା କହଁର. ମାଙ୍କିଡି ବୁଥ ରେ ପହଞ୍ଚି ଚାରିଖଣ୍ଡ ଗ୍ରାମର ଲୋକଙ୍କ ସହ କଥାହେବା ସହ ସେମାନଙ୍କର ମୌଳିକ ଅସୁବିଧା ତନଖି ତନଖି ଦେଖି ବା ପରେ ଶେଷରେ ଲିଖିତ ପ୍ରତିଶୃତି ଦେଇଥିଲେ ଯେ ଗ୍ରାମରେ ଥିବା ବିଭିନ୍ନ ଅସୁବିଧା କୁ ଆସନ୍ତା ମାସ ଦୁଇ ତାରିଖରେ ଗୋଟିଏ ପରେ ଗୋଟିଏ ସମସ୍ୟାର ସମାଧାନ କରାଯିବ ବୋଲି ଜନଇବାପରେ ବିଳମ୍ବ ହୋଇଥିଲେ ମଧ ସମସ୍ତ.ମତଦାନ କରିଥିଲେ କିନ୍ତୁ ଏଠି ପ୍ରଶ୍ନ କେବଳ ଭୋଟ ସମୟ ରେ ଗାଁ ମୁହାଣ ହେଉଛନ୍ତି ସମସ୍ତ ନେତା କିନ୍ତୁ ଭୋଟ ସରିଗଲେ କାହିଁକି ସଂପ୍ରକ ରକୁନାହାନ୍ତି ଯଦି ସେହି ଚାରି ଗ୍ରାମର ଲୋକମାନେ ଆଜି ଏପରି ପଦକ୍ଷେପ ନେଇ ନଥାନ୍ତେ ହୁଏତ ସେମାନଙ୍କ ମୌଳିକ ସୁବିଧା ରୁ ଅନେକ ବର୍ଷ ବଂଚିତ ହୋଇଥାନ୍ତା।ସୂଚନା ଠଉକି କିଛିଦିନ ପୂର୍ବରୁ ପ୍ରଶାସନ ଏବଂ ଜିଲ୍ଲାପାଳ ଙ୍କୁ ନିଜ ନିଜ ଗ୍ରାମରେ ଥିବା ମୌଳିକ ଅସୁବିଧାକୁ ଲିଖିତ ଭାବେ ନାରାୟଣପାଟଣା ଜିଲ୍ଲାପାଳଙ୍କ ଜନଶୁଣାଣୀ ରେ ଜଣାଇଥିଲେ କିନ୍ତୁ ଦୀର୍ଘ ସମୟ ବିତିଯାଇଥିବା ବେଳେ ଆଉ କାହାକୁ ଅପେକ୍ଷା ନକରି ଶେଷରେ ଗ୍ରାମବାସୀ ନିଜେ ୭ ଦୀନ କାଳ ଗାଁର ପୁରୁଷ, ଯୁବକ ଓ ମହିଳା ପାହାଡକୁ ଖଳି ମାଟି ତଳେ ପାଇପ୍ ପତି ଅସମ୍ଭବ କୁ ସମ୍ଭବ କରି ଗାଁରେ ପହଞ୍ଚାଇଥିଲେ ପାଣି.. ପାଖାପାଖି ଦେଢ଼ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ୮୦ ହଜାର ଟଙ୍କା ନିଜେ ଘର ପିଛା ଚାନ୍ଦା ଆଦାୟ କରି କାର୍ଯ୍ୟ କରିଥିଲେ ଗ୍ରାମବାସୀ. ଗ୍ରାମବାସୀଙ୍କ ଏଭଳି ଉଦ୍ୟାମ୍ କୁ ନେଇ ଏବେ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଥିବା ବେଳେ ପ୍ରଶାସନ କୁ ଉପେକ୍ଷା କରିଥିଲେ।.. ଗାଁରେ ପାଖାପାଖି ୨ଶହ ପରିବାର ବସବାସ କରୁଥିବା ବେଳେ ଜନ ସଂଖ୍ୟ ପ୍ରାୟ ୧୨ଶହରୁ ଉର୍ଦ୍ଧ.।ସବୁଠାରୁ ବିଲମ୍ବନା ବିଷୟ ୬୦ପରିବାର ବିଦୁତ୍ ସଂଯୋଗ ହୋଇଥିଲେ ମଧ ଆଜିବି ଅନ୍ଧାର ରେ ରହୁଛନ୍ତି କିନ୍ତୁ ସବୁ ଜାଣି ବିଦୂତ୍ ବିଭାଗ ଚୁପ୍ ହୋଇ ଜାଣି ନଜାଣିଲା ପରି ଅଭିନୟ କରୁଛି।ପ୍ରଶ୍ନ ଲିଖିତ ପ୍ରତିଶ୍ରୁତି ବାସ୍ତବରେ ମୌଳିକ ସୁବିଧା ପହଞ୍ଚିବା କେବେ ତାହା ଦେଖିବାକୁ ବାକି ରହିଲା।

# ରଣପୁରରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ



ରଣପୁର,(ମହାଭାରତ) : ଓଡ଼ିଶାରେ ତୃତୀୟ ପ୍ରର୍ଯ୍ୟାୟ ନିର୍ବାଚନ ପାଇଁ ପୁରୀ ଲୋକସଭା ସଂସଦୀୟ କ୍ଷେତ୍ର ଓ ନୟାଗଡ଼ ର ରଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେପିର ହାଇ ପ୍ରୋଫାଇଲ୍ ନେତାଙ୍କ ପ୍ରଚାର। କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ରଣପୁରରେ ବିଜେପିର ଡବଲ୍ ଇଞ୍ଜିନ୍ ସରକାର ପାଇଁ କରିଛନ୍ତି ଜୋରଦାର ପ୍ରଚାର। ବିଜେପିର ରଣପୁର ବିଧାୟକ ପ୍ରାର୍ଥୀ ସୁରମା ପାଢୀ ଏବଂ ପୁରୀ ସାଂସଦ ପ୍ରାର୍ଥୀ ସମ୍ବିତ ପାତ୍ରଙ୍କ ପାଇଁ ପ୍ରଚାର କରିଛନ୍ତି କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ। ରଣପୁର ପଞ୍ଚୁଦୋଳ ପଡିଆରେ ଆୟୋଜିତ ସାଧାରଣ ସମାବେଶରେ ଯୋଗ ଦେଇ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ସୁରମା ଏବଂ ସମ୍ବିତଙ୍କ ପାଇଁ ଭୋଟ ମାଗିଛନ୍ତି। ଓଡ଼ିଶାରେ ଡବଲ ଇଞ୍ଜିନ ପାଇଁ ବିପୁଳ ମାତ୍ରାରେ ପଦ୍ମ ଫୁଲରେ ଭୋଟ ଦେବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଆସିଲେ ଦାରିଦ୍ର୍ୟ ହଟିବ ଏବଂ ବିକାଶ ଧୃତ ଗତିରେ ଆଗେଇବ ବୋଲି କେନ୍ଦ୍ର ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି। ସେପଟେ ପୁରୀ ସାଂସଦ ପ୍ରାର୍ଥୀ ସମ୍ବିତ କହିଛନ୍ତି ବିଜେପିକୁ ଭୋଟ ଦେଲେ ରଣପୁରକୁ ରେଳ ପ୍ରକଳ୍ପର ସଂଯୋଗ ହେବ। ରଣପୁର ହେବ ଜଗନ୍ନାଥ ମହାପ୍ରଭୁଙ୍କ ନୂଆ ରଥ ନିର୍ମାଣ। ଏଥିସହ ରଣପୁର ଶିଆଳି ନଦୀ ର ପାଣି ଭେଟବରରେ ପକାଇ ଭେଟବର ଡ୍ୟାମ ର ପୂର୍ଣ୍ଣ ଉଦ୍ଧାର ହେବ।

# ମୌଳିକ ସୁବିଧାରୁ ବଞ୍ଚିତ ୯ ଗ୍ରାମବାସୀ



ରାଇଘର, (ମହାଭାରତ) : ଉମରକୋଟ ନିର୍ବାଚନ ମଣ୍ଡଳୀର ରାଇଘର ବ୍ଲକ ସୀମାନ୍ତବର୍ତ୍ତୀ ଅଞ୍ଚଳ ଅନ୍ତର୍ଗତ ଖୁଡୁକୁ ପଞ୍ଚାୟତ ର ୯ ଗୋଟି ଗ୍ରାମବାସୀ ଯଥା - ଅଡମାଧମକି ,ଲାଲବଟରଲି, ଘାଇତାବେଡ଼ା, ମଦନଶ୍ରୀ, ଚିଢ଼େଇପାଣି, ଗଦ୍ରାବେଢ଼ା, ଛାପରପାଣି, ତରାଇଡଙ୍ଗରି, ମାକଡତେନ୍ଦୁ, କେରାଡ଼ିହି ଭକ୍ତିପାରା ଗ୍ରାମବାସୀଙ୍କ ଭୋଟ ବର୍ଜନ ଜଣାପଡିଛି ସେମାନଙ୍କ ବିଭିନ୍ନ ମୌଳିକ ସୁବିଧା ପୂରଣ ନ ହେବା ଯାଏଁ ଭୋଟ ଦେବୁ ନାହିଁ କହି ଗ୍ରାମବାସୀ ନିଜ ଜିଦ୍‌ରେ ଅଟଳ, ୨୦୦୦ରୁ ଉର୍ଦ୍ଧ ମହିଳା, ପୁରୁଷ ଏକତ୍ରିତ ହୋଇ ଏହି ଭୋଟ ବର୍ଜନ ପାଇଁ ଏକ ବୈଠକ ବସି ଏହି ନିଷ୍ପତି ନେଇଛନ୍ତି, ଘଟଣାସ୍ଥଳ ରେ ପୋଲିସ ଅଧିକାରୀ, ରାଇଘର ତହସିଲଦାର, ରାଇଘର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପହଞ୍ଚିଛନ୍ତି।

# ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ଭଞ୍ଜନଗର, (ମହାଭାରତ) : ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ଅଦାଲତ ପରିସରରେ ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ତାଲୁକ୍ ଆଇନ ସେବା କମିଟିର ଅଧକ୍ଷ ତଥା ଅତିରିକ୍ତ ଜିଲ୍ଲା ଦେ?ରାଜଜ୍ ଦେବଦତ୍ତ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଲୋକ ଅଦାଲତରେ ବରିଷ୍ଠ ଦେୱାନୀ ଜଜ୍ ସୋମାଲିନ ମିଶ୍ର,ଜେଏମ୍ଏଫସି ସନ୍ଧ୍ୟା ସୁଚରିତା ମୋଟ ୨୨୨ ଗୋଟି ମାମଲାର ବିଚାରଣ କରି ରାୟ ଶୁଣାଇ ଥିଲେ।ବିଚାର ହୋଇଥିବା ମାମଲା ଗୁଡ଼ିକରେ କ୍ଷତିଗ୍ରସ୍ତ ମାନଙ୍କୁ ୧ କୋଟି ୪୫ ଲକ୍ଷ ୨୯ ହଜାର ଦୁଇ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ନେଇ ଶୁଣାଣୀ ହୋଇଥିଲା। ସେଥି ମଧରେ ୨୩ ଟି ମୋଟର ଯାନ ଦୁର୍ଘଟଣା ଜନିତ ମାମଲାରେ ୧କୋଟି ୧୬ ଲକ୍ଷ ୮୫ ହଜାର ଟଙ୍କାର କ୍ଷତିପୂରଣ ପ୍ରଦାନ ନିମନ୍ତେ ଅଦାଲତ ବିଭିନ୍ନ ବୀମା କମ୍ପାନୀ କୁ ନିର୍ଦ୍ଦେଶ ଦେଇଛନ୍ତି। ଲୋକ ଅଦାଲତ ବେଞ୍ଚ୍ ସଦସ୍ୟ ଡ.ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ଓ ସୋମନାଥ ନାୟକ, ତାଲୁକ୍ ଆଇନ୍ ସେବା କମିଟି ସଦସ୍ୟା ଅଳକା ମଞ୍ଜରୀ ପଟ୍ଟନାୟକ,ଓକିଲ ସଂଘ ସଭାପତି ଶୈଳେନ୍ଦ୍ର ସାହୁ ଙ୍କ ସମେତ ଆଇନଜୀବୀ ବଂଶୀଧର ପ୍ରଧାନ,ପ୍ରତାପ ଚନ୍ଦ୍ର ପାଣିଗ୍ରାହୀ, ରଜନୀ କୁମାର ପଟ୍ଟନାୟକ, ଅରୁଣ କୁମାର ପାଢୀ, ସମୀର କୁମାର ନାୟକ, ଦେବୀ ତ୍ରିପାଠୀ, ସନ୍ତୋଷ ପଣ୍ଡା, ପ୍ରକାଶ ମହାପାତ୍ର, ବିରେନ୍ଦ୍ର ବିଷୋୟୀ, ଡୁଲୁ ପାତ୍ର ପ୍ରମୁଖ ମାମଲା ପରିଚାଳନା ରେ ସହଯୋଗ କରିଥିଲେ। କୋର୍ଟ କର୍ମଚାରୀ ଆଦିତ୍ୟ ନାରାୟଣ ରଥ, ସୁନିଲ ମୁଦୁଲି, ଇ.ରାମା ରାଓ ଏବଂ ପବିତ୍ର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଗଡ ରକ୍ଷା ପାଇଁ ଅରୁଣଙ୍କ ଜୋରଦାର୍ ପ୍ରଚାର



ନୟାଗଡ଼, (ମହାଭାରତ) : ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ବିଜେଡି ବିଧାୟକ ପ୍ରାର୍ଥୀ ଅରୁଣ କୁମାର ସାହୁ ପ୍ରଚାର କାର୍ଯ୍ୟକୁ ଜୋରଦାର କରିଛନ୍ତି। ବିଶାଳ ବାଇକ୍ ଶୋଭାଯାତ୍ରା ସହ ଗାଁ ଗାଁରେ ନିର୍ବାଚନୀ ସଭା ଆୟୋଜନ କରି ସେ ଭୋଟର ମାନଙ୍କ ହୃଦୟ ଜିତିବା ପାଇଁ ଜୋରଦାର ପ୍ରୟାସ ଜାରି ରଖିଛନ୍ତି। କାର୍ଯ୍ୟକ୍ରମ ଗୁଡ଼ିକରେ ଅରୁଣଙ୍କୁ ବିପୁଳ ସମର୍ଥନ ମିଳୁଥିବା ବେଳେ ପୁଣି ଷଷ୍ଠ ଥର ପାଇଁ ନବୀନଙ୍କ ହାତମୁଠାକୁ ଟାଣ କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ନିର୍ବାଚନ ମଣ୍ଡଳୀ ଓ ରାଜ୍ୟର ଯାହା ବିକାଶ, ଉନ୍ନତିମୂଳକ କାର୍ଯ୍ୟ ହେଉଛି ସେଥିପାଇଁ ଯୋଡ଼ି ଶଙ୍ଖରେ ମତଦାନ କରିବା ପାଇଁ ଅରୁଣ ସମସ୍ତଙ୍କୁ ବୁଝାଉଥିବା ଦେଖିବାକୁ ମିଳୁଛି। ଆଜି ସେ ନୟାଗଡ଼ ବ୍ଲକ୍‌ର ମାଛିପଡ଼ା, ଇଟାମାଟି, ବାଲିକୁଦିଆ, ସୁକଳଗାଡ଼ିଆ, ଆଙ୍କୁଲିପାଟଣା, କଦଳୀବସ୍ତ, ପାଲାଗୁଣ୍ଠୁଣି, ସଜନାପଡ଼ା, ସୁବଳୟା, ସାଲୁଣି, ଚୂଡ଼ାଖିଆ, ଖେଡ଼ବାରଣା ଆଦି ସ୍ଥାନରେ ବିଧାୟକଙ୍କ ଶୋଭାଯାତ୍ରା ଓ ନିର୍ବାଚନ ପ୍ରଚାର ଅନୁଷ୍ଠିତ ହୋଇଯାଇଛି। ଚଳିତ ସାଧାରଣ ନିର୍ବାଚନରେ ବିପୁଳ ପରିମାଣ ଭୋଟ୍‌ରେ ବାଜିମାତ୍ କରିବା ପାଇଁ ଅରୁଣ ଓ ତାଙ୍କ ସମର୍ଥକମାନେ ଦୃଢ଼ ଆଶାବାଦୀ ଅଛନ୍ତି।

# ୪ଲୋକସଭା ପ୍ରାର୍ଥୀଙ୍କ ସମେତ ୯ବିଧାନସଭା ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

କେନ୍ଦ୍ରାପଡା, (ମହାଭାରତ) : କେନ୍ଦ୍ରାପଡା ଲୋକସଭା ଆସନ ପାଇଁ ଆଜି ଚତୁର୍ଥ ଦିବସରେ ୪ଲୋକସଭା ପ୍ରାର୍ଥୀଙ୍କ ସମେତ ୯ଜଣ ବିଧାନସଭା ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ୧୫-କେନ୍ଦ୍ରାପଡା ଲୋକସଭା କ୍ଷେତ୍ର ନିମନ୍ତେ ବିଜୁ ଜନତା ଦଳରୁ ପୂର୍ବତନ ବିଦାୟକ ଅଂଶୁମାନ ମହାନ୍ତି ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ଭାରତୀୟ ଜନତା ପାର୍ଟିରୁ ପୂର୍ବତନ ସାଂସଦ ବୈଜୟନ୍ତ ପଣ୍ଡା ଓ ସ୍ୱାଧୀନପ୍ରାର୍ଥୀ ଭାବେ ସୌଭାଗ୍ୟକେତନ ସାମଲ ଏବଂ ପ୍ରଜ୍ଞାନ ପ୍ରକାଶ ମହାପାତ୍ର ନାମାଙ୍କନପତ୍ର ଦାଖଲ କରିଛନ୍ତି। ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନଳିନୀ ମହାନ୍ତିଙ୍କ ସୁପୁତ୍ର ତଥା ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ଗରାପୁର ଠାରୁ ଏକ ବିଶାଳଶୋଭାଯାତ୍ରାରେ ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁଙ୍କ ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟକୁ ଆସି ଜିଲ୍ଲା ନିର୍ବାଚନ ଅଧିକାରୀ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କ ପାଖରେ ମନୋନୟନପତ୍ର ଦାଖଲ କରିଥିବା ବେଳେ ପୂର୍ବତନ ସାଂସଦ ବୈଜୟନ୍ତ ପଣ୍ଡା ଦୁହୁରିଆ ପାର୍ଟି କାର୍ଯ୍ୟାଳୟ ନିକଟରୁ ଏକ ରାଲିରେ ଆସି ନାମାଙ୍କନପତ୍ର ଦାଖଲ କରିଥିଲେ। ସେହିଭଳି ୯୬-ପାଟକୁରା ବିଧାନସଭା କ୍ଷେତ୍ର ନିମନ୍ତେ ବିଜୁ ଜନତାଦଳରୁ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ରଙ୍କ ସୁପୁତ୍ର ଅରବିନ୍ଦ ମହାପାତ୍ର ଡେରାବିଶ ବ୍ଲକର ବାଲିପାଟଣା ଲଛମନଜୀଉ ମନ୍ଦିର ନିକଟରୁ ଏକ ରାଲିରେ ଆସି ରିଟର୍ଣ୍ଣିଂ ଅଫିସର ରବୀନ୍ଦ୍ର କୁମାର ପ୍ରଧାନଙ୍କ ନିକଟରେ ମନୋନୟନପତ୍ର ଦାଖଲ କରିଥିବା ବେଳେ ଭାରତୀୟ ଜାତୀୟ କଂଗ୍ରେସ ପ୍ରାର୍ଥୀ ରତିକାନ୍ତ କାନୁନଗୋ ପାଟକୁରାର ଚଁପୁର ପାର୍ଟି କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ଆସି ନାମାଙ୍କନ ପତ୍ର ଦାଖଲ କରିଥିଲେ। ଆପ୍ ପ୍ରାର୍ଥୀ ଅଶୋକ କୁମାର ତ୍ରିପାଠୀ ଚାନ୍ଦୋଳର ମା' କନ୍ତେଇଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରି ଏକ ରାଲିରେ ଆସି ନାମାଙ୍କନପତ୍ର ଦାଖଲ କରିଥିଲେ। ୯୭-କେନ୍ଦ୍ରାପଡା ବିଧାନସଭା କ୍ଷେତ୍ର ପାଇଁ ବିଜେଡି ପ୍ରାର୍ଥୀ ତଥା ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଜଜାଙ୍ଗସ୍ଥିତ ପାର୍ଟି କାର୍ଯ୍ୟାଳୟ ନିକଟରୁ ଏକ ବିରାଟ ଶୋଭାଯାତ୍ରାରେ ଆସି ତିନିମୁହାଣି ଛକ ଓ ସହର ମଧଦେଇ ରିଟର୍ଣ୍ଣିଂ ଅଫିସର ରବୀନ୍ଦ୍ର କୁମାର ପ୍ରଧାନଙ୍କ ନିକଟରେ ମନୋନୟନପତ୍ର ଦାଖଲ କରିଥିଲେ।

# ସମକାଳୀନ ସାଧାରଣ ନିର୍ବାଚନ ପ୍ରସ୍ତୁତି

ରାୟଗଡା, (ମହାଭାରତ) : ଜିଲ୍ଲାରେ ସମକାଳୀନ ସାଧାରଣ ନିର୍ବାଚନ,୨୦୨୪କୁ ସୁପରିଚାଳନା କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ତରଫରୁ ପ୍ରସ୍ତୁତି କରାଯାଇଛି । ଜିଲ୍ଲାର ୧୩୮(ସଂ) ଗୁଣପୁର, ୧୩୯(ସଂ),ବିଷମକଟକ ୧୪୦ (ସଂ) ରାୟଗଡ ବିଧାନସଭା ନିର୍ବାଚନ ମଣ୍ଡଳୀ ସହିତ ୨୧ (ସଂ) କୋରାପୁଟ ଲୋକସଭା ଆସନ ନିମନ୍ତେ ଆସନ୍ତା ତା.୧୩.୫.୨୦୨୪ ରିଖରେ ମତଦାନ ଅନୁଷ୍ଠିତ ହେବାକୁ ଯାଉଛି । ଏଥି ନିମନ୍ତେ ଗୁଣପୁର ନିର୍ବାଚନ ମଣ୍ଡଳୀ ନିମନ୍ତେ ୨୯୦ଟି ବୁଥରେ ,ବିଷମକଟକ ନିର୍ବାଚନ ମଣ୍ଡଳୀର ୨୯୩ଟି ବୁଥ ଓ ରାୟଗଡ ନିର୍ବାଚନ ମଣ୍ଡଳୀର ୩୦୧ଟି ବୁଥରେ ନିମନ୍ତେ ଓଡ଼ିଶା ବିଧାନ ସଭା ଓ କୋରାପୁଟ ଲୋକ ସଭା ଆସନ ପାଇଁ ମତଦାନ ଅନୁଷ୍ଠିତ ହେବ । ଏହି ତିନେଟି ନିର୍ବାଚନ ମଣ୍ଡଳୀ ନିମନ୍ତେ ଜିଲ୍ଲାର ୫୩୦୪ ଜଣ ପାଲିଙ୍ଗ ଓ ପ୍ରିଜାଇଡିଂ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି । ସେହିପରି ପ୍ରତ୍ୟେକ ବୁଥ ସୁରକ୍ଷା ପାଇଁ ପୋଲିସକୁ ନିୟୋଜିତ କରାଯାଇଛି । ଗୁଣୁପୁର ନିର୍ବାଚନ ମଣ୍ଡଳୀ ନିମନ୍ତେ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଓ୍ ବିଷମକଟକ ନିର୍ବାଚନ ନିମନ୍ତେ ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପଡିଆ ରାୟଗଡ ଠାରେ ପୋଲିଂ ଓ ପ୍ରିଜାଇଡିଂଙ୍ଗ ଅଧିକାରୀ ମାନଙ୍କୁ କାର୍ଯ୍ୟ ସମ୍ପାଦନ ପାଇଁ ସମ୍ପୃକ୍ତ ବୁଥକୁ ଆଜି ତା ୧୧.୦୫.୨୦୨୪ରଖରେ ପଠାଯାଇଛି ।ସେହିପରି ଆସନ୍ତା ତା ୧୨.୦୫.୨୦୨୪ରିଖରେ ରାୟଗଡା ନିର୍ବାଚନ ମଣ୍ଡଳୀ ନିମନ୍ତେ ପୋଲିଙ୍ଗ ଓ୍ ପ୍ରଜାଇଡିଂ ଅଧିକାରୀ ମାନଙ୍କୁ ପଠାଯିବ କ୍ଷ ସେହିପରି ଆଦର୍ଶ ବୁଥ ମଧ୍ୟରୁ ସଖୀ ବୁଥ ୮୮ଟି ,ଯୁବ ବର୍ଗ ବୁଥ ୧୫ଟି,ଦିବ୍ୟାଙ୍ଗ ବୁଥ ୩ଟି , ଆଦିମ ଜନଜାତି ପାଇଁ ଗୋଟିଏ ଏବଂ ଗୋଟିଏ ଇକୋ ଫ୍ରେଣ୍ଡଲି ବୁଥ ବ୍ୟବସ୍ଥା କରାଯାଇଛି । ଜିଲ୍ଲାର ୮୮୪ ପୋଲିସ ଷ୍ଟେଷନରୁ ୭୧୩୧୫୩ ଜଣ ଭୋଟର ତିନୋଟି ନିର୍ବାଚନ ମଣ୍ଡଳୀରୁ ଭୋଟ ଦେବେ । ସେଥିରୁ ୩୩୫୯୭୭ ଜଣ ପୁରୁଷ ୩୭୬୯୮୮ ଜଣ ମହିଳା ଭୋଟର ଥିବା ବେଳେ ୧୮୮ଜଣ ତୃତୀୟ ଲିଙ୍ଗ ଭୋଟର ନିଜର ମତଦାନ କରିବେ । ଜିଲ୍ଲାର ସମସ୍ତ ଭୋଟର ନିଜ ନିଜ ପରିଚୟ ପତ୍ର ମାଧ୍ୟମରେ ଭୋଟ ଦେବେ । ଚଳିତ ନିର୍ବାଚନକୁ ସ୍ୱଚ୍ଛ ଓ ଅବାଧ ଭାବେ ଆୟୋଜନ କରିବା ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ତିନୋଟି ନିର୍ବାଚନ ମଣ୍ଡଳୀ ନିମନ୍ତେ ୪ଜଣ ସହକାରୀ ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ ,୧୮ଗୋଟି ଫ୍ଲାୟଙ୍ଗ ସ୍କୁଆଡ,୧୮ଗୋଟି ସ୍ଟାଟକ ସର୍ଭେଲାନ୍ସ ,୩ଗୋଟି ଭିଡିଓ ସର୍ଭେଲାନ୍ସ ଟିମ, ୩ଗୋଟି ଭିଡିଓ ଭିୟୁଙ୍ଗ ଟିମ ଓ ୩ ଗୋଟି ଆକାଣ୍ଟିଙ୍ଗ ଟିମ ଗଠନ କରାଯାଇଛି । ଟିମକୁ ସୁରକ୍ଷିତ ପହଂଚାଇବା ନିମନ୍ତେ ପ୍ରତ୍ୟେକ ବ୍ଲକରେ ସେକ୍ଟର ଅଧିକାରୀ ଓ୍ ଜୋନାଲ ପର୍ଯ୍ୟବେକ୍ଷକ ନିୟୋଜିତ କରାଯାଇଛି ।

# ବକେୟା ପଇସା ଦାବିରେ ମହିଳାଙ୍କ ଧାରଣା



କେନ୍ଦୁଝର, (ମହାଭାରତ) : ବର୍ଷ ବର୍ଷ ଧରି ସ୍ୱଂୟ ସହାୟକ ଗୋଷ୍ଠୀର କୋଭିଡ଼ି ସମୟ ର ଖାଦ୍ୟ ରୋଷେଇ କରି ଦେଇଥିବା ଟଙ୍କା ପାଇ ନ ଥିବା ବେଳେ ଏନେଇ ବିଡ଼ିଓ ଙ୍କ କର୍ଯ୍ୟାଳୟ ସମୁଖରେ ମହିଳାଙ୍କ ଧାରଣା ଦେଇ ଥିବା ଦେଖିବାକୁ ମିଳିଛି । କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଅନ୍ତର୍ଗତ ପଞ୍ଚାୟତ ସ୍ୱଂୟ ସହାୟକ ଗୋଷ୍ଠୀ ଗୁଡ଼ିକ ବିଗତ କୋଭିଡ଼ି ୨୦୨୧ମସିହା ରେ ବ୍ଲକ ମିଶନ ଶକ୍ତି ପକ୍ଷ ରୁ ସ୍ୱଂୟ ସହାୟକ ଗୋଷ୍ଠୀ ମାଧ୍ୟମରେ ଅସାହାୟ,ବୃଦ୍ଧ,ଗରିବ ଲୋକ ମାନ ଙ୍କୁ ଖାଦ୍ୟ ରୋଷେଇ କରି ଖାଇବାକୁ ଦେଇ ଥିବା ସାହାରପଡା ବ୍ଲକ ଅନ୍ତର୍ଗତ ୪ଟି ପଞ୍ଚାୟତ ରାଇଡିହା, ମାଛଗୋଡ଼, ବଡ଼ବିଲ, ଦମାହୁଦା ପଞ୍ଚାୟତର ସ୍ୱଂୟ ସହାୟକ ଗୋଷ୍ଠୀ ତାଙ୍କ ରୋଷେଇ ଖାଦ୍ୟର ଟଙ୍କା ପାଇ ପାରି ନ ଥିବା ବେଳେ ଯାହା ଫଳରେ ଆଜି ୪ଟି ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ବିଡ଼ିଓ ମାଧବ ଚନ୍ଦ୍ର ବିରୁଆ ଙ୍କୁ ଏକ ଲିଖିତ ଅଭିଯୋଗ ଦେବା ପରେ କାର୍ଯ୍ୟାଳୟ ସମୁଖ ରେ ଧରଣା ଦେଇଥିଲେ । ମହିଳାଙ୍କ ଜିଦ୍ ଟଙ୍କା ନ ପାଇଲେ ଧାରଣାରୁ ଉଠିବୁ ନାହିଁ । ଏନେଇ ଆମେ ସାହାରପଡା ବିଡ଼ିଓ ମାଧବ ଚନ୍ଦ୍ର ବିରୁଆ ଙ୍କୁ ପଚାରି ବାରୁ କ୍ୟାମେରା ସାମନା ରେ କିଛି କହିବାକୁ ମନା କରିଥିଲେ । ଖବର ପାଇ ବ୍ଲକ ମିଶନ ଶକ୍ତି ଦାୟତ୍ୱରେ ଥିବା ବି.ପି.ଏମ୍ ମନୋରଞ୍ଜନ ମହାପାତ୍ର ଅନ୍ୟ କର୍ମଚାରୀ ଘଟଣାସ୍ଥଳରେ ପହଁଞ୍ଚି ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନଙ୍କୁ ବହୁ ବୁଝାସୁଝା ପରେ ଉପରସ୍ଥ ଅଧିକାରୀଙ୍କୁ ପରାମର୍ଶ କରି ଟଙ୍କା ଦେବାର ପ୍ରତିଶ୍ରୁତି ପରେ ବିଡ଼ିଓ ଙ୍କ କାର୍ଯ୍ୟଳୟ ସମୁଖରୁ ମହିଳାଙ୍କ ଧାରଣା ଉଠିଥିଲା ।

# ଝଡତୋଫାନରେ ଭାଙ୍ଗିଲା ଘର

ସମ୍ବଲପୁର, (ମହାଭାରତ) : ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକର କଂସର ଗ୍ରାମରେ ରବିବାର ବିଳମ୍ବିତ ରାତ୍ରିରେ ହୋଇଥିବା କାଳବୈଶାଖୀ ଝଡ ତୋଫାନରେ ଗଛ ପଡି ୫ ଜଣଙ୍କ ଘର ଭାଙ୍ଗି ଯାଇଛି। କଂସର ଗ୍ରାମର ସୁଶିଲ ମୁଣ୍ଡା, ଲକ୍ଷ୍ମଣ ମୁଣ୍ଡା, ଜନ୍ମ ମୁଣ୍ଡା, ଶାନ୍ତି କେରକେଟା ଓ ସେଟ ଟପନୋଙ୍କ ଘର ଭାଙ୍ଗିବା ସହିତ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏହି ଘଟଣା ପରେ ସ୍ଥାନୀୟ ସରପଞ୍ଚ ଦିବାକର ବେହେରା ଘର ଭାଙ୍ଗିଥିବା ଅଞ୍ଚଳକୁ ଯାଇ କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କ ସହିତ ଆଲୋଚନା କରିବା ସହିତ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ଏ ସମ୍ପର୍କରେ ଅବଗତ କରାଇ ବିହିତ ପଦକ୍ଷେପ ନେଇ ସରକାରୀ ନିୟମାନୁଯାୟୀ କ୍ଷତିପୂରଣ ପ୍ରଦାନ ପାଇଁ ଅନୁରୋଧ କରିଛନ୍ତି।

## ଜିଲ୍ଲାରେ ବେଲଗାମ ନିଶା କାରବାର

# ଅଧା କର୍ମଚାରୀ, ବିନା ବନ୍ଧୁକରେ ଚାଲିଛି ଅବକାରୀ ବିଭାଗ




ନୟାଗଡ଼, ( ମହାଭାରତ ) : ନୟାଗଡ଼ ଜିଲ୍ଲାରେ ଧୀରେ ଧୀରେ ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି। ପ୍ରତ୍ୟେକ ସପ୍ତାହରେ ବିପୁଳ ପରିମାଣର ଗଞ୍ଜେଇ, ବ୍ରାଉନସୁଗାର, ଚୋରା ମଦ ଓ କାଶ ସିରପ୍ କାରବାର ଜବତ ହେଉଛି। ଜିଲ୍ଲାର ସମସ୍ତ ଥାନା ଯେତିକି ପରିମାଣର ନିଶାଦ୍ରବ୍ୟ ଜବତ କରୁଛି, ଏହାକୁ ତାଳ ଦେଇ ଅବକାରୀ ଥାନା ପୁଲିସ କାର୍ଯ୍ୟ କରିପାରୁନଥିବା ଅଭିଯୋଗ ହେଉଛି। ଜିଲ୍ଲାବ୍ୟାପୀ ଚଢ଼ଉ ହେଉ ଅବା ସୀମାରେ ଯାଞ୍ଚ କରିବା ପାଇଁ ବିଭାଗରେ ଯେତିକି କର୍ମଚାରୀ ଆବଶ୍ୟକ, ଏହାର ଅଧା ରହିଛନ୍ତି। ଏହା ସହ ଏହି କର୍ମଚାରୀ ମାନଙ୍କୁ ଏ ପର୍ଯ୍ୟନ୍ତ ବନ୍ଧୁକ ଦିଆଯାଇନଥିବାରୁ ନିଶା ମାଫିଆ ମାନଙ୍କୁ ରୋକିବା ପାଇଁ ଏବେ ବି କର୍ମଚାରୀ ମାନେ ଲାଠି ବ୍ୟବହାର କରୁଛନ୍ତି। ମିଳିଥିବା ସୂଚନା ମୁତାବକ, ଜିଲ୍ଲାରେ ନୟାଗଡ଼, ରଣପୁର, ଖଣ୍ଡପଡ଼ା ଓ ଦଶପଲ୍ଲାକୁ ମିଶାଇ ୪ଟି ଅବକାରୀ ଥାନା ରହିଛି। ଜିଲ୍ଲାରେ ଜଣେ ଅଧୀକ୍ଷକଙ୍କ ସମେତ ଦୁଇ ଜଣ ଇନ୍ସପେକ୍ଟର ରହିବା କଥା ଜଣେ ଥାନା ସମ୍ଭାଳିବାକୁ ଥିବା ବେଳେ ଆଉ ଜଣେ ପାଟ୍ରୋଲିଂ (ମୋବାଇଲ ୟୁନିଟ୍) ଦାୟିତ୍ୱରେ ରୁହନ୍ତି । ମାତ୍ର ଏଠାରେ ଜଣେ ଇନ୍ସପେକ୍ଟର ସମସ୍ତ ଥାନା ଓ ମୋବାଇଲ ୟୁନିଟ୍ ଦାୟିତ୍ୱରେ ରହୁଛନ୍ତି। ଜିଲ୍ଲାରେ ମୋଟ୍ ୩୨ ଜଣ କନେଷ୍ଟବଳ ଆବଶ୍ୟକ ଥିବା ବେଳେ ବର୍ତ୍ତମାନ ମାତ୍ର ୧୮ ଜଣ ରହିଛନ୍ତି। ଏଣୁ ଏତିକି କର୍ମଚାରୀରେ ବିଭାଗ ଚଳାଇବାକୁ ନାହିଁ ନଥିବା ସମସ୍ୟା ହେଉଛି। ଏହା ସହ ପାଟ୍ରୋଲିଂ କିମ୍ବା ଚଢ଼ଉ କରିବା ପାଇଁ ଯାଉଥିବା ଅବକାରୀ କର୍ମଚାରୀ ମାନଙ୍କୁ ଏପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ବନ୍ଧୁକ ଯୋଗାଇ ଦିଆଯାଇ ନାହିଁ। ଫଳରେ ବିନା ଅସ୍ତ୍ରରେ ସେମାନେ କେବଳ ଖଣ୍ଡିଏ ଲାଠିରେ ବିଭିନ୍ନ ସ୍ଥାନକୁ ଚଢ଼ଉ ପାଇଁ ଯାଉଛନ୍ତ। ଏହା ସହ ଯଦି ବି କୌଣସି ସ୍ଥାନରେ ନିଶା ମାଫିଆ ମାନଙ୍କ ସହ ସେମାନଙ୍କ ସହ ଧସ୍ତାଧସ୍ତି ହୁଏ, ତେବେ ଖଣ୍ଡିଏ ଲାଠିରେ ହିଁ ସେମାନେ ଏହାର ମୁକାବିଲା କରୁଛନ୍ତି। ପୁଲିସ ଡାଳେଡାଳେ ଗଲେ ନିଶା ବେପାରୀମାନେ ଏବେ ପତ୍ରେ ପତ୍ରେ ଯାଉଛନ୍ତି। ପୁଲିସକୁ ଚକମା ଦେବା ପାଇଁ ନିଶା ବେପାରୀମାନେ ନୂଆ ନୂଆ ଯୋଜନା ପ୍ରସ୍ତୁତ କରୁଛନ୍ତି। ବର୍ତ୍ତମାନ ଗଞ୍ଜେଇ ବେପାରରେ ଯୁବତୀ ଓ ନାବାଳକ ମାନଙ୍କୁ ବ୍ୟବହାର କରାଯାଉଛି। ଫଳରେ ରାସ୍ତାରେ ହେଉଥିବା ଯାଞ୍ଚ ସମୟରେ ପୁଲିସର ନଜର ସେମାନଙ୍କ ଉପରକୁ ଯାଉନାହିଁ। ଯେଉଁପଟୁ ଗଞ୍ଜେଇ ଆସିଲେ ବି ଭୁବେନଶ୍ୱର ଯିବାକୁ ହେଲେ ନୟାଗଡ଼ ରାସ୍ତାରେ ହିଁ ଯିବାକୁ ହେବା ସେଥିପାଇଁ ଧୀରେ ଧୀରେ ଏଠାରେ ନିଶା ବେପାରି ବଢ଼ିବାରେ ଲାଗିଲେଣି। ଏଣୁ ଉଭୟ ପୁଲିସ ଓ ଅବକାରୀ ବିଭାଗ ସହ ତାଳ ଦେଇ କାର୍ଯ୍ୟ କରିବା ପାଇଁ ଯୋଜନା କରାଯାଉଛିୟ ସହର ମଧ୍ୟକୁ ପ୍ରବେଶ ଓ ପ୍ରସ୍ଥାନ ରାସ୍ତାରେ ଯାଞ୍ଚକୁ କଡ଼ାକଡ଼ି କରାଯିବା ସହ ନିଶା ମାଫିଆଙ୍କ ଉପରେ ନଜର ରଖାଯାଇଛି।ଏଣୁ ଅବକାରୀ ବିଭାଗକୁ ସୁଦୃଢ଼ କରାନଗଲେ, ଧୀରେ ଧୀରେ ନୟାଗଡ଼ ନିଶା ବେପାରୀଙ୍କ ଚରାଭୂଇଁ ପାଲଟିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ପ୍ରଗତି ମହିଳା ସଙ୍ଗଠନର ଚତୁର୍ଥ ବାର୍ଷିକ ଉତ୍ସବ

– ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ରାଜନହର ଠାରେ ଥିବା ୟୁଟେକ୍ କମ୍ପ୍ୟୁଟର ଏଡୁକେସନ୍ ସେଣ୍ଟର ଠାରେ ବିଶ୍ୱ ମାତୃ ଦିବସ ଏବଂ ପ୍ରଗତି ମହିଳା ସଂଗଠନର ୪ର୍ଥ ବାର୍ଷିକୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମା'ର ମହତ୍ୱ,ତ୍ୟାଗ, ନିଷ୍ଠା ଏଂ ମା'ର ନିଃସର୍ତ୍ତ ସେବା ପାଇଁ ସେ ଯୁଗେ ଯୁଗେ ମହିୟସୀ ମାଆ ଚୀର ବନ୍ଦନୀୟା ଅଭିନନ୍ଦନୀୟା ବୋଲି ଅତିଥିଗଣ କହିଥିଲେ। ଶିକ୍ଷାବିତ ବିଚିତ୍ରାନନ୍ଦ ବେବର୍ତ୍ତାଙ୍କ ସଂଯୋଜନା କରିଥିବା ବେଳେ ସମ୍ପାଦିକା ତନୁଜା ଶତପଥୀ ବିବରଣୀ ପାଠ କରିଥିଲେ। ସ୍ୱତନ୍ତ୍ର ଅତିଥି ହରିମୋହନ ପଟ୍ଟନାୟକ, ମୁଖ୍ୟ ଅତିଥି କୁମୁଦିନୀ ଭୁକ୍ତା, ମୁଖ୍ୟବକ୍ତା ଗିରିଜା ନନ୍ଦିନି ପଟ୍ଟନାୟକ, ସଭାପତି ଲୋକନାଥ ମିଶ୍ର ,ସମ୍ମାନିତ ଅତିଥି ଭାଗବତ ପାଢ଼ୀ ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିବାବେଳେ ସବିତା ପଣ୍ଡିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ମା ଭାବେ ପ୍ରମିଳା ପଟ୍ଟନାୟକଙ୍କୁ ପ୍ରଗତି ମାତୃ ସମ୍ମାନ ପ୍ରଦାନ କରାଯାଇଥିଲା ତର୍କ,ଚିତ୍ର, କବିତା ଆବୃତ୍ତି ରେ ବିଜୟ ଲାଭକରିଥିବା ଛାତ୍ର ଛାତ୍ରୀ ଗୃହିଣୀ ମାନଙ୍କୁ ପୁରସ୍କାର ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।ମୁରଲୀଧର ପରିଚ୍ଛା ଶରତ ପ୍ରଧାନ,ଅରୁଣ ପଣ୍ଡା, ମାନସୀ ପଣ୍ଡା, ଅଞ୍ଜନି ପଟ୍ଟନାୟକ ଶୁଭଶ୍ରୀ ଭୁକ୍ତା, ପ୍ରଭୃତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ପୁରୀ ବିଜେପି ସାଂସଦ ପ୍ରାର୍ଥୀ ଓ ନୟାଗଡ଼ ବିଜେପି ବିଧାୟକ ପ୍ରାର୍ଥୀଙ୍କ ନୟାଗଡ଼ ଭୋଟ ଭିକ୍ଷା

ନୟାଗଡ଼, ( ମହାଭାରତ ) : ତୃତୀୟ ପ୍ରର୍ଯ୍ୟାୟ ସାଧାରଣ ର୍ନିବାଚନ ପାଇଁ ନୟାଗଡ଼ ର୍ନିବାଚନ ମଣ୍ଡଳୀରେ ବିଜେପିର ଜୋରଦାର ପ୍ରଚାର। ପୁରୀ ସାଂସଦ ପ୍ରାର୍ଥୀ ସମ୍ବିତ ପାତ୍ର ଏବଂ ନୟାଗଡ଼ ବିଧାୟକ ପ୍ରାର୍ଥୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ନୟାଗଡ଼ ବ୍ଲକ୍ ନବଘନପୁର, ଲେଙ୍କୁଡିପଡା, ଗୋଡିଆଳି, ଖୁଣ୍ଟୁବନ୍ଧ, କାଳିକାପ୍ରସାଦ ଓ ରାଜପାଟଣା ଆଦି ଅଞ୍ଚଳରେ ଶୋଭାଯତ୍ରା କରି ପ୍ରଚାର କରି ମୋଦିଙ୍କ ପାଇଁ ଡବଲ ଇଞ୍ଜିନ୍ ତଥା ପଦ୍ମ ଫୁଲରେ ଭୋଟ ଦେବା ପାଇଁ କରିଛନ୍ତି ନିବେଦନ। ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଆସିଲେ ସମସ୍ତ ଗରିବ ଲୋକଙ୍କୁ ମିଳିବ ପକ୍କା ଘର, ହଟିବ ଦାରିଦ୍ର୍ୟ, ଧୃତ ଗତିରେ ହେବ ବିକାଶ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗ୍ୟାରେଣ୍ଟି ଓଡିଶାରେ ପରିବର୍ତ୍ତନ ହାଉଆ ବୋହୁ ଥିବା ରୁ ଏଥର ପୁରୀ ସାଂସଦୀୟ କ୍ଷେତ୍ରରେ ପରିବର୍ତ୍ତନ ସୁନିଶ୍ଚିତ। ନୟାଗଡ଼ରେ ଅସନ୍ତୋଷର ହାଉଆ ବୋହୂ ଥିବାରୁ ବିଜେପି ବିଧାୟକ ପ୍ରାର୍ଥୀ ଏବଂ ସାଂସଦ ପ୍ରାର୍ଥୀଙ୍କୁ ବିପୁଳ ଲୋକମାନେ ବିପୁଳ ମାତ୍ରରେ ଭୋଟ ଦେଇ ଜିତେଇବେ ବୋଲି ପୁରୀ ସାଂସଦ ପ୍ରାର୍ଥୀ ସମ୍ବିତ ପାତ୍ର କହିଛନ୍ତ।

## ସ୍ମୃତି ସଂସଦ ପକ୍ଷରୁ ବିଶ୍ୱ ମାତୃଦିବସ

ବେଗୁନିଆ,,(ମହାଭାରତ): ସ୍ଥାନୀୟ ସୁଲକ୍ଷଣା ଦାସ ସ୍ମୃତି ସଂସଦ ଆନୁକୂଲ୍ୟରେ ବିଶ୍ୱ ମାତୃ ଦିବସ ପାଳିତ ହୋଇଯାଇଛି। ସ୍ୱର୍ଗତା ଦାସଙ୍କ ପୁଅ ଡ. ହରିପ୍ରସାଦ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପ୍ରଫେସର ରବୀନ୍ଦ୍ରନାଥ ପାଣିଗ୍ରାହୀ ସଂଯୋଜନା କରିଥିଲେ । ଶିକ୍ଷକ ଲକ୍ଷ୍ମୀଧର ମହାପାତ୍ର ମଙ୍ଗଳାଚରଣ ପାଠ କରିଥିଲେ। ଛାତ୍ରୀ ଲିପ୍ସାରାଣୀ ଓ ବୀଣାପାଣି ମାତୃ ଦିବସ ସମ୍ବନ୍ଧିତ ସଙ୍ଗୀତ ଗାନ କରିଥିଲେ । ଓଡ଼ିଶୀ ନୃତ୍ୟଶିଳ୍ପୀ ପୁଣ୍ୟତୋୟା ତ୍ରିପାଠୀ ଓ ତ୍ରିଷ୍ଣା ତ୍ରିପାଠୀ ନୃତ୍ୟ ପରିବେଷଣ କରିଥିଲେ। ସାହିତ୍ୟିକା ଲୋପାମୁଦ୍ରା ମହାନ୍ତି ମୁଖ୍ୟ ଅତିଥି ଓ ଓଡ଼ିଆ ପ୍ରଫେସର ଡ. ସଂଘମିତ୍ରା ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିଶୁର ବିକାଶରେ ମା'ର ଭୂମିକା ସମ୍ପର୍କରେ ମତ ରଖିଥିଲେ। ଏହି ଅବସରରେ ମିନିତା ମଞ୍ଜରୀ ସୁନ୍ଦରରାୟ ଓ ନିଶାମଣି ପାଣିଗ୍ରାହୀଙ୍କୁ 'ମାତୃ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା । କବୟିତ୍ରୀ ଗୀତାଞ୍ଜଳି ମହାପାତ୍ର, ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ, ମାନସୀ ଦାସ, ବାସନ୍ତୀ ପ୍ରଧାନ, ଡା. ଅମରେନ୍ଦ୍ର ନାଥ ମହାପାତ୍ର, ଡ. ବନବିହାରୀ ମହାପାତ୍ର, ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ସୁବୁଦ୍ଧି, ଡ. ଅଖିଳେଶ ପ୍ରସାଦ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରଦୀପ କିଶୋର ତ୍ରିପାଠୀ ଉଦ୍ୟାପନୀ ସଙ୍ଗୀତ ଗାନ କରିଥିବା ବେଳେ ସୁଶ୍ରୀ ସଂଘମିତ୍ରା ରଥ ଧନ୍ୟବାଦ ଦେଇଥିଲେ।

## ଗଜପତିରେ ପ୍ରଥମ ପର୍ଯ୍ୟାୟରେ ମତଦାନ

– ଗଜପତି ଜିଲ୍ଲାର ମୋହନା ର୍ନିବାଚନ ମଣ୍ଡଳୀ ଓ ପାରଳାଖେମୁଣ୍ଡି ର୍ନିବାଚନ ମଣ୍ଡଳୀ ପାଇଁ ମତଦାନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି।ସକାଳୁ ସକାଳୁ ଭୋଟ୍ ର ଭୋଟ୍ ଦେବା ପାଇଁ ଭୋଟଦାନ କେନ୍ଦ୍ରରେ ଆସି ପହଞ୍ଚିଛନ୍ତି। କାଶୀ ନଗର, ଗୁମ୍ମା, ଗୋଶାଣୀ ଓ ପାରଳାଖେମୁଣ୍ଡିକୁ ନେଇ ପାରଳାଖେମୁଣ୍ଡି ର୍ନିବାଚନ ମଣ୍ଡଳୀ ଥିବା ବେଳେ ମୋଟ ଦୁଇ ଲକ୍ଷ ସତର ହଜାର ପାଞ୍ଚ ଶହ ପଞ୍ଚାବନ ଭୋଟର ରହିଛନ୍ତି। ସେଥିମଧ୍ୟରୁ ପୁରୁଷ ଏକ ଲକ୍ଷ ସାତ ହଜାର ଶହେ ଦଶ ଭୋଟର ରହି ଥିବା ବେଳେ ଏକ ଲକ୍ଷ ଦଶ ହଜାର ଚାରିଶହ ଅଠେଇଶି ମହିଳା ଭୋଟ୍ ର ସତର ଜଣ କିଉର ଭୋଟର ରହିଛନ୍ତି। ସେହିଭଳି ମୋହନା ର୍ନିବାଚନ ମଣ୍ଡଳୀ ମୋହନା,ଆର ଉଦୟ ଗିରି,ରାୟଗଡ, ନୂଆଗଡ଼ କୁ ନେଇ ଗଠିତ ହୋଇଛି। ମୋହନା ର୍ନିବାଚନ ମଣ୍ଡଳୀରେ ସମୁଦାୟ ଦୁଇଲକ୍ଷ ପାଇଁଚାଲିସ ହଜାର ନଅ ଶହ ବାର ଭୋଟ୍ ର ରହିଥିବା ବେଳେ ସେଥି ମଧ୍ୟରୁ ପୁରୁଷ ଭୋଟର ସଂଖ୍ୟା ଏକ ଲକ୍ଷ ଉଣେଇସି ହଜାର ତିନିଶହ ଚାଳିଶ,ଏକ ଲକ୍ଷ ଛବିଶିହଜାର ପାଞ୍ଚଶହ ଅଠସଠି ମହିଳା ଭୋଟର ଓ ତୃତୀୟ ଲିଙ୍ଗି ରହିଛନ୍ତି। ପାରଳାଖେମୁଣ୍ଡି ର୍ନିବାଚନ ମଣ୍ଡଳୀରେ ୨୭୬ ଟି ବୁଥ ରହିଥିବା ବେଳେ ମୋହନା ର୍ନିବାଚନ ମଣ୍ଡଳୀରେ ୨୯୭ ଟି ବୁଥ ରହିଛି।ମୋଟ ଚାରି ହଜାର ଶହେ ଜଣ କର୍ମଚାରୀ ର୍ନିବାଚନ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ମୋହନା ଓ ପାରଳାଖେମୁଣ୍ଡି ର୍ନିବାଚନ ମଣ୍ଡଳୀରେ ଅଣାନବେ ସମ୍ବେଦନଶୀଳ ବୁଥ ରହିଛ। ପାରଳାଖେମୁଣ୍ଡି ର୍ନିବାଚନ ମଣ୍ଡଳୀରେ ୪୪ ଟି ସମ୍ବେଦନଶୀଳ ବୁଥ ରହିଥିବା ବେଳେ ମୋହନା ର୍ନିବାଚନ ମଣ୍ଡଳୀରେ ୪୫ ଟି ସମ୍ବେଦନଶୀଳ ବୁଥ ରହିଛି।

## ନିଶାସକ୍ତ ଲକ୍ଷ୍ମୀ ବସ ଚାଳକକୁ ପୋଲିସ ରେ ଜିମା ଦେଲେ ଗ୍ରାମବାସୀ



କପ୍ତିପଦା -(ମହାଭାରତ ): କପ୍ତିପଦା -ରାଜ୍ୟ ସରକାରଙ୍କ ଦ୍ୱାରା ନିୟୋଜିତ ହୋଇଥିବା ଲକ୍ଷ୍ମୀ ବସ ର ଚାଳକ ନିଶାସକ୍ତ ହୋଇ ଭିଆଇଲେ ଉନ୍ମତ୍ତ କାଣ୍ଡ ଲକ୍ଷ୍ମୀ ବସ ଚଢାଇ ମାରିଦେବାକୁ ଦେଲେ ଧମକ ଶେଷରେ ଗ୍ରାମବାସୀଙ୍କ ଦ୍ୱାରା ଅଟକ ହୋଇ ଗଲେ ଥାନାକୁ ଏଭଳି ଘଟଣା ଘଟିଛି ଉଦଳା ବ୍ଲକ ଅନ୍ତର୍ଗତ ଉର୍ମଳ ଗ୍ରାମରେ ଦୁଇ ଦିନ ଉର୍ମଳ ଗ୍ରାମରେ ବିଦ୍ୟୁତ ବିଛିନ୍ନ ହୋଇଥିବାକୁ ନେଇ ଗ୍ରାମବାସୀ ମାନେ ରାସ୍ତା ରୋକ କରିଥିବାବେଳେ ସେହି ରାସ୍ତା ଦେଇ ଯାତାୟତ କରୁଥିବା ଲକ୍ଷ୍ମୀ ବସ କୁ ଛାଡ଼ିନଥିଲେ ଗ୍ରାମବାସୀ ଲକ୍ଷ୍ମୀ ବସ ଚାଳକ ବିଜୟ ସିଂ ବସରୁ ତଳକୁ ଆସି ରାସ୍ତା ଅବରୋଧ କରିଥିବା ଗ୍ରାମବାସୀଙ୍କୁ ଅବରୋଧ ନ ହଟାଇଲେ ବସ ଚଢାଇ ଦେବାର ଧମକ ଦେଇଥିଲେ। ସ୍ଥାନୀୟ ଲୋକମାନେ ଡ୍ରାଇଭର କୁ ଅଟକ ରଖି ଉଦଳା ଥାନାକୁ ଖବର ଦେବାପରେ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଚାଳକକୁ ଥାନାକୁ ନେବା ସହିତ ଅଲକୋହଲ ଯାଞ୍ଚ କରାଯାଇଛି। ଏ ସମ୍ପର୍କରେ ଲକ୍ଷ୍ମୀ ବସର ସୁପରଭାଇଜରଙ୍କୁ ଯୋଗାଯୋଗ କରିବାରୁ ନିଶାସକ୍ତ ହୋଇ ବସ ଚଳାଉଥିବା ପ୍ରମାଣିତ ହେଲେ ଚାକିରି ରୁ ବିଦା ହେବେ ବୋଲି ପ୍ରକାଶ କରିଛନ୍ତି ।

## ବିଜେଡିର କର୍ମୀ ସମ୍ମିଳନୀରେ ବିଜେପି ଉପରେ ବର୍ଷିଲେ ଛେଣ୍ଡିପଦା ବିଧାୟକ ପ୍ରାର୍ଥୀ ସୁଶାନ୍ତ ବେହେରା

ଅନୁଗୋଳ,(ମହାଭାରତ): ଆଉ ଦିନ କେଇଟା ପରେ ସଧାରଣ ର୍ନିବାଚନ, ଗ୍ରୀଷ୍ମ ର ପ୍ରବାହ ଅଧିକ ରହୁଥିବାରୁ ପରିବେଶ ଗରମ ରହୁଥିବା ବେଳେ ରାତି ରେ ର୍ନିବାଚନୀ ପ୍ରଚାର ଉଷ୍ମତା କୁ ଅଧିକ ବୃଦ୍ଧି କରିଛି । ଛେଣ୍ଡିପଦା ର୍ନିବାଚନ ମଣ୍ଡଳୀ ର ବିଧାୟକ ଓ ସମ୍ବଲପୁର ସଂସଦୀୟ କ୍ଷେତ୍ର ରେ ବିଜେଡ଼ି ପ୍ରାର୍ଥୀ ଙ୍କ ପ୍ରଚାର ଆରମ୍ଭ କରିଛନ୍ତି । ସମ୍ବଲପୁର ର ସଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଙ୍କୁ ଜିତାଇ ବାକୁ ଉପସ୍ଥିତ ଜନସାଧାରଣ ପଣ କରିଥିବା ବେଳେ ବିଧାୟକ ନିଜେ ଉପସ୍ଥିତ ରହି ବିଜେଡି ସରକାର କରିଥିବା ଉନ୍ନତି ଓ ଛେଣ୍ଡିପଦା ର୍ନିବାଚନ ମଣ୍ଡଳୀ କୁ ଆସିଥିବା ଅର୍ଥ ର ହିସାବ ଲୋକଙ୍କ ସମ୍ମୁଖରେ କହିଥିଲେ ଏଥି ସହିତ ଗତ ଦଶ ବର୍ଷ ମଧ୍ୟରେ ଛେଣ୍ଡିପଦା ର୍ନିବାଚନ ମଣ୍ଡଳୀ କୁ କେଉଁ ଗୋଟିଏ କାର୍ଯ୍ୟ ବିଜେପି ସରକାର ଦ୍ୱାରା ହୋଇଛି ବୋଲି ପ୍ରଶ୍ନ କରିଥିଲେ , କେନ୍ଦ୍ର ସରକାର ଛେଣ୍ଡିପଦା କୁ ପଛୁଆ ଅଞ୍ଚଳ ଭଳି କୌଣସି ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେଇନାହାଁନ୍ତି ଯାହା ଫଳରେ ଏହି ପ୍ରତାରିତ ସରକାର କୁ ଭୋଟ ନ ଦେଇ ଯୋଡ଼ା ଶଙ୍ଖ ରେ ଭୋଟ ଦେବାକୁ ଅପିଲ କରିଥିଲେ। ବିଧାୟକ ପ୍ରାର୍ଥୀ ସୁଶାନ୍ତ ବେହେରା , ଏହି ର୍ନିବାଚନୀ କାର୍ଯ୍ୟକ୍ରମରେ ଅନେକ ଅନ୍ୟ ରାଜନୈତିକ ଦଳର କର୍ମୀ ବିଜେଡି ରେ ସାମିଲ ହୋଇଥିଲେ। ତେବେ ବିଧାୟକ ବିଜେଡି କରିଥିବା କାର୍ଯ୍ୟ ର ହିସାବ ଦେଇ ଓଡ଼ିଶା ଅର୍ଥନୀତି ରେ ବଳକା ରାଜ୍ୟ ରେ ପରିଣତ ହୋଇଛି ଛାତ୍ର ବୃତ୍ତି ଦ୍ୱାରା କଲେଜ୍ ଛାତ୍ର ଛାତ୍ରୀ ଙ୍କୁ ସ୍କୋଲାରସିପ ମିଳିଛି , ସ୍କୁଲ ଗୁଡ଼ିକ ର ରୁପାନ୍ତିକରଣ ସହିତ ମଧୁବାବୁ ପେନସନ କୁ ଦୁଇ ଗୁଣା କରାଯାଇଛି ବୋଲି ମତ ପ୍ରକାଶ କରିଥିଲେ । ସେହିପରି କେନ୍ଦ୍ର ରେ ଥିବା ବିଜେପି ସରକାର ଉପରେ ଖୁବ୍ ବର୍ଷିଥିଲେ ସୁଶାନ୍ତ , ସେ କହିଥିଲେ କି କେନ୍ଦ୍ର ସରକାର ଭାଷଣ ବାଜି ର ସରକାର ,କେନ୍ଦ୍ର ସରକାର ମା ଙ୍କୁ ଗ୍ୟାସ ଦର ବୃଦ୍ଧି ମାଧ୍ୟମରେ ଅଧିକ କଷ୍ଟ ଦେଇଛି ,ଭାରତ କୁ ସର୍ବନାଶ କରିଛି ମୋଦି ସରକାର , ଖାଦ୍ୟ ସାମଗ୍ରୀ ମୁଢ଼ି , ଚୁଡ଼ା ରେ ଏଝଞ୍ଚ ଲାଗିବା ନିନ୍ଦନୀୟ ଘଟଣା , ଭାରତରେ କିରୋସିନ କୁ ଉଭାନ କରିଛି କେନ୍ଦ୍ର ସରକାର , ଯାହା ଦ୍ୱାରା ଚାଷୀ ମାନଙ୍କ ଚାଷ ରେ କ୍ଷତି ହୋଇଛି ଓ ଏହା ସିଧା ସଳଖ ଚାଷୀ ଙ୍କ ପେଟ ରେ ଲାତ ମାରୁବା ଭଳି କାର୍ଯ୍ୟ , ଚାଷୀ ମାନଙ୍କ ପାଇଁ ଗଝଚ ଲାଗୁ ନ କରି ନିଜ ନେତା ଦ୍ୱାରା ଚାଷୀ ଙ୍କୁ ହତ୍ୟା କରିବା କେତେ ଚାଷୀ ଉଡତି ଚିନ୍ତା କରିବେ ଜନତା ,ବିରୋଧୀ ହାରିବା ଭୟରେ ଚାଷୀ , ଶିକ୍ଷିତ ଯୁବକ ମାନଙ୍କୁ , ବେକାରୀ ଯୁବକ ମାନଙ୍କୁ , ମା ମାନଙ୍କୁ ପ୍ରାତରଣ କରି ର୍ନିବାଚନ ସମୟରେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି କେନ୍ଦ୍ର ସରକାର, ସେହିଭଳି ଶିକ୍ଷା ବିଭାଗ ର ମନ୍ତ୍ରୀ ହୋଇ ଅନୁଗୋଳ ଜିଲ୍ଲାରେ ବିଶ୍ୱବିଦ୍ୟାଳୟ ବା ନୂତନ ସ୍କୁଲ ଟିଏ ର୍ନିମାଣ ନ କରିବା ଦୁଃଖ ର ବିଷୟ ବୋଲି ବିଧାୟକ ମତ ଦେଇଛନ୍ତି । ତେଣୁ ଉଡତି ପାଇଁ ବିଜେଡି ଏକ ମାତ୍ର ବିକଳ୍ପ ଓ ଯୋଡି ଶଙ୍ଖ ରେ ଭୋଟ ଦେବାକୁ କହିଥିଲେ । ଏହି କର୍ମୀ ସମ୍ମିଳନୀ ରେ ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ମୁଦୁଲି , ଗୋପୀ ସାହୁ , ଦୀପକ ପ୍ରଧାନ , ଅବିନାଶ ସାହୁ ପ୍ରମୁଖ ନେତୃ ନେଉଥିଲେ ।

## ହିନ୍ଦୋଳ ପାରିକୁଲ ଜୋନରେ ସିମାରାଣୀଙ୍କ ଜୋରଦାର ପ୍ରଚାର ସାଙ୍ଗକୁ ବାଇକ୍ ଶୋଭାଯାତ୍ରା

ହିନ୍ଦୋଳ(ମହାଭାରତ)ଆସନ୍ତା ୨୫ତାରିଖରେ ସାଧାରଣ ର୍ନିବାଚନ। ତେବେ ସାଧାରଣ ର୍ନିବାଚନକୁ ଆଖି ଆଗରେ ରଖି ହିନ୍ଦୋଳରେ ବିଭିନ୍ନ ଦଳ ପକ୍ଷରୁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଗଲାଣି ।ଗାଁ ଠାରୁ ନେଇ ସହର,ସବୁଠି ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଦେଖା ଯାଉଛି ନେତାଙ୍କ ଗହଳିୟ ଏହି ପରିପ୍ରେକ୍ଷୀରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ପ୍ରଚାର ଆରମ୍ଭ କରିଦେଲେଣି ବିଧାୟକ ପ୍ରାର୍ଥୀନୀ ସିମାରାଣୀ ନାୟକ। ସେହିଭଳି ହିନ୍ଦୋଳ ର୍ନିବାଚନ ମଣ୍ଡଳୀର ପାରିକୁଳ ଜୋନର ପୁରୁଣାକୋଟ, କଙ୍କାଳୁ, ଗାଳପଡା, ପାଟଲାରେ ଭାରତୀୟ ଜନତା ପାର୍ଟିର ବିଧାୟକ ପ୍ରାର୍ଥୀନୀ ସୀମାରାଣୀ ନାୟକଙ୍କ ଜୋରଦାର ପ୍ରଚାର ଦେଖିବାକୁ ମିଳିଛି। ଘରେ ଘରେ ପୁସିଂ କାର୍ଡ ଦେଇ ବିଜେପି ଦଳ ସପକ୍ଷରେ ଭୋଟ୍ ଦେବା ପାଇଁ ନିବେଦନ କରିଛନ୍ତି ବିଧାୟକ ପ୍ରାର୍ଥୀ ସିମାରାଣି।

## କନିକାପଡ଼ା ପଞ୍ଚାୟତରେ ବୁଥ ସ୍ତରୀୟ କର୍ମୀ ସମ୍ମିଳନୀ

ଦଶରଥପୁର(ମହାଭାରତ ): ଦଶରଥପୁର ବ୍ଲକ କନିକାପଡା ପଞ୍ଚାୟତସ୍ତ ବଉଳାଙ୍ଗ ହାଟ ପଡିଆଠାରେ ବିଯୁଜନତା ଦଳ ପକ୍ଷରୁ ବୁଥ ସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । କନିକାପଡା ସରପଞ୍ଚ ପ୍ରଦୀପ କୁମାର ଯେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ସମାଜସେବୀ ତଥା ବରିଷ୍ଠ ବିଜେଡି ନେତା କର୍ଣ୍ଣାଟ କେଶରି ଦାସ,ମୁଖ୍ୟ ବକ୍ତା ଭାବେ ଜିଲ୍ଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର,ସମ୍ମାନିତ ଅତିଥିଭାବେ ଯାଜପୁର ର୍ନିବାଚନ ମଣ୍ଡଳୀର ବିଜେଡି ବିଧାୟିକା ପାର୍ଥୀନୀ ସୁଜାତା ସାହୁ, ବରିଷ୍ଠ ବିଜେଡି ନେତା ଇଂ ତିମିରକାନ୍ତ ସେନାପତି, କନିକାପଡା ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ରାକେଶ କୁମାର ସାହୁ, ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ ପ୍ରମୁଖ ଯୋଗଦେଇ ଦୀର୍ଘ ୨୫ ବର୍ଷ ଧରି ଓଡ଼ିଶାର ଜନସାଧାରଣ ମାନଙ୍କୁ ସୁଶାନ ଯୋଗେଇ ଆସିବା ସହ ଗରିବ ଜନସାଧାରଣ ମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବିନ ପଟ୍ଟନାୟକ ବହୁ ଜନହିତକର ଯୋଜନା କାର୍ଯ୍ୟକାରୀ କରିଛନ୍ତି । ସେହିପରି ବିଜେପି ୫ ବର୍ଷ ଧରି ଲୋକ ମାନଙ୍କ ସୁଖ ଦୁଃଖରେ ନରହି ଭୋଟ ବେଳେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ବୋଲି ମୁଖ୍ୟ ଅତିଥି ଶ୍ରୀଦାସ କହିବା ସହ ବିରୋଧୀ ମାନଙ୍କ କଥାରେ ଭ୍ରମିତ ନହୋଇ ଆସନ୍ତା ସାଧାରଣ ର୍ନିବାଚନରେ ଯୋଡି ଶଙ୍ଖରେ ଭୋଟ ଦେଇ ନବିନ ପଟ୍ଟନାୟକଙ୍କୁ ପୁଣି ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ପାଇଁ କର୍ମୀ ମାନଙ୍କୁ ଶପଥ ନେବା ପାଇଁ ଜିଲ୍ଲା ବିଜେଡି ସଭାପତି ଉପସ୍ଥିତ କର୍ମୀ ମାନଙ୍କୁ କହିଥିଲେ। ଉକ୍ତ କର୍ମୀ ସମ୍ମିଳନୀରେ ଓଳସାଇ, ନାଗାପାଟଣା, କନିକାପଡା ନରଣାପାଟ, ମୁଳିଆ ପାଟଣା, ଦିହୁଡିସାଇ ଗ୍ରାମକୁ ନେଇ ମୋଟ ତିନିଗୋଟି ବୁଥର ପ୍ରାୟ ପାଞ୍ଚେ ସହରୁ ଉର୍ଦ୍ଧ କର୍ମୀ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ବରିଷ୍ଠ ଯୁବ ନେତା ପଞ୍ଚାବ କେଶରି ମହାପାତ୍ର, ପ୍ରଶାନ୍ତ ପୁହାଣ, ସୁରେଶ ବାରିକ୍,. ନରେଶ ରାଉତ,ଆଶିଷ ମହାପାତ୍ର, ଲିଟୁ ଭଞ୍ଜ ପ୍ରମୁଖ ସହଯୋଗ କରିଥିଲେ।

## ବିଜେଡି ର ସାଙ୍ଗଠନିକ ବୈଠକ ଓ ବନ୍ଧୁମିଳନ

ଅସ୍ତରଙ୍ଗ,(ମହାଭାରତ): ଗଣତନ୍ତ୍ର ର ମହାନ ପର୍ବ ର୍ନିବାଚନ, ଏହି ସାଧାରଣ ର୍ନିବାଚନ କୁ ନେଇ କାକଟପୁର ଅଞ୍ଚଳ ରେ ତ୍ରିମୁଖୀ ଲଢେଇ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ବନ୍ଧୁ ମିଳନ ବିଭିନ୍ନ ରାଜନୈତିକ ଦଳ ର ହାତ ମୁଠା କୁ ଟାଣ କରୁଥିବା ବେଳେ, ବିଜେଡି ର ବନ୍ଧୁମିଳନ ଓ ସାଙ୍ଗଠନିକ ବୈଠକ ଏକ ପ୍ରକାର ର୍ନିବାଚନୀ ବଳ ଗୋଟେଇବାରେ ଲାଗିଛି। ଅସ୍ତରଙ୍ଗ ବ୍ଲକ ନଈଗୁଆଁ ପଞ୍ଚାୟତ କୋଳିଖିଆ ପଡିଆ ରେ ବିଜେଡି ବିଧାୟକ ପାର୍ଥି ପୂର୍ବତନ ମନ୍ତ୍ରୀ ଶ୍ରୀଯୁକ୍ତ ତୁଷାର କାନ୍ତି ବେହେରା ଙ୍କ ନେତୃତ୍ୱ କୁ ଭଲ ପାଇ ଶତାଧିକ ବିଭିନ୍ନ ଦଳ ର କର୍ମୀ ବିଜେଡି ରେ ସାମିଲ ହୋଇ ଏହି ସାଙ୍ଗଠନିକ ବୈଠକ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମ ରେ ପୂରୀ ଜିଲ୍ଲାପରିଷଦ ଉପାଧକ୍ଷ ସ୍ୱାଧୀନ ନାୟକ, ଅସ୍ତରଙ୍ଗ ବିଜୁ ଜନତା ଦଳ ର ସଭାପତି କେଦାର ନାଥ ବିଶ୍ୱାଳ, ପୂର୍ବତନ ସରପଞ୍ଚ ମାନସ ସାହୁ , ପୂର୍ବତନ ଜିଲ୍ଲା ପରିଷଦ ପଞ୍ଚାନନ ସ୍ୱାଇଁ, ଶିଶୁଅ ସମିତିସଭ୍ୟା ଆରତୀ କାଣ୍ଡି, ନୂଆଗଡ ସମିତି ସଭ୍ୟ ରାମଚନ୍ଦ୍ର ନାୟକ , ସମାଜସେବୀ ଋତୁରାଜ ରାଉତ, ବ୍ଲକ ଯୁବ ବିଜେଡି ସଭାପତି ପ୍ରଶାନ୍ତ ନାୟକ , ୨ ନମ୍ବର ଜୋନ ଜିଲ୍ଲା ପରିଷଦସଭ୍ୟା ବନିତା ବେହେରା, ସାଂସଦ ଙ୍କ ପ୍ରତିନିଧି ଚମ୍ପକ ବେହେରା, ଏହି ବୈଠକର ମୁଖ୍ୟ ଉଧେଶ୍ୟ ଥିଲା ଅତୀତ ରେ ଦଳ ଗତ ପାର୍ଥକ୍ୟ କୁ ଦୁରେଇ ମନ୍ତ୍ରୀ ଶ୍ରୀଯୁକ୍ତ ବେହେରା ଙ୍କ ଆଭିମୁଖ୍ୟ ରେ ଅନୁପ୍ରାଣିତ ହୋଇ ସମସ୍ତେ ଏକତ୍ରିତ ହୋଇ ତୁଷାର କାନ୍ତି ଙ୍କୁ ବିଧାୟକ ଓ ରାଜଶ୍ରୀ ମଲ୍ଲିକ ଙ୍କୁ ସାଂସଦ ଭାବେ ଯୋଡି ଶଙ୍ଖ ରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ସଂକଳ୍ପ କରିଛନ୍ତି। ଏହି କାର୍ଯ୍ୟକ୍ରମ ରେ ବିଭିଉ ଦଳ ସହିତ ଜଡିତ ଥିବା ୨୫ ଜଣ ଆଗଧାଡିର ନେତୃ ମଣ୍ଡଳୀ ବିଜେଡି ରେ ମିଶିଥିଲେ, ମନ୍ତ୍ରୀ ଶ୍ରୀଯୁକ୍ତ ବେହେରା ଉତ୍ତରୀୟ ପ୍ରଦାନ କରି ତାଙ୍କୁ ମଞ୍ଚ ଉପରେ ସମ୍ବର୍ଦ୍ଧିତ କରିଥିଲେ, ଏହି ସାଙ୍ଗଠନିକ ବୈଠକ ରେ ଶତାଧିକ ମହିଳା ଓ ପୁରୁଷ କର୍ମୀ ଉପସ୍ଥିତ ହୋଇ ବୈଠକ କୁ ସାଫଲ୍ୟ ମଣ୍ଡିତ କରିଛନ୍ତି ।

# ରାଧୁ ସ୍ୱାଇଁ ମୃତ୍ୟୁ ଘଟଣାରେ ଦୋଷୀ ନିଜେ ରାଧୁ ସ୍ୱାଇଁ

## ଅନ୍ୟ ୫ ଆସାମୀ କୋର୍ଟ ଚାଲାଣ



ଅସ୍ତରଙ୍ଗ,(ମହାଭାରତ): ଅସ୍ତରଙ୍ଗ ବ୍ଲକ ଛୁରିଆନା ପଞ୍ଚାୟତ ଆଇଁସିଣିଆ ଗ୍ରାମର ବ୍ୟକ୍ତି ରାଧୁ ସ୍ୱାଇଁ ଗତ ୧୬ତାରିଖ ରାତ୍ର ୭ଘଟିକା ସମୟ ରେ ନିକଟରେ ଥିବା ଜଙ୍ଗଲ କୁ କାଠ କାଟିବାକୁ ଯାଇଥିଲେ। ଘରକୁ ଫେରିନଥିଲେ, ତା ପରଦିନ ୧୭ ତାରିଖ ସକାଳୁ ରାଧୁ ସ୍ୱାଇଁଙ୍କ କ୍ଷତ ବିକ୍ଷତ ରକ୍ତାକ୍ତ ମର ଶରୀର ସମୁଦ୍ରକୂଳ ରେ ଲାଗିଥିଲା। ଘଟଣା ସ୍ଥଳରେ ଅସ୍ତରଙ୍ଗ ପୋଲିସ, ଫରେନସିକ ଟିମ୍, ନିମାପଡା ଏସଡିପିଓ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ, ତଦନ୍ତ ଅନୁସାରେ ଉକ୍ତ ଗ୍ରାମ ର ଚିନ୍ମୟ କାଣ୍ଡି (୨୯), ମିଥୁନ କାଣ୍ଡି (୩୧), ଛବିନ୍ଦ୍ର କାଣ୍ଡି (୩୩), ପ୍ରଶାନ୍ତ କାଣ୍ଡି (୩୬),ନରେନ୍ଦ୍ର ସ୍ୱାଇଁ (୪୨), ଏବଂ ମୃତ ରାଧୁସ୍ୱାଇଁ ମିଶି ଜଙ୍ଗଲ ମଧ୍ୟ ରେ ହରିଣ ଓ ବାରହା ମାରିବାକୁ ବିଦ୍ୟୁତ ତାର ରେ ଫାସ ପକାଇଥିଲେ, ଫାସ ପକାଇବା ପରେ ରାଧୁ ସ୍ୱାଇଁ ଜଙ୍ଗଲ ଭିତରକୁ କାଠ ଆଣିବାକୁ ଯାଇଥିଲେ। ଯିବା ସମୟ ରେ ଫାସ ରେ ପଡି ବିଦ୍ୟୁତ ତାର ସଂସ୍ପର୍ଶ ରେ ଆସି ଜୋରେ ଚିତ୍କାର କରିଥିଲେ। ଅନ୍ୟ ମାନେ ଆସି ଦେଖିବାରୁ ତାଙ୍କ ର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ଅନ୍ୟ ମାନେ ଏହି ଘଟଣା ରେ ଭୟଭୀତ ହେବା ସହ ପ୍ରମାଣ ମିଟାଇବା ପାଇଁ ତାଙ୍କୁ ସମୁଦ୍ର କୂଳ ରେ ଫିଙ୍ଗି ଦେଇ ଚାଲିଯାଇଥିଲେ। ଘଟଣା ଘଟିବା ପରେ ରାଧୁ ସ୍ୱାଇଁ ଙ୍କ ପରିବାର ତରଫରୁ ଥାନା ରେ ଏତଲା ହୋଇଥିଲା, ପ୍ରଥମେ ପୋଲିସ ତରଫରୁ ୮୫/୨୪ କେଶ ନମ୍ବର ରେ ୩୦୨ ହତ୍ୟା ମାମଲା ଜୁ କୁ ଭିତ୍ତି କରି ଆଇଆଇସି ରାଜେଶ ବଳିୟାରସିଂ ଘଟଣା ର ଗଭୀରତମ ତଦନ୍ତ କରି ଆସାମୀ ମାନଙ୍କୁ ଗିରଫ କରିଥିଲେ।ଆସାମୀ ମାନଙ୍କ ପାଖରୁ ପ୍ରକୃତ ଘଟଣା ଉପଲବ୍ଧ ହେବା ସହ ଚିନ୍ମୟ କାଣ୍ଡି ଓ ନରେନ୍ଦ୍ର ସ୍ୱାଇଁ ଙ୍କ ପାଖରୁ ୨ ଟି ମୋବାଇଲ ଫୋନ ଓ ବ୍ୟବହୃତ ୪୦ମିଟର ବିଦ୍ୟୁତ ତାର ଜବତ କରାଯାଇଛି। ପରେ ଧାରା ୩୦୨କୁ ପରିବର୍ତ୍ତିତ କରାଯାଇ ଧାରା ୩୦୪/ ୨୦୧/୩୪ ରେ ଆସାମୀ ମାନଙ୍କୁ ଡାକ୍ତରୀ ପରୀକ୍ଷା କରାଯିବା ସହ କୋର୍ଟ ଚାଲାଣ କରାଯାଇଛି ।

# ବାରଣାସୀରେ ନାମାଙ୍କନ ପୂର୍ବରୁ ଗଙ୍ଗା ସ୍ନାନ କରିବେ ପ୍ରଧାନମନ୍ତ୍ରୀ ମୋଦୀ



ନୂଆଦିଲ୍ଲୀ: ୨୦୨୪ ସାଧାରଣ ନିର୍ବାଚନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉତ୍ତରପ୍ରଦେଶର କାଶୀ ଲୋକସଭା ଆସନରୁ ନିଜର ନାମାଙ୍କନ ପତ୍ର ଦାଖଲ କରିବାର ଗୋଟିଏ ଦିନ ପୂର୍ବରୁ ସୋମବାର ସନ୍ଧ୍ୟାରେ ବାରଣାସୀରେ ୬ କିଲୋମିଟର ଲମ୍ବା ରୋଡ୍? ସୋ କରିବେ। ବିଜେପି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ନାମାଙ୍କନ ପତ୍ର ଦାଖଲ କରିବା ପୂର୍ବରୁ ମୋଦକ୍ଷ ଗଙ୍ଗାରେ ସ୍ନାନ ମଧ୍ୟ କରିବେ। ସାଧାରଣ ନିର୍ବାଚନର ସପ୍ତମ ତଥା ଶେଷ ପର୍ଯ୍ୟାୟରେ ଜୁନ୍ ପହିଲାରେ ହେବାକୁ ଥିବା ଏହି ଆସନରୁ ପ୍ରଧାନମନ୍ତ୍ରୀ କ୍ରମାଗତ ତୃତୀୟ ଥର ପାଇଁ ନିର୍ବାଚନ ଲଢୁଛନ୍ତି। ଏହି ପ୍ରସ୍ତାବିତ ରୋଡ୍ ସୋ'ରେ ୫ ହଜାରରୁ ଅଧିକ ମାତୃଶକ୍ତି (ମହିଳା) ପଦଯାତ୍ରା କରିବେ ଏବଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ମନ୍ତ୍ରୀ ଓ ବିଧାୟକମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ସୂତ୍ରରୁ ପ୍ରକାଶ। ମାଲବ୍ୟ ଚୌରାହାରୁ ଶ୍ରୀ କାଶୀ ବିଶ୍ୱନାଥ ଧାମ ପର୍ଯ୍ୟନ୍ତ ଏହି ରୋଡ୍ ସୋ ଅନୁଷ୍ଠିତ ହେବ। ଏହା ସନ୍ଥ ରବିଦାସ ଗେଟ୍?, ଆସି, ଶିବଳା, ସୋନାରପୁରା, ଜଙ୍ଗମବାଡ଼ି, ଗୋଦାଉଲିଆ ଦେଇ ଯାତ୍ରା କରିବ। ମୋଦୀ ବିଏଲଡବ୍ଲ୍ୟୁ ଗେଷ୍ଟହାଉସରେ ରାତି ବିତାଇବେ। ସେ ବିଶ୍ୱନାଥ ଧାମରୁ ଗେଷ୍ଟହାଉସରେ ପହଞ୍ଚିବେ ଏବଂ ତାଙ୍କର କାଫିଲା (କାରକେଡ୍) ମୈଦଗିନ ଚୌରାହା, କବୀରଚୌରା, ଲହୁରାବୀର, ତେଲିଆବାଗ ତିରାହା, ଚୌକଘାଟ ଚୌରାହା, ଲାକଡି ମଣ୍ଡି, କ୍ୟାଣ୍ଟ ଓଭରବ୍ରିଜ୍, ଲହରତାରା ଚୌରାହା, ମଣ୍ଡୁଓ୍ୱାଡିହ ଚୌରାହା ଏବଂ କାକାରମଟା ଓଭରବ୍ରିଜ୍ ଅଞ୍ଚଳ ଦେଇ ଯିବାର କାର୍ଯ୍ୟକ୍ରମ ରହିଛି।

# ମୁମ୍ବାଇରେ ଝଡ, ହୋର୍ଡିଂ ଭାଙ୍ଗିପଡିବାରୁ ୩ ଜଣଙ୍କ ମୃତ୍ୟୁ



ମୁମ୍ବାଇ : ମୁମ୍ବାଇରେ ପ୍ରବଳ ଧୂଳି ଝଡ ଯୋଗୁଁ ଏକ ହୋର୍ଡିଂ ଭାଙ୍ଗି ପଡିବାରୁ ୩ ଜଣଙ୍କ ମୃତ୍ୟୁ ହେବା ସହ ୫୯ ଜଣ ଆହତ ହୋଇଛନ୍ତି । ଅଚାନକ ପାଣିପାଗ ବଦଳିବା ଯୋଗୁଁ ୧୫ ବିମାନକୁ ଅବତରଣ କରାନଯାଇ ଏହାକୁ ବୁଲାଇ ନିଆଯାଇଥିଛି । ମୁମ୍ବାଇର ଅନେକ ସ୍ଥାନରେ ଆଜି ଅପରାହ୍ନରେ ଅଚାନକ ପାଗ ବଦଳିଯାଇଥିଲା । ପ୍ରବଳ ଜୋରରେ ଝଡ ତୋଫାନ ହୋଇଥିଲା । ଅନେକ ସ୍ଥାନରେ ଏହାର ପ୍ରଭାବ ପଡିଥିଲା । ଘାଟକୋପରରେ ପ୍ରବଳ ପବନ ଯୋଗୁଁ ଏକ ହୋର୍ଡିଂ ଖସିପଡିଥିଲା । ହୋର୍ଡିଂ ତଳେ ଫସିଯିବା ଯୋଗୁଁ ୩୫ ଜଣ ଆହତ ହୋଇଥିଲେ । ପରେ ଆହତଙ୍କ ସଂଖ୍ୟା ବୃଦ୍ଧି ପାଇ ୫୯ ଛୁଇଁଛି । ସମସ୍ତଙ୍କ ଚିକିତ୍ସା ବ୍ୟବସ୍ଥା କରାଯାଉଛି । ଘାଟକୋପରରେ ଏନଡିଆରଏଫର ଏକ ଟିମ୍ ନିଯୁକ୍ତ ହୋଇଛି । ଏଥିରେ ୬୭ କର୍ମୀ ସୁରକ୍ଷା କାର୍ଯ୍ୟରେ ଲାଗିପଡିଛନ୍ତି । ତୀବ୍ର ବେଗରେ ପବନ ବିହବା ଯୋଗୁଁ ଅନେକ ବିମାନ ରଦ୍ଦ ହୋଇଛି । ପ୍ରାୟ ୧ ଘଣ୍ଟା ପର୍ଯ୍ୟନ୍ତ ସବୁ ବିମାନ ରଦ୍ଦ କରାଯାଇଥିଲା । ଧିରେ ଧିରେ ପରିସ୍ଥିତି ସୁଧୁରିବା ଯୋଗୁଁ ପୁଣି ବିମାନ ଚଳାଚଳ ଆରମ୍ଭ କରିବା ପାଇଁ ଯୋଜନା କରାଯାଉଛି ।

# ନାମାଙ୍କନ ପତ୍ର ଦାଖଲ କଲେ ବିଶ୍ୱ ରଞ୍ଜନ



ବରୀ, (ମହାଭାରତ) : ବରୀ ଯାଜପୁର ରାସ୍ତା ଆଜି ଜନ ସମୂଦ୍ର ହୋଇଛି। ବିଶ୍ୱ ରଞ୍ଜନ ମଲ୍ଲିକ ଆଜି ହଜାର ହଜାର ସଂଖ୍ୟକ ସମର୍ଥକ ମାନଙ୍କ ସହିତ ବାଇକ୍ ଶୋଭାଯାତ୍ରା ରେ ଯାଇ ନିଜର ନାମାଙ୍କ ପତ୍ର ଦାଖଲ କରିଛନ୍ତି। ବିଶ୍ୱଙ୍କୁ ବରୀ ଲୋକ କେତେ ଭଲ ପାଇଥାନ୍ତି ତାହା ଆଜି ସ୍ୱଷ୍ଟ ପ୍ରମାଣିତ ହୋଇଛି। ବିଶ୍ୱରଞ୍ଜନ ଆଜି ନିଜର ନାମାଙ୍କନ ପତ୍ର ଦାଖଲ କରିବାକୁ ଯିବା ସମୟରେ ତାଙ୍କ ସହିତ ଯାଇଥିବା ସମର୍ଥକଙ୍କ ବାଇକ୍ ରାଲିକୁ ଦେଖି ବିରୋଧି ଶିବିରରେ ଛନକା ଦେଖା ଦେଇଥିବା ଚର୍ଚ୍ଚା ହେଉଛି। ରାମଚନ୍ଦ୍ରପୁର ସ୍ଥିତ ବାସଭବନରୁ ବାହାରି ନିଜର ଅଧିଷ୍ଠାତ୍ରୀ ଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରିବା ପରେ ରାମେଶ୍ୱର ମନ୍ଦିରରେ ପହଂଚି ଆଶୀର୍ବାଦ ଭିକ୍ଷା କରିଥିଲେ। ନାମାଙ୍କନ ପତ୍ର ଦାଖଲ କରିବାକୁ ଯିବା ସମୟରେ ପ୍ରତି ଛକ ବଜାରରେ ତାଙ୍କ ସମର୍ଥକଙ୍କ ଦ୍ୱାରା ତାଙ୍କ ଉପରେ ଫୁଲ ବୃଷ୍ଟି କରିବା ବିଶ୍ୱଙ୍କ ଉପରେ ବରୀ ବାସୀଙ୍କର ଭଲ ପାଇବା କୁ ପ୍ରମାଣିତ କରିଛି। ବିଶ୍ୱ ଭାଇ ଜିନ୍ଦାବାଦ ବବି ଭାଇ ଜିନ୍ଦାବାଦ ରେ ପ୍ରକମ୍ପିତ ହୋଇଥିଲା ବରୀ ଠାରୁ ଯାଜପୁର। ୩୦ ହଜାର ରୁ ଉର୍ଦ୍ଧ ସମର୍ଥକ ମାନଙ୍କ ସହିତ ବରୀରୁ ବାହାରି ବରୁହାଁ ଦେଇ ଯାଜପୁରରେ ପହଂଚି ନାମାଙ୍କନ ପତ୍ର ଦାଖଲ କରିଥିଲେ। ଏହି ବିଶାଳ ରାଲି ସମୟରେ ସାଧାରଣ ଜନତାଙ୍କୁ ଯେପରି ଅସୁବିଧାର ସମ୍ମୁଖୀନ ହେବାକୁ ନପଡେ ସେଥିପାଇଁ ଗୁରୁତ୍ୱ ଦେଇଥିଲେ ବିଶ୍ୱଙ୍କ ସମର୍ଥକ ମାନେ । ବରୀ ନର୍ବାଚନ ମଣ୍ଡଳିର ୪୭ ଗୋଟି ପଂଚାୟତର ଲୋକ ମାନଙ୍କର ତାଙ୍କ ପ୍ରତି ଥିବା ଶ୍ରଦ୍ଧା ଓ ଭଲ ପାଇବାକୁ ଦେଖି ବିଶ୍ୱ ରଞ୍ଜନ ମଲ୍ଲିକ ସମସ୍ତଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇବା ସହିତ ଆଗକୁ ସବୁ ସମୟରେ ବରୀ ଜନସାଧାରଣଙ୍କ ସହିତ ଥିଲି ଆଗକୁ ସବୁ ସମୟରେ ରହିବି ବୋଲି କହିଥିଲେ।

# ପ୍ରଚାର ବେଳେ ବିଜେପି କର୍ମୀଙ୍କୁ ଆକ୍ରମଣ

ଭଞ୍ଜନଗର, (ମହାଭାରତ) : ନିର୍ବାଚନ ପ୍ରଚାର ବେଳେ ବିଜେପି କର୍ମୀଙ୍କୁ ଆକ୍ରମଣ ଅଭିଯୋଗ ହୋଇଛି। ଭଞ୍ଜନଗର ନିର୍ବାଚନ ମଣ୍ଡଳୀର ତିଳିସିଙ୍ଗି ଗ୍ରାମ ରେ ବିଜେଡି – ବିଜେପି କର୍ମୀ ମଧ୍ୟରେ ହାତାହାତୀ ହୋଇଛନ୍ତି। ଏଥିରେ କିଛି ବିଜେପି କର୍ମୀ ଆହତ ହୋଇଛନ୍ତି। ସୂଚନା ଅନୁସାରେ,ଅପରାହ୍ନ ସମୟରେ ବିଜେଡି ପ୍ରାର୍ଥୀ ବିକ୍ରମ କେଶରୀ ଆରୁଖ ଓ ବିଜେପି ପ୍ରାର୍ଥୀ ପ୍ରଦ୍ୟୁମ୍ନ ନାୟକ ନିଜ ନିଜର ସମର୍ଥକ ଙ୍କୁ ନେଇ ତିଳିସିଙ୍ଗି ଗ୍ରାମରେ ପ୍ରଚାର କରୁଥିଲେ। ସେହି ସମୟରେ ବିଜେପି ଓ ବିଜେଡି କର୍ମୀମାନେ ମୁହାଁମୁହିଁ ହୋଇଥିଲେ। ପ୍ରଚାର ଗାଡିକୁ ହଠାତ ଶତାଧିକ ବିଜେଡି ସମର୍ଥକ ଆକ୍ରମଣ କରିବା ସହ ବିଜେପି କର୍ମୀଙ୍କୁ ନିର୍ଦ୍ଧୁମ ମାତ୍ରାରେ ମାଡ଼ ମାରିଥିବା



ଅଭିଯୋଗ ହୋଇଛି। ଆକ୍ରମଣରେ ପ୍ରଚାର ଗାଡିଟି ଭଙ୍ଗାରୁଜା କରିଥିବା ଜଣାପଡିଛି। ପୋଲିସ ଉପସ୍ଥିତ ଏହି ହାତାହାତୀ ହୋଇଥିବା ବେଳେ ଦୁଇ ପ୍ରାର୍ଥୀଙ୍କ ମଧ୍ୟରେ କଥା କଟାକଟି ହୋଇଥିବା ଦେଖିବାକୁ ମିଳିଥିଲା। ଆକ୍ରମଣକାରୀଙ୍କ ବିରୋଧ ରେ କଡା କାଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେପି ବିଧାୟକ ପ୍ରାର୍ଥୀ ପ୍ରଦ୍ୟୁମ୍ନ ନାୟକ ଦାବି କରିଛନ୍ତି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଯୋଡ଼ା ହାଇସ୍କୁଲରୁ ଚୋରି



ଯୋଡ଼ା, (ମହାଭାରତ) : କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ ୱାର୍ଡ ନମ୍ବର ୯ରେ ଥିବା ଯୋଡ଼ା ହାଇସ୍କୁଲରୁ ରବିବାର ବିଳମ୍ବିତ ରାତ୍ରୀରେ ଏକ ବଡ଼ ଧରଣର ଚୋରି ହୋଇଛି। ଯୋଡ଼ା ହାଇସ୍କୁଲ ପ୍ରଧାନଶିକ୍ଷକ ଶଙ୍କର୍ଷଣ ମାରାଣ୍ଡି, ଶିକ୍ଷକ ଶୁଭାଶିଷ ଦାସ, ଅମରେଶ ଚନ୍ଦ୍ର ସେଠୀ ସୂଚନା ଦେଇ କହିଛନ୍ତି ଯେ ସୋମବାର ସକାଳ ପ୍ରାୟ ସାଢ଼େ ୫ଟା ସମୟରେ ବିଦ୍ୟାଳୟର ହିନ୍ଦୀ ଶିକ୍ଷୟତ୍ରୀ ଲାଇଟ୍ ଲିଭେଇବା ପାଇଁ ସ୍କୁଲ୍ ପରିସରକୁ ଆସି ଆଇ ସି ଟି ଲ୍ୟାବର ଗ୍ରିଲ ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ସେ ଭିତରକୁ ଯାଇ ଦେଖିଥିଲେ ଯେ ଲ୍ୟାବରେ ଥିବା ୪ଟି କମ୍ପୁଟର କୀ-ବୋର୍ଡ ଓ ୪ ଟି ମୋନିଟର ସମେତ ଗୋଟିଏ ସିସି ଟିଭି ମୋନିଟର୍ ଚୋରି ହୋଇ ଯାଇଛି। ଏନେଇ ତୁରନ୍ତ ସେ ପ୍ରଧାନଶିକ୍ଷକ ମରାଣ୍ଡିଙ୍କୁ ଅବଗତ କରାଇଥିଲେ। ମାରାଣ୍ଡି ଏନେଇ ଯୋଡ଼ା ଥାନାକୁ ଟେଲିଫୋନ ଯୋଗେ କହିଥିବା କହିଛନ୍ତି। ସେ ଅଧିକ ସୂଚନା ଦେଇ କହିଛନ୍ତି ଯେ ଇଣ୍ଟିଗ୍ରେଟେଡ କମ୍ପ୍ୟୁଟର ଲବ୍ରୋଟରୀର ଗ୍ରୀଲ ତାଡି ଲ୍ୟାବର ମୁଖ୍ୟ କବାଟ ଚାବି ଭାଙ୍ଗି ସେଠାରୁ ଛାତ୍ରୀ ଛାତ୍ର ମାନଙ୍କ ପାଇଁ ରହିଥିବା ୪ଟି କମ୍ପ୍ୟୁଟର ମୋନିଟର, ୪ଟି କୀ-ବୋର୍ଡ ଓ ସିସି ଟିଭି ମୋନିଟର୍ ଚୋରି କରିବା ସହିତ ତାର ଛିଣ୍ଡାଇ ଅନ୍ୟାନ୍ୟ ଯନ୍ତ୍ରପାତିକୁ ଚୋର ମାନେ ନଷ୍ଟ କରି ଦେଇଛନ୍ତି। ଏହି ଆଇ ସି ଲ୍ୟାବଟି ଅକ୍ସରା ମାଧ୍ୟମରେ ଚାଲୁଛି। ଏହା ୫ଟି ମାଧ୍ୟମରେ ପରିଚାଳିତ ହେଉଛି। ଜିଲ୍ଲା ମୁଖ୍ୟାଳୟରେ ଥିବା ଅକ୍ସରା ସଂସ୍ଥାର ଅଧିକାରୀ ମାନେ ଆସିବା ପରେ ସମ୍ପୂର୍ଣ୍ଣ କ୍ଷୟକ୍ଷତିର ବିବରଣୀ ସହିତ ଯୋଡ଼ା ଥାନାରେ ଲିଖିତ ଅଭିଯୋଗ କରାଯିବ । ପ୍ରଧାନଶିକ୍ଷକ ମାରାଣ୍ଡିଙ୍କୁ ବିଦ୍ୟାଳୟର ସୁରକ୍ଷା କର୍ମୀ ସଂକ୍ରାନ୍ତରେ ପଚାରିବାରୁ ସେ କହିଛନ୍ତି ଯେ ଦୀର୍ଘ ଦିନରୁ ବିଦ୍ୟାଳୟର ସୁରକ୍ଷା କର୍ମୀ ଆସୁ ନାହାନ୍ତି। ତେଣୁ ସ୍କୁଲର ସୁରକ୍ଷାକୁ ନେଇ ଅଭିଭାବକ ମାନେ ସମାଲୋଚନା କରିଛନ୍ତି।

# ହରିଣ ମୃତ, ଶୀକାର ସନ୍ଦେହ

ଯୋଡା,(ମହାଭାରତ) : କେନ୍ଦୁଝର ଜିଲ୍ଲା ବଡବିଲ ରେଞ୍ଜ ବିଲେଇପଦା ସେକ୍ସନ କୁଟାରୀପୋଷୀ ଗ୍ରାମରେ ଏକ ହରିଣର ମୃତଦେହକୁ ଠାବ କରିବା ପରେ ଗ୍ରାମବାସୀ ମାନେ ବିଲେଇପଦା ବନପାଳକୁ ଖବର ଦେଇଥିଲେ। ଖବର ପାଇ ବନପାଳ ମୋହିନୀ ମହାନ୍ତ ଘଟଣାସ୍ଥଳରେ ପହଞ୍ଚି ହରିଣର ମୃତଦେହକୁ ଜବତ କରିଥିଲେ। ଏହା ଗ୍ରାମର ପଦ୍ମ ଚରଣ ମହାନ୍ତଙ୍କ ବଗିଚାରେ ପଡ଼ିଥିବା ସେ କହିଛନ୍ତି। ତେବେ ଘଟଣାସ୍ଥଳରେ ହରିଣର ମୃତଦେହ ଜବତ କରିବା ବେଳେ ଦେଖିବାକୁ ମିଳିଥିଲା ଯେ ହରିଣର ସିଂଘ କୁ କଟା ଯାଇଥିଲା। ଖୋଜା ଖୋଜି ପରେ ବନ ବିଭାଗ ଏହାକୁ ଜବତ କରିଥିଲା। ତେଣୁ ହରିଣ କୁ ଶିକାର କରାଯାଇ ଥିବା ସ୍ଥାନୀୟ ଜନ ସାଧାରଣ ସନ୍ଦେହ କରୁଥିବା ବେଳେ ବଡ଼ବିଲ ରେଞ୍ଜର ରଞ୍ଜନ କୁମାର କାର୍ଲୋ ଏହାକୁ ଖଣ୍ଡନ କରି ଏହା କୁକୁର କାମୁଡ଼ା ଯୋଗୁଁ ହୋଇଥିବା ପ୍ରାରମ୍ଭିକ ସୂଚନାରୁ ଜଣାପଡୁଛି ବୋଲି କହିଛନ୍ତି। ବନ୍ୟଜନ୍ତୁ ସଂରକ୍ଷଣ ଆକ୍ଟ ଅନୁଯାୟୀ ଶ୍ରେଣୀ ୩ରେ ଅନ୍ତର୍ଭୁକ୍ତ ଏହା ଏକ ସ୍ପୋଟେଡ ଡିଅର ବୋଲି ବନପାଳ ମୋହିନୀ ମହାନ୍ତ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଏହାର ଉଚ୍ଚତା ୩ ରୁ ୪ ଫୁଟ୍ ମଧ୍ୟରେ ହେବ । ଏହା ଏକ ଅଣ୍ଡିରା ହରିଣ ଅଟେ। ବନ ବିଭାଗ ସୂତ୍ରରୁ ସୂଚନା ମିଳିଛି ଯେ କୁଟାରୀପୋଷୀ ଗ୍ରାମ ନିକଟସ୍ଥ ଝାଡ଼ଖଣ୍ଡ ରାଜ୍ୟର ଜାମୁପାଣି ଓ ନେପାଙ୍ଗ ବନାଞ୍ଚଳରୁ ଏହି ହରିଣଟି ଆସିଥିଲା। ତେବେ ହରିଣ ର ସିଂଘ କଟା ହୋଇ ଅଲଗା ଜବତ ହୋଇଥିବାରୁ ଶିକାର ର ସନ୍ଦେହ ଉପୁଜୁଛି। ହେଲେ ବନ ବିଭାଗ ଏହାକୁ ଖଣ୍ଡନ କରି ଏହା କୁକୁର କାମୁଡ଼ା ହେତୁ ହୋଇଥିବା ଅନୁମାନ କରୁଛି। ସୂଚନା ଯୋଗ୍ୟ ଯେ ହରିଣର ବାମପାର୍ଶ୍ୱ ଗୋଡରେ ଓ ତଳିପେଟ ପଛ ପଟେ ଗଭୀର କ୍ଷତ ଅଛି। ହରିଣକୁ ଯୋଡ଼ା ପ୍ରାଣୀ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ନିଆ ଯାଇଥିଲା।ପରବର୍ତ୍ତୀ ସମୟରେ ବନପାଳ ମହାନ୍ତ ଙ୍କୁ ଖବର ଦାତା ମାନେ ହରିଣ ସୀଙ୍ଘ ସଂକ୍ରାନ୍ତୀୟ ପ୍ରଶ୍ନ କରିବାରୁ ମୃତ ହରିଣ କୁ ନେଇ ବନପାଳ ମହାନ୍ତ ସେଠାରୁ ଚାଲି ଯାଇଥିଲେ । ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ସ୍ୱଷ୍ଟ ହେବ ବୋଲି ରେଞ୍ଜର କାର୍ଲୋ କହିଛନ୍ତି । ବ୍ୟାପକ ଜଙ୍ଗଲକ୍ଷୟ ଏବଂ ଜଳାଭାବ ହେତୁ ବନ୍ୟ ପଶୁ ଗ୍ରାମ।ଭିମୁଖି ହେଉଛନ୍ତି ଓ ମୃତ୍ୟୁ ମୁଖରେ ପଡୁଛନ୍ତି।

# ଗର୍ଭବତୀ ମହିଳାଙ୍କୁ ହତ୍ୟା

କରଞ୍ଜିଆ, (ମହାଭାରତ) : ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ତାଳପଦା ଗ୍ରାମରେ ୭ ମାସର ଗର୍ଭବତୀ ମହିଳାଙ୍କ ସନ୍ଦେହ ଜନକ ମୃତ୍ୟୁ ଉପରୁ ପରଦା ଉଠିଛି । ସ୍ୱାମୀ ମାନସ କାର୍ଜି ସ୍ତ୍ରୀ ସିପିକୁ ପରେ ପୁଣି ନିଜେ ଗୋଟିଏ ଅଟୋରେ ଠାକୁରମୁଣ୍ଡା ମେଡିକାଲ ଆଣିଥିଲେ । ଡାକ୍ତର ମୃତ ଘୋଷଣା କରିବା ପରେ ସେଠାରୁ ଶବ ଯାଇଥିଲା ଉପଖଣ୍ଡ ଚିକିତ୍ସାଳୟ କରଞ୍ଜିଆ କୁ ବ୍ୟବଛେଦ



ପାଇଁ । ଝିଅର ବାପାଙ୍କ ଏତଲାକ୍ରମେ ଜଣେ ଥାନାରେ ଅଟକ ରହିଥିଲା । ପୋଲିସ ହାତରେ ସୁରାକ ଲାଗିବା ପରେ ଶନିବାର ପୋଲିସ ଘରକୁ ଯାଇ ତଦନ୍ତ କରିବା ସହ ସିନ ପୁନରାବୃତ୍ତି କରାଇଥିଲେ । ରବିବାର ପୋଲିସ ତଦନ୍ତର ସଫଳତାକୁ ନେଇ ସୂଚନା ଦେବ ବୋଲି କହିଥିଲା । ପୋଲିସ ଘଟଣାର ପୂର୍ଣ୍ଣ ବିବରଣୀ ପାଇବା ପରେ ବଡ଼ ବାପା ପୁଅର ସ୍ତ୍ରୀ ସନ୍ଧ୍ୟାରାଣୀ କାର୍ଜି (୨୩) କୁ ମଧ୍ୟ ଗିରଫ କରିଛି । ଉଭୟ ମିଶି ୮ ତାରିଖ ରାତିରେ ମାରିଥିଲେ ଗର୍ଭବତୀ ସିପିକୁ । ୧୦ ତାରିଖରେ ଆଣିଥିଲେ ଠାକୁରମୁଣ୍ଡା ମେଡିକାଲକୁ ଏବଂ ଖବର ଦେଇଥିଲେ ବାପ ଘରକୁ । ଠାକୁରମୁଣ୍ଡା ଥାନା କେଶ ନଂ ୪୫ ଦଫା ୪୯୮ (ଏ ), ୩୦୪ (ବି ), ୩୦୨, ୧୨୦ (ବି ), ୩୪ ଆଇପିସି ଏବଂ ସେକ୍ସନ ୪ ଡି ପି ଆକ୍ଟ ବଳରେ ଉଭୟ ଆସାମୀ ମାନସ ଏବଂ ସନ୍ଧ୍ୟାରାଣୀ କାର୍ଜିଙ୍କୁ ୧୨ ତାରିଖ ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇ ଥିବା ବେଳେ ଅଧିକ ତଦନ୍ତ ଚାଲାଇଛି ଠାକୁରମୁଣ୍ଡା ପୋଲିସ । ହତ୍ୟା କରିଥିବା ସ୍ୱୀକାର କରିଛି । ସ୍ୱୀକାର ପରେ ପୋଲିସ ଘଟଣାର ପୁନରାବୃତ୍ତି କରାଇ ପରଖିଛି । ପରକୀୟା ପ୍ରୀତି କାରଣରୁ ହତ୍ୟାକାଣ୍ଡ ଘଟାଇ ଆତ୍ମହତ୍ୟାର ରୂପ ଦିଆଯାଇଥିଲା। ଜନୈକା ସମ୍ପର୍କୀୟ ଭାଉଜ ସହିତ ଅନୈତିକ ସମ୍ପର୍କ କାରଣରୁ ସମ୍ପୃକ୍ତା ମହିଳା, ମାନସ ସହ ମିଶି ସିପିକୁ ମାରିବା ପରେ ଆତ୍ମହତ୍ୟା ରୂପ ଦେବାକୁ ଟାଙ୍ଗି ଦେଇଥିଲେ ।

# ବିଜେପିର ନାରୀ ଶକ୍ତି ବନ୍ଦନ ସମାବେଶ




କେନ୍ଦୁଝର, (ମହାଭାରତ) : କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚିନାମାଳିପଶି ଠାରେ ମହାସମାରୋହ ରେ ବିଜେପି ର ନାରୀ ଶକ୍ତି ବନ୍ଦନ ସମାବେଶ ହୋଇଛି । କାର୍ଯ୍ୟକ୍ରମ ମଞ୍ଚରେ କେନ୍ଦୁଝର ରାଣୀ ସୁନନ୍ଦୀନି ଭଞ୍ଜଦେଓ ଯୋଗଦାନ କରି ଲୋକସଭା ସାଂସଦ ପ୍ରାର୍ଥୀ ଅନନ୍ତ ଚରଣ ନାୟକ,ବିଧାନସଭା ବିଧାୟକ ପ୍ରାର୍ଥୀ ଅଖିଳ ଚନ୍ଦ୍ର ନାଏକ ଙ୍କୁ ନାରୀ ଶକ୍ତି ର ଦୁଇଟି ଭୋଟ ପଦ୍ମଫୁଲ କୁ ବିପୁଳ ସଂଖ୍ୟା ରେ ମୋହର ଦେଇ ଜିତାଇ ବାକୁ ଆହ୍ୱାନ କରିଛନ୍ତି । ଏହି ପେରିପେକ୍ଷି ମଞ୍ଚ ରେ ବିଧାୟକ ପ୍ରାର୍ଥୀ ଅଖିଳ ଚନ୍ଦ୍ର ନାଏକ ଉପସ୍ଥିତ ହୋଇ ସାଧାରଣ ନିର୍ବାଚନରେ ବିଜୟ ହେଲେ ନିର୍ବାଚନ ମଣ୍ଡଳୀ ପାଇଁ ମୋଦିଙ୍କ ଗ୍ୟାରେଣ୍ଟି ସୁନିଶ୍ଚିତ ଅଭିଭାଷଣ ରଖିଛନ୍ତି ।ବିନେପି ର ଜିଲ୍ଲା ମହିଳା ମୋର୍ଚ୍ଚା ସଂପାଦିକା ସୋମବାରୀ ମୁଣ୍ଡା ସାଧାରଣ ନିର୍ବାଚନରେ ନାରୀ ଶକ୍ତି ତାର ଭୋଟରେ ଶକ୍ତି ଦେଖାଇ ବିଜେପି ର ସାଂସଦ, ବିଧାୟକ ପ୍ରାର୍ଥୀଙ୍କୁ ବିଜୟ ସଂକଳ୍ପ ଅଭିଭାଷଣ ରଖିଛନ୍ତି । କାର୍ଯ୍ୟକ୍ରମରେ ରାଜ୍ୟ କୃଷକ ମୋର୍ଚ୍ଚା ଉପ ସଭାପତି ରାଧାକାନ୍ତ ମହାନ୍ତ, ରାଜ୍ୟ ଆଦିବାସୀ ମହିଳା ମୋର୍ଚ୍ଚା ଉପ ସଭାପତି ମମିତା ନାୟକ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ମମତା ସିଂ, ଜିଲ୍ଲା କାର୍ଯ୍ୟ କାରିଣୀ ସଦସ୍ୟା ଲବଙ୍ଗଲତା ନାୟକ, ପୂର୍ବତନ ମଣ୍ଡଳ ପ୍ରହ୍ଲାଦ କୁମାର ପଳେଇ, ରତ୍ନମଣି ମହାନ୍ତ, ଯୁବନେତା ପରମେଶ୍ୱର ପୁଷ୍ଟି, କରୁଣା ସାଗର ଖାଟୁଆ, ମଣ୍ଡଳ ସଭାପତି ରମେଶ ମହାନ୍ତଙ୍କ ସହିତ ହଜାର ହଜାର ସଂଖ୍ୟାରେ ମହିଳାଙ୍କ ସମାବେଶ ଦେଖିବାକୁ ମିଳିଛି ।

# ଟ୍ରେନ ଲାଇନରୁ ଏବିଡ଼ିଓଙ୍କ ମୃତ ଦେହ ଉଦ୍ଧାର

ହରିଚନ୍ଦନପୁର,(ମହାଭାରତ): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ରେଲ ଷ୍ଟେସନ ନିକଟ ରେଲ ଲାଇନ କଡ଼ରୁ ଏକ ମୃତ ଦେହ ଉଦ୍ଧାର ହୋଇଛି । ମୃତକ ଜଣଙ୍କ ହାଟଡିହି ବ୍ଲକ ନିସଙ୍ଗପୁର ଗ୍ରାମର ବିଦୁଭୂଷଣ ଜେନା (୫୦) ବୋଲି ଜଣାପଡିଛି । ସେ ଦୀର୍ଘ ଦିନରୁ ହରିଚନ୍ଦନପୁର ବ୍ଲକରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ । ସୂଚନା ଅନୁଯାୟୀ ବିଳମ୍ବିତ ରାତ୍ରରେ ଏହି ଘଟଣା ଘଟିଥିବା ଅନୁମାନ କରାଯାଉଥିବା ବେଳେ ସୋମବାର ଦିନ ଭୋର ସକାଳୁ ଟ୍ରେନ ଲାଇନରେ ଏକ ମୃତ ଦେହ ପଡିଥିବାର ଦେଖି ସ୍ଥାନିୟ ଲୋକ ଜିଆରପି ପୋଲିସକୁ ଖବର ଦେଇଥିଲେ । ଖବର ପାଇ ଘଟଣା ସ୍ଥଳରେ ଜିଆରପି ପୋଲିସ ପହଞ୍ଚି ମୃତଦେହକୁ ଯବତ କରି ସ୍ଥାନିୟ ହରିଚନ୍ଦନପୁର ପୋଲିସକୁ ହସ୍ତାନ୍ତର କରିଛି । ତେବେ ଶବ ନିକଟରୁ ମୋବାଇଲ ଓ ଚପଲ ପଡ଼ିଥିବା ବେଳେ ଏ ସବୁକୁ ପୋଲିସ ଅନୁଧ୍ୟାନ କଲା ପରେ ହରିଚନ୍ଦନପୁର ବ୍ଲକର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବୋଲି ଜଣାପଡିଥିଲା । ତେବେ କେସ ନମ୍ବର ୩୨/୨୪ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଟ୍ରେନରୁ ଖସି ମୃତ ହୋଇଥିବା ପୋଲିସ ସନ୍ଦେହ କରୁଥିବା ବେଳେ ସ୍ଥାନୀୟ ତହସିଲଦାରଙ୍କ ଉପସ୍ଥିତିରେ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଥିବା ଜଣାପଡିଛି । ପ୍ରକୃତରେ ହତ୍ୟା କରି କିଏ ପିଙ୍ଗିଦେଇଛନ୍ତି ନାଁ କାମ ଚାପରେ ଆତ୍ମହତ୍ୟା ନା ଦୁର୍ଘଟଣା ଘଟିଛି ଏହାର ପ୍ରକୃତ କାରଣ ଜଣାପଡ଼ିନାହିଁ। ଏହାରି ଭିତରେ ସମ୍ପର୍କୀୟ ଶଳା ଜ୍ୟୋତି ରଞ୍ଜନ ରାଉତ ହତ୍ୟା ଅଭିଯୋଗ ଆଣିଥିବା ଜଣାପଡ଼ିଛି । ଶବ ବ୍ୟବଚ୍ଛେଦ ସହ ବିଭିନ୍ନ ଦିଗକୁ ନେଇ ତଦନ୍ତ କଲେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି ।

# ବୁଥ ରିଗିଂ: ଦୁଇ ଗୋଷ୍ଠୀ ପିଟାପିଟି

ଚିକିଟି, (ମହାଭାରତ) : ଗଞ୍ଜାମ ଚିକିଟିରେ ବୁଥ ରିଗିଂ ଅଭିଯୋଗ, ଉଭୟ ଗୋଷ୍ଠୀ ପିଟାପିଟି। କଡ଼ବାଲିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୬୪/୬୫ ନଂ ବୁଥରେ ଦୁଇ ଗୋଷ୍ଠୀ ମଧ୍ୟରେ ଆକ୍ରମଣ ଓ ପ୍ରତି ଆକ୍ରମଣ ହୋଇଥିବା ସୂଚନା ମିଳିଛି ।ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଆକ୍ରମଣକାରୀ ଚମ୍ପଟ ମାରିଥିଲେ। ସକାଳେ ବି ସମାନ ବୁଥରେ ଗଣ୍ଡଗୋଳ ହୋଇଥିଲା ଏବଂ ଏଥିରେ ଏକାଧିକ ଲୋକ ଆହତ ହୋଇଥିବା ଜଣାପଡ଼ିଛି।

# ଲଞ୍ଚ୍ ହେଲା ଟିମ ଇଣ୍ଡିଆର ନୂଆ ଜର୍ସି

ମୁମ୍ବାଇ, ୧୩।୫(ଏଜେନ୍ସି): ଟିମ ଇଣ୍ଡିଆର ନୂଆ ଜର୍ସିକୁ ଲଞ୍ଚ କଲେ ରୋହିତ ଓ ଜୟ ଶାହ ବିସିସିଆଇର ସାଧାରଣ ସମ୍ପାଦକ ଜୟ ଶାହ ଓ ଟିମ ଇଣ୍ଡିଆର ଅଧିନାୟକ ରୋହିତ ଶର୍ମା ଭାରତୀୟ କ୍ରିକେଟ ଟିମର ନୂଆ କିଟ ଅନାବରଣ କରିଛନ୍ତି। ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଆସନ୍ତା ଟି-୨୦ ବିଶ୍ୱକପରେ ଭାରତୀୟ ଟିମ ପିନ୍ଧିବାକୁ ଥିବା ଜର୍ସିକୁ ମଧ୍ୟ ଲଞ୍ଚ କରାଯାଇଛି।

ନୂଆ କିଟ ଓ ଜର୍ସି ଲଞ୍ଚ କାର୍ଯ୍ୟକ୍ରମର ଭିଡିଓକୁ ବିସିସିଆଇ ତା'ର ସୋଶାଲ ମିଡିଆ ଆକାଉଣ୍ଟରେ ପୋଷ୍ଟ କରିଛି। ପ୍ରଥମେ ରୋହିତ ଓ ଜୟ ଶାହ ଗୋଟିଏ ଜର୍ସିର କପଡ଼ାକୁ ଯାଞ୍ଚ କରିଥିଲେ। ଏହାପରେ ଆୟୋଜିତ କାର୍ଯ୍ୟକ୍ରମରେ ଜର୍ମାନ ସ୍ପୋର୍ଟସୱେୟାର ଆଡିଡାସ ପକ୍ଷରୁ ଭାରତୀୟ ଟିମର ସମସ୍ତ କିଟ୍ସ ଯଥା- ଟ୍ରେନିଂ କିଟ, କୋଚିଂ ଷ୍ଟାଫ କିଟ ଓ ମୁଖ୍ୟ କିଟକୁ ପ୍ରଦର୍ଶିତ




କରାଯାଇଥିଲା।

ଟି-୨୦ ବିଶ୍ୱକପରେ ଟିମ ଇଣ୍ଡିଆ। ପରିଧାନ କରିବାକୁ ଥିବା ଜର୍ସିର କିଛି ଝଲକ ପୂର୍ବରୁ ହିଁ ଆଡିଡାସ ଫ୍ୟାନ୍ସଙ୍କୁ ଦେଇ ସାରିଥିଲା। ହେଲିକପ୍ଟର ଜରିଆରେ ଟି-୨୦ ବିଶ୍ୱକପ ଜର୍ସିକୁ ଧର୍ମଶାଳା ଷ୍ଟାଡିୟମରେ ରୋହିତ, କୁଲଦୀପ ଯାଦବ ଓ ରବୀନ୍ଦ୍ର ଜାଡେଜାଙ୍କ ଉପସ୍ଥିତିରେ ଲଞ୍ଚ କରାଯାଇଥିଲା।

ଆଜି ଏହାକୁ କ୍ୟାପ୍ଟେନ ରୋହିତ ଓ ସମ୍ପାଦକ ଜୟ ଶାହ ବିଧିବଦ୍ଧ ଭାବେ ଲଞ୍ଚ କରିଛନ୍ତି। ନୂଆ ଜର୍ସିର ହାତ ଓ ବେକରେ କମଳା ରଙ୍ଗର ଷ୍ଟ୍ରିପ ରହିଛି। ବଡି ଅଂଶଟି ବ୍ଲୁ ରଙ୍ଗର। ଜର୍ସିରେ ଆଡିଡାସର ପ୍ରତୀକ ଓ କଲାରରେ ତ୍ରିରଙ୍ଗା ରହିଛି। ଏହି ଜର୍ସିକୁ ପିନ୍ଧି ଭାରତୀୟ ଟିମ ଟି-୨୦ ବିଶ୍ୱକପରେ ଟ୍ରଫି ପାଇଁ ଟକ୍କର କରିବ।

ଆସନ୍ତା ଜୁନ ୨ରୁ ଆମେରିକା ଓ ୱେଷ୍ଟଇଣ୍ଡିଜରେ ଟି-୨୦ ବିଶ୍ୱକପ ଆରମ୍ଭ ହେବ। ଏଥିପାଇଁ ୧୫ ଜଣିଆ ଭାରତୀୟ ସ୍କ୍ୱାଡ ଘୋଷଣା ହୋଇ ସାରିଛି। ରୋହିତ ଶର୍ମା ଅଧିନାୟକ ଓ ହାର୍ଦ୍ଦିକ ପାଣ୍ଡ୍ୟା ତାଙ୍କ ଡେପୁଟି ଭାବେ ବିଶ୍ୱକପରେ ନଜର ଆସିବେ।

# ଟି -୨୦ ବିଶ୍ୱକପ୍ ପାଇଁ ଦଳ ଘୋଷଣା କଲା ନେଦରଲାଣ୍ଡ୍ସ

**ନୂଆଦିଲ୍ଲୀ, ୧୩।୫:** ନେଦରଲାଣ୍ଡ୍ସ ୨୦୨୪ ଟି -୨୦ ବିଶ୍ୱକପ୍ ପାଇଁ ଦଳ ଘୋଷଣା କରିଛି ଦଳ ସ୍କଟ ଏଡାର୍ଡସଙ୍କୁ ଅଧିନାୟକ କରିଛି ଆର୍ଯ୍ୟନ ଦତ୍ତ ଏବଂ ବାସ ଡି ଲିଡେ ମଧ୍ୟ ଦଳର ଏକ ଅଂଶ ନେଦରଲାଣ୍ଡ୍ସ ଚଳିତ ଥର ଅଭିଜ୍ଞ ଖେଳାଳି ତଥା ଯୁବ ଖେଳାଳିଙ୍କୁ ସୁଯୋଗ ଦେଇଛି ହେଲେ ଅଲରାଉଣ୍ଡର ରୋଲଫ ୱାନ ଡେର୍ ମେରେ ଏବଂ କଲିନ ଆକ୍ରର୍ମନଙ୍କୁ ସୁଯୋଗ ଦିଆଯାଇନାହିଁ।

ଟି -୨୦ ବିଶ୍ୱକପ୍ ୨୦୨୪ ପାଇଁ ନେଦରଲାଣ୍ଡ୍ସ ଦଳ: ସ୍କଟ ଏଡାର୍ଡସ (ଅଧିନାୟକ / ଉଇକେଟ୍ କିପର), ଆର୍ଯ୍ୟନ ଦତ୍ତ, ବାସ ଡି ଲିଡେ, ଡେନିଏଲ ଡୋରମ, ଫ୍ରେଡ କ୍ଲାସେନ, କାଇଲ କ୍ଲେନ, ଲେଗାନ ୱାନ ବେକ, ମ୍ୟାକ୍ସ ଓଡୋଡ, ମାଇକେଲ ଲେବିଟ, ପଲ ଭାନ ମେକିରେନ, ସାଇବ୍ରାଣ୍ଡ ଏଙ୍ଗେଲବ୍ରେକ୍ଟ, ତେଜା ନିଦାମନୁରୁ, ଟିମ ପ୍ରିଙ୍ଗଲ, ବିକ୍ରମ ସିଂ, ଭିଭ କିଙ୍ଗମା, ସେଲେ ବାରେସି।

# ଚକିତ କଲା ପଟିଦାରଙ୍କ କଭର୍ ଡ୍ରାଇଭ୍

**ବେଙ୍ଗାଲୁରୁ, ୧୩।୫(ଏଜେନ୍ସି):** ଆଇପିଏଲ ୨୦୨୪ର ୬୨ତମ ମ୍ୟାଚ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଖେଳାଯାଇଥିଲା ଏହି ମ୍ୟାଚରେ ବେଙ୍ଗାଲୁରୁ ଷଷ୍ଠ ବିଜୟ ହାସଲ କରିଛି। ବିରାଟ କୋହଲି ଏହି ମ୍ୟାଚରେ ୩୦ ରନ ସ୍କୋର ମଧ୍ୟ କରିପାରି ନ ଥିଲେ। କିନ୍ତୁ ରଜତ ପଟିଦାର ଚମତ୍କାର ବ୍ୟାଟିଂ କରିଥିଲେ ସେ ଏହି ମ୍ୟାଚରେ ଅର୍ଦ୍ଧଶତକ ହାସଲ କରିଥିଲେ ଏହା ସହ ପଟିଦାର ଆଇପିଏଲ ୨୦୨୪ରେ ପଞ୍ଚମ ଅର୍ଦ୍ଧଶତକ ହାସଲ କରିଥିଲେ । ତାଙ୍କ ଇନିଂସରେ ଏକ ସଟ ମଧ୍ୟ ରହିଥିଲା, ଯାହା କି ଅଷ୍ଟ୍ରେଲିଆର କିମ୍ବଦନ୍ତୀ ବୋଲର ବ୍ରେଟ ଲିଙ୍କୁ ମଧ୍ୟ ପ୍ରଭାବିତ କରିଥିଲା।



ବେଙ୍ଗାଲୁରୁ ଇନିଂସର ପଞ୍ଚମ ଓଭରରେ ମୁକେଶ କୁମାରଙ୍କ ଉପରେ ରଜତ ପଟିଦାରଙ୍କ ଦ୍ୱାରା କଭର ଡ୍ରାଇଭ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ମ୍ୟାଚ ପରେ ଏକ ସାକ୍ଷାତକାରରେ ବ୍ରେଟ ଲି କହିଛନ୍ତି, ଯଦି କେହି ହାଇଲାଇଟ ଦେଖୁଛନ୍ତି, ତେବେ ସେ ଭାବିଥିବେ ଯେ ଏହି ସଟ ବିରାଟ କୋହଲିଙ୍କର ଅଟେ।

ଅଷ୍ଟ୍ରେଲୀୟ ବୋଲର ବ୍ରେଟ ଲି କହିଛନ୍ତି,ପଟିଦାର ଚଳିତ ସିଜନରେ ତାଙ୍କର ପଞ୍ଚମ ଅର୍ଦ୍ଧଶତକ ପୂରଣ କରିଛନ୍ତି। ଆମେ ଜାଣୁ ସେ ଟେଷ୍ଟ କ୍ରିକେଟ ମଧ୍ୟ ଖେଳିଛନ୍ତି, କିନ୍ତୁ ଫର୍ମରେ ରହିବାକୁ ତାଙ୍କୁ କିଛି ସମୟ ଲାଗିଛି। କିନ୍ତୁ ସବୁଠାରୁ ଭଲ କଥା ହେଉଛି ସେ କଭର ଡ୍ରାଇଭ୍ ମାରୁଛନ୍ତି। ସେ ପୁନର୍ବାର ନିଜର ଫର୍ମ ଫେରି ପାଇଛନ୍ତି।

# ୨୪ରେ ଆମେରିକା ଯିବ ପ୍ରଥମ ପର୍ଯ୍ୟାୟ ଭାରତୀୟ ଦଳ

ମୁମ୍ବାଇ, ୧୩।୫: ଟ୍ୱେଣ୍ଟି-୨୦ ବିଶ୍ୱକପ୍ ପାଇଁ ଭାରତୀୟ କ୍ରିକେଟ୍ ଦଳର ପ୍ରଥମ ପର୍ଯ୍ୟାୟ ଗସ୍ତ ଚଳିତ ମାସ ୨୪ ତାରିଖରୁ ଆରମ୍ଭ ହେବ। ବିଶ୍ୱକପ୍ ଦଳରେ ଥିବା ଯେଉଁ ଖେଳାଳିମାନେ ଆଇପିଏଲ୍ ପ୍ଲେଅଫ୍‌କୁ ଯୋଗ୍ୟତା ଅର୍ଜନ ନକରିପାରିବେ, ସେମାନେ ତୁରନ୍ତ ଆମେରିକା ଗସ୍ତ କରିବେ ପ୍ରଥମ ପର୍ଯ୍ୟାୟରେ କିଛି ଖେଳାଳିଙ୍କ ସହ ପ୍ରଶିକ୍ଷକମାନେ ଆମେରିକା ଯିବେ ପ୍ଲେଅଫ୍ ଯାଇପାରି ନଥିବା ଅନ୍ୟ ଖେଳାଳିଙ୍କୁ ନେଇ ୨୬ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ଗସ୍ତ ଆରମ୍ଭ ହେବ ବୋଲି ବିସିସିଆଇ ସମ୍ପାଦକ ଜୟ ଶାହ ସୂଚନା ଦେଇଛନ୍ତି।

ଆଇପିଏଲ୍ ଜରିଆରେ ଯୁବ ଖେଳାଳିଙ୍କ ଦକ୍ଷତାର ବିକାଶ ହୋଇପାରୁଥିବା ବେଳେ ବିଶ୍ୱକପ୍ ଖେଳାଳିଙ୍କ ପାଇଁ ମଧ୍ୟ ଭଲ ଅଭ୍ୟାସ ହେଉଥିବା ସେ କହିଛନ୍ତି। ଟ୍ରାଭିସ୍ ହେଡ୍ ଓ ଅଭିଷେକ ଶର୍ମା ଯେଉଁଭଳି ଭାବେ ଖେଳୁଛନ୍ତି, ଯଦି ସେମାନଙ୍କୁ ଯଶପ୍ରୀତ୍ ବୁମ୍ରା ବୋଲିଂ କରିବେ, ବିଶ୍ୱକପ୍ ପ୍ରସ୍ତୁତି ପାଇଁ ଏହାଠୁ ବଳି ଭଲ ଅଭ୍ୟାସ କଣ ହୋଇପାରେ ବୋଲି ଶାହ କହିଛନ୍ତି। ସେହିପରି ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ଦ୍ରୁତ ବୋଲର ମୟଙ୍କ ଯାଦବଙ୍କ ପ୍ରଦର୍ଶନ ଉପରେ ବିସିସିଆଇ ନଜର ରଖିଛି। ଏବେ ଜାତୀୟ କ୍ରିକେଟ୍ ଏକାଡେମିର ଡାକ୍ତରମାନେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ତଦାରଖ କରୁଥିବା ଶାହ ଜଣାଇଛନ୍ତି।

# କ୍ରିକେଟ୍‌ରେ ଓବିଏସ୍ ଆଉଟ୍ କଣ ?

ଚେନ୍ନାଇ, ୧୩।୫:ଆଇପିଏଲ ୨୦୨୪ର ୬୧ତମ ମ୍ୟାଚ ଚେନ୍ନାଇ ସୁପର କିଙ୍ଗସ ଏବଂ ରାଜସ୍ଥାନ ରୟାଲ୍ସ ମଧ୍ୟରେ ଏମ ଚିଦାମ୍ବରମ ଷ୍ଟାଡିୟମରେ ଖେଳାଯାଇଥିଲା ଏହି ମ୍ୟାଚ୍‌ରେ ଚେନ୍ନାଇ ଜିତିଥିଲା। ଏହି ମ୍ୟାଚ୍‌ରେ ଫିଲ୍ଡରେ ବାଧା ସୃଷ୍ଟି ହେତୁ ସିଏସକେ ଅଲରାଉଣ୍ଡର ଖେଳାଳି ରବିନ୍ଦ୍ର ଜାଡେଜାଙ୍କୁ ଆଉଟ୍।

ଚେନ୍ନାଇ ସୁପର କିଙ୍ଗ୍ସର ବ୍ୟାଟିଂ ସମୟରେ ଏହି ଅଦ୍ଭୁତ ଘଟଣା ଦେଖିବାକୁ ମିଳିଥିଲା ଆବେଶ ଖାନ ଆରଆର ପାଇଁ ଇନିଂସର ୧୬ତମ ଓଭରରେ ବୋଲିଂ କରିଥିଲେ ଜାଡେଜା ସହଜରେ ଓଭରର ପଞ୍ଚମ ବଲ ଖେଳି ଥାର୍ଡମ୍ୟାନ୍ ଆଡକୁ ହାଲୁକା ହାତରେ ଏକ ରନ ପୂରଣ କରିଥିଲେ। ଦ୍ୱିତୀୟ ରନ୍ ନେବାକୁ ଜାଡେଜା ଆଗ୍ରହୀ ମନେ ହେଉଥିଲେ ମଧ୍ୟ ଅନ୍ୟପକ୍ଷରେ ରିତୁରାଜ ଗାଇକ୍‌ୱାଡ ରନ ନେବାକୁ ମନା କରିଦେଇଥିଲେ। ତେବେ ବିରୋଧୀ ବ୍ୟାଟ୍ସମ୍ୟାନ ମନା କରିବା ବେଳକୁ ଜାଡେଜା ଅଧା ପଡ଼ିଆରେ ପହଞ୍ଚି ସାରିଛନ୍ତି। କିନ୍ତୁ ସେ ପୁନର୍ବାର ଫେରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ସେ ସାମସନଙ୍କ ଥ୍ରୋ ମଧ୍ୟରେ ଆସିଥିଲେ, ଯେଉଁଥିପାଇଁ ତାଙ୍କୁ ଓବିଏସ୍ ଆଉଟ୍ ଦିଆଯାଇଥିଲା।

ଅମ୍ପାୟାରଙ୍କ ଦ୍ୱାରା ଓବିଏସ୍ ଆଉଟ୍ ଦିଆଯିବା ପରେ ଜାଡେଜା ବହୁତ ରାଗି ଯାଇଥିଲେ ଦର୍ଶକଙ୍କ ମଧ୍ୟରେ ଉପସ୍ଥିତ ଥିବା ଧୋନୀଙ୍କ ସ୍ତ୍ରୀ ସାକ୍ଷୀ ମଧ୍ୟ ଟିକେ ଆଶ୍ଚର୍ଯ୍ୟ ହୋଇଥିଲେ।

**ଆଇପିଏଲ ଇତିହାସରେ ଓବିଏସ୍ ଆଉଟ୍ ହୋଇଛନ୍ତି**

ୟୁସୁଫ ପଠାନ (କେକେଆର୍) ପୁଣେ ୱାରିୟର୍ସ ଇଣ୍ଡିଆ। ରାଞ୍ଚି, ୨୦୧୩।

ଅମିତ ମିଶ୍ର (ଡିସି) ବନାମ ସନରାଇଜର୍ସ ହାଇଦ୍ରାବାଦ ବିଶାଖାପାଟନମ, ୨୦୧୯।

ରବିନ୍ଦ୍ର ଜାଡେଜା (ସିଏସ୍‌କେ) ବନାମ ରାଜସ୍ଥାନ ରୟାଲ୍ସ ଚେନ୍ନାଇ, ୨୦୨୪।

# ପ୍ଲେ ଅଫ୍ ଆଶା ଉଜ୍ଜୀବିତ ରଖିଲା ଆରସିବି



ବେଙ୍ଗାଲୁରୁ, ୧୩।୫: ଇଣ୍ଡିଆନ୍ ପ୍ରିମିୟର ଲିଗ୍(ଆଇପିଏଲ)ରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍‌କୁ ୪୭ ରନରେ ଜିତି ନେଇଛି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ(ଆରସିବି)। ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଆରସିବି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟରେ ୧୮୭ ରନ୍ କରିଥିଲା। ଜବାବରେ ଦିଲ୍ଲୀ ୧୯.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୪୦ ରନ୍ କରିଥିଲା ଟସ୍ ଜିତି ଦିଲ୍ଲୀ କ୍ୟାପିଟାଲ୍ସ ପ୍ରଥମେ ବୋଲିଂ କରିଥିଲା।

ଆରସିବି ଅଧିନାୟକ ଫାଫ୍ ଡୁ ପ୍ଲେସି ମାତ୍ର ୬ ରନ୍ କରି ଦ୍ୱିତୀୟ ଓଭରରେ ପ୍ୟାଭିଲିୟନ୍ ଫେରିଥିଲେ। ତେବେ ଷ୍ଟାର ବ୍ୟାଟର ବିରାଟ କୋହଲି ମାତ୍ର ୧୩ ବଲ୍ ଖେଳି ୧ ଚୌକା ଓ ୩ ଛକା ସହ ୨୭ ରନ୍ କରିଥିଲେ। କୋହଲି ଆଉଟ ହେବା ପରେ ୱିଲ ଜ୍ୟାକ୍ସ(୪୧)ଙ୍କ ସହ ଯୋଗ ଦେଇ ରଜତ ପଟିଦାର ତୃତୀୟ ଉଇକେଟରେ ୮୮ ରନ୍ ଯୋଡିଥିଲେ। ପଟିଦାର ୩୨ ବଲ୍ ଖେଳି ୩ଟି ଲେଖାଏ ଛକା ଓ ଚୌକା ମାରି ୫୨ ରନ୍ କରିଥିଲେ ।ଅନ୍ୟ ପକ୍ଷରେ ୱିଲ୍ ଜ୍ୟାକ୍ସ ୨୯ ବଲ୍ ଖେଳି ୩ ଚୌକା ଓ ୨ ଛକା ମାରିଥିଲେ ମଧ୍ୟକ୍ରମରେ ମହିପାଲ ଲୋମରୋର ୧୩, ଦୀନେଶ କାର୍ତ୍ତିକ ୦ ଓ ସ୍ୱପ୍ନିଲ ସିଂ ୦ ନିରାଶ କରିଥିଲେ।

କାମେରନ୍ ଗ୍ରୀନ୍ ୨୪ ବଲ୍ ଖେଳି ୧ ଚୌକା ଓ ୨ ଛକା ସହ ୩୨ ରନ୍ କରି ଶେଷ ଯାଏ ଅପରାଜିତ ରହିଥିଲେ କ୍ୟାପିଟାଲ୍ସ ପକ୍ଷରୁ ଖଲିଲ ଅହମଦ ଓ ରଶିଖ୍ ଦର ସଲାମ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ୧୮୮ ରନ୍‌ର ଲକ୍ଷ୍ୟ ଚିନ୍ନାସ୍ୱାମୀ ଗ୍ରାଉଣ୍ଡରେ ସହଜ ହେବ ବୋଲି ଆଶା କରାଯାଉଥିଲା। ତେବେ ଆରସିବି ବୋଲର ସଠିକ୍ ଲାଇନ ଲେନ୍ଥରେ ବୋଲିଂ କରି ମ୍ୟାଚକୁ ଜିତି ନେଇଥିଲେ। ଦିଲ୍ଲୀ ପକ୍ଷରୁ ଅଧିନାୟକ ଅକ୍ଷର ପଟେଲ ସର୍ବାଧିକ ୫୭ ରନ୍ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଶାଇ ହୋପ୍ ୨୯ ଓ ଜେକ୍ ଫ୍ରେଜର ମ୍ୟାକ୍‌ଗୁର୍କ ୨୧ରନ୍ କରିଥିଲେ। ଅକ୍ଷର ୩୯ ବଲ୍ ଖେଳି ୫ ଚୌକା ଓ ୩ ଛକା ମାରିଥିଲେ। ଆରସିବି ପକ୍ଷରୁ ଯଶ ଦୟାଲ ୩, ଲୋକି ଫର୍ଗୁସନ ୨, ସ୍ୱପ୍ନିଲ ସିଂ, ମହମ୍ମଦ ସିରାଜ ଓ କାମେରନ୍ ଗ୍ରୀନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଉଭୟ ଦଳ ସମାନ ୧୨ ପଏଣ୍ଟ ଲେଖାଏ ପାଇଥିବା ବେଳେ ଅନ୍ତିମ ମ୍ୟାଚ୍‌ରେ ବଡ ବ୍ୟବଧାନରେ ବିଜୟ ହାସଲ କଲେ ପ୍ଲେ ଅଫ୍ ଯିବାର ସମ୍ଭାବନା ରହିବ।

# ଚେନ୍ନାଇରେ ତିଆରି ହେବ ଧୋନିଙ୍କ ମନ୍ଦିର

**ଚେନ୍ନାଇ, ୧୩।୫(ଏଜେନ୍ସି):** ଆଇପିଏଲ ୨୦୨୪ ପ୍ଲେଅଫ ଖେଳିବା ଦିଗରେ ଆଉ ଗୋଟିଏ ପାଦ ଆଗକୁ ବଢ଼ାଇଛି। ଚେନ୍ନାଇ ସୁପର କିଙ୍ଗସ ରବିବାର ଦଳ ଚେପକରେ ରାଜସ୍ଥାନକୁ ୫ ୱିକେଟରେ ହରାଇ ପରେ ପଏଣ୍ଟ ଟେବୁଲର ୩ୟ ସ୍ଥାନରେ ପହଞ୍ଚି ଯାଇଛି। ଚେପକରେ ଏହା ଚେନ୍ନାଇର ଶେଷ ଲିଗ ମ୍ୟାଚ୍ ଥିଲା।

ସେହିପରି ସମ୍ଭବତଃ ଦଳର ଆଇକନିକ ଖେଳାଳି ମହେନ୍ଦ୍ର ସିଂହ ଧୋନିଙ୍କର ମଧ୍ୟ ଏହା ଶେଷ ଆଇପିଏଲ ସିଜିନ କାରଣ ୪୨ ବର୍ଷୀୟ ଥାଲା ପରବର୍ତ୍ତୀ ସିଜିନ ଖେଳିବେ କି ନାହିଁ, ସେକଥା ଜଣାପଡ଼ିନି ମ୍ୟାଚ ଜିତିବା ପରେ ଚେନ୍ନାଇ ମ୍ୟାନେଜମେଣ୍ଟ ପକ୍ଷରୁ ଖେଳାଳିଙ୍କୁ ପଦକ ଦିଆଯାଇଛି କାରଣ ଚେପକରେ ଏହା ଚେନ୍ନାଇର



୫୦ତମ ବିଜୟ ଥିଲା। ଡିଫେଣ୍ଡିଂ ଚାମ୍ପିୟନ ଚେନ୍ନାଇ ୧୩ ମ୍ୟାଚ୍‌ରୁ ୧୪ ପଏଣ୍ଟ ସହ ପ୍ଲେଅଫର ଅତି ନିକଟରେ ପହଞ୍ଚି ଯାଇଛି। ଦଳ ୧୮ ତାରିଖରେ ଆରସିବି ବିପକ୍ଷରେ ନିଜର ଶେଷ ଲିଗ ମ୍ୟାଚ୍ ଖେଳିବ।

ରବିବାର ମ୍ୟାଚ୍ ପରେ ଚେପକର ଚେନ୍ନାଇ ଫ୍ୟାନ୍ସ ପୂରା ଭାବବିହ୍ୱଳ ହୋଇଯାଇଥିଲା କାରଣ ସେମାନଙ୍କର ଅତିପ୍ରିୟ ଥାଲା ଧୋନି ଓ ଟିମର ପୂର୍ବତନ ସଦସ୍ୟ ସୁରେଶ ରାଇନା ପଡ଼ିଆରେ ଏକାଠି ନଜର ଆସିଥିଲେ ଧୋନି ଥାଲା ଓ ରାଇନା ଚିନ୍ନା ଥାଲା ଭାବେ ପରିଚିତ ଚେପକରେ ଚେନ୍ନାଇ ରବିବାର ଶେଷ ଲିଗ ମ୍ୟାଚ୍ ଖେଳିଥିବା ବେଳେ ବିଜୟୀ ମଧ୍ୟ ହୋଇଥିଲା।

ଏହାପରେ ଷ୍ଟାଡିୟମ ଚାରିପାଖରେ ଖେଳାଳିମାନେ ବୁଲି ଫ୍ୟାନ୍ସଙ୍କ ଅଭିବାଦନ ଗ୍ରହଣ କରିଥିଲେ ଧୋନି ଓ ରାଇନା ଫ୍ୟାନ୍ସମାନଙ୍କୁ ଟେନିସ ବଲ ମାରି ଉପହାର ମଧ୍ୟ ଦେଇଥିଲେ।

ଫ୍ୟାନ୍ସମାନେ ଧୋନିଙ୍କୁ ଦେଖିବାକୁ ପୂରା ପାଗଳ ହୋଇ ଯାଇଥିବା ବେଳେ ଚେନ୍ନାଇର ପୂର୍ବତନ ବ୍ୟାଟର ଅମ୍ବାତି ରାୟୁଡୁ ବଡ଼ ବୟାନ ଦେଇଛନ୍ତି। ସେ କହିଛନ୍ତି, ଧୋନି ହେଉଛନ୍ତି ଚେନ୍ନାଇର ଭଗବାନ। ମୁଁ ନିଶ୍ଚିତ ଯେ ଆଗାମୀ ଭବିଷ୍ୟତରେ ଚେନ୍ନାଇରେ ମହେନ୍ଦ୍ର ସିଂହ ଧୋନିଙ୍କର ଗୋଟିଏ ମନ୍ଦିର ନିର୍ମାଣ କରାଯିବ।

ସେ ଏମିତି ଜଣେ ଖେଳାଳି ଯିଏ ଭାରତକୁ ଦୁଇ ଥର ବିଶ୍ୱକପ ଆଣି ଖୁସି ହେବାର ମଉକା ଦେଇଛନ୍ତି। ସେ ଚେନ୍ନାଇକୁ ଆଇପିଏଲ ଓ ଚାମ୍ପିୟନ୍ସ ଟାଇଟଲ ଜିତି ଅନେକ ଆନନ୍ଦ ଭେଟି ଦେଇଛନ୍ତି। ସେ ଏମିତି ଜଣେ ବ୍ୟକ୍ତି ଯିଏ ନିଜ ଖେଳାଳିଙ୍କ ଉପରେ ବିଶ୍ୱାସ ଦେଖାନ୍ତି। ସେ ସବୁବେଳେ ଟିମ, ଦେଶ ଓ ଚେନ୍ନାଇ ସୁପର କିଙ୍ଗସ ପାଇଁ ସବୁ କିଛି କରିଛନ୍ତି। ଧୋନିଙ୍କ ନେତୃତ୍ୱରେ ଚେନ୍ନାଇ ୫ଥର ଆଇପିଏଲ ଟ୍ରଫି ଜିତିଥିବା ବେଳେ ୨ଥର ଚାମ୍ପିୟନ୍ସ ଲିଗ ଟି-୨୦ ଟ୍ରଫି ହାତେଇଛି। ତାଙ୍କ କ୍ୟାପ୍ଟେନ୍ସିରେ ଭାରତ ୨୦୦୭ ଟି-୨୦ ବିଶ୍ୱକପ ଓ ୨୦୧୧ ଦିନିକିଆ ବିଶ୍ୱକପ ଜିତିଥିଲା।

# ଟି-୨୦ ବିଶ୍ୱକପ ପରେ କ୍ରିକେଟ ଛାଡ଼ିବେ ରୋହିତ !

ନୂଆଦିଲ୍ଲୀ, ୧୩।୫: ଆସନ୍ତା ଜୁନ୍ ମାସରୁ ଆରମ୍ଭ ହେବାକୁ ଯାଉଛି ଟି-୨୦ ବିଶ୍ୱକପ ୨୦୨୪। ଏହି ବଡ଼ ଇଭେଣ୍ଟ ପାଇଁ ଭାରତ ୧୫ ଜଣିଆ ଦଳ ଘୋଷଣା କରିସାରିଛି। ଅଧିନାୟକ ଭାବରେ ରୋହିତ ଶର୍ମାଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ଉପ-ଅଧିନାୟକ ପଦରେ ରହିଛନ୍ତି ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା କିନ୍ତୁ ଏହି ବିଶ୍ୱକପ ପରେ ରୋହିତଙ୍କ ଫ୍ୟାନ୍ସମାନଙ୍କ ପାଇଁ ଏକ ବଡ଼ ଦୁଃଖ ଖବର ଆସିପାରେ। ଟି-୨୦ ବିଶ୍ୱକପ ପରେ ଅଧିନାୟକ ରୋହିତ ନିଜ ଅବସର ଘୋଷଣା କରିପାରନ୍ତି ବୋଲି କୁହାଯାଉଛି। ତେବେ ରୋହିତଙ୍କ ଅବସରର ମୁଖ୍ୟ କାରଣ ହାର୍ଦ୍ଦିକ ପାଣ୍ଡ୍ୟା ହୋଇପାରନ୍ତି ବୋଲି ମଧ୍ୟ କୁହାଯାଇଛି।

ବିଶେଷ ସୂତ୍ରରୁ ଖବର ମିଳିଛି ଯେ, ଚଳିତବର୍ଷ ଶେଷ ଥର ପାଇଁ ରୋହିତଙ୍କ ନେତୃରେ ଟିମ ଇଣ୍ଡିଆ ଟି-୨୦ ବିଶ୍ୱକପ ଖେଳିବ। ବିଶ୍ୱକପରେ ଟିମ ଇଣ୍ଡିଆର ଶେଷ ମ୍ୟାଚ ହିଁ ରୋହିତଙ୍କ କ୍ୟାରିୟରର ଶେଷ ମ୍ୟାଚ ହୋଇପାରେ ବୋଲି ଆଲୋଚନା ଆରମ୍ଭ ହୋଇଛି। ଏହାପରେ ରୋହିତ ଶର୍ମା ଟି-୨୦ ଇଣ୍ଟରନେସନାଲ ମ୍ୟାଚରୁ ଅବସର ଘୋଷଣା କରିପାରନ୍ତି। ତେବେ ବର୍ତ୍ତମାନ ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଦଳର ଅଧିନାୟକ କରିବା ପାଇଁ ଚାହୁଁଛି ବିସିସିଆଇ ଏଥିପାଇଁ ଦଳ ତାଙ୍କୁ ମେଗା ଇଭେଣ୍ଟରେ ଉପ-ଅଧିନାୟକ ଦାୟିତ୍ୱ ମଧ୍ୟ ପ୍ରଦାନ କରିଛି। ତେଣୁ ଏହି ଟି-୨୦ ବିଶ୍ୱକପ ରୋହିତଙ୍କ ପାଇଁ ବଡ଼ ଚାଲେଞ୍ଜ ହୋଇପାରେ। ସୀମିତ ଓଭର କ୍ରିକେଟରେ ନିଜକୁ ପ୍ରମାଣିତ କରିବା ପାଇଁ ଶେଷ ସୁଯୋଗ ପାଇପାରନ୍ତି ରୋହିତ। ବର୍ତ୍ତମାନ ରୋହିତ ୩୭ ବର୍ଷ ବୟସରେ ପହଞ୍ଚି ସାରିଛନ୍ତି ଏବଂ ହାର୍ଦ୍ଦିକଙ୍କୁ ମାତ୍ର ୩୦ ବର୍ଷ ତେଣୁ ଆଗାମୀ ଭବିଷ୍ୟତକୁ ନଜରରେ ରଖି ବିସିସିଆଇ ଜଣେ ନୂଆ ଅଧିନାୟକଙ୍କ ଦୀର୍ଘ ସମୟ ଦାୟିତ୍ୱ ଦେବା ପାଇଁ ଚିନ୍ତା କରୁଛି। ଏହି ତାଲିକାରେ ସବୁଠୁ ଆଗରେ ରହିଛନ୍ତି ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା। ହାର୍ଦ୍ଦିକ କେବଳ ସୀମିତ ଓଭର କ୍ରିକେଟ କେଲୁଥିବା ବେଳେ ସେ ହିଁ ଅଧିନାୟକ ଦାୟିତବ ନେବା ପାଇଁ ଉପଯୁକ୍ତ ବୋଲି ବିସିସିଆଇ ଚିନ୍ତା କରୁଛି । ଏହାବ୍ୟତୀତ ରୋହିତ ୨୦୨୨ ପରେ କୌଣସି ଟି-୨୦ ଇଣ୍ଟରନେସନାଲ ମ୍ୟାଚ କେଳିନାହାନ୍ତି ରୋହିତ ଚଳିତବର୍ଷ ଆଫଗାନିସ୍ତାନ ବିପକ୍ଷ ସିରିଜରେ ୩ଟି ମ୍ୟାଚ ଖେଳିଥିବା ବେଳେ ୨ଟି ମ୍ୟାଚରେ ୦ ଏବଂ ଗୋଟିଏ ମ୍ୟାଚରେ ଶତକ ହାସଲ କରିଥିଲେ ରୋହିତ।

ସେପଟେ ଆଇପିଏଲକୁ ନେଇ ରୋହିତ ଏବଂ ହାର୍ଦ୍ଦିକଙ୍କ ମଧ୍ୟରେ ମତପାର୍ଥକ୍ୟ ରହୁଥିବା ଦେଖିବାକୁ ମିଳିଛି। ଅକ୍ଟୋବର ମାସରେ ହାର୍ଦ୍ଦିକଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ ନିଜ ଦଳରେ ସାମିଲ କରିଥିଲା। ଏହାପରେ ରୋହିତଙ୍କ ସ୍ଥାନରେ ହାର୍ଦ୍ଦିକଙ୍କୁ ଅଧିନାୟକ ପଦ ହସ୍ତାନ୍ତର କରିଛି ମୁମ୍ବାଇ। ଏହା ପରଠାରୁ ଉଭୟ ଖେଳାଳିଙ୍କ ମଧ୍ୟରେ ସାମାନ୍ୟ ବିବାଦ ସୃଷ୍ଟି ହେବା ଦୂରତା ଲାଗି ରହିଛି । ତେବେ ରୋହିତ ଏବେ ହାର୍ଦ୍ଦିକଙ୍କ ନେତୃତ୍ୱରେ ଆଇପିଏଲ ଖେଳୁଥିବା ବେଳେ ତାଙ୍କର ପ୍ରଦର୍ଶନ ଖୁବ ନିରାଶଜନକ ରହିଛି ।

# ରୋଚକସ୍ଥିତିରେ ଚେନ୍ନାଇ-ଆରସିବି ସ୍ଥିତି

ନୂଆଦିଲ୍ଲୀ, ୧୩।୫: ଚଳିତ ଆଇପିଏଲର ପ୍ଲେଅଫ ରେସ୍ ରବିବାର ନାଟକୀୟ ମୋଡ଼ ନେଇଛି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) କ୍ରମାଗତ ୫ମ ବିଜୟ ହାସଲ କରିଛି ଦଳ ଦିଲ୍ଲୀ କ୍ୟାପିଟାଲ୍ସକୁ ୪୭ ରନରେ ହରାଇବା ପରେ ପ୍ଲେଅଫ ଦୌଡ଼ରେ ନିଜର ସ୍ଥାନକୁ ଆହୁରି ମଜବୁତ କରି ନେଇଛି ଦଳ।

ଏବେ ୧୩ ମ୍ୟାଚ୍‌ରୁ ୧୨ ପଏଣ୍ଟ ପାଇଛି ଦଳର ନେଟ ରନ ରେଟ +୦.୩୮୭ ରହିଛି ଦଳ ପଏଣ୍ଟ ଟେବୁଲର ୫ମ ସ୍ଥାନରେ ଥିବା ବେଳେ ଶେଷ ମ୍ୟାଚ୍‌ରେ ଶନିବାର ଚେନ୍ନାଇ ସୁପର କିଙ୍ଗସକୁ ଭେଟିବ ଏହା ଦୁଇ ଦଳ ପାଇଁ ଏକପ୍ରକାରର ନକଆଉଟ ମ୍ୟାଚ୍ ହେବ ବିଜୟ ସେମାନଙ୍କୁ ପ୍ଲେଅଫକୁ ନେଇ ପାରେ ପରାଜୟ ବାହାର ରାସ୍ତା ଦେଖାଇବ।

ଚେନ୍ନାଇ ସୁପର କିଙ୍ଗସ ୧୩ ମ୍ୟାଚ୍‌ରୁ ୧୪ ପଏଣ୍ଟ ପାଇଛି ଦଳର ନେଟ ରନରେଟ +୦.୫୨୮ ରହିଛି ପଏଣ୍ଟ ଟେବୁଲର ତୃତୀୟ ସ୍ଥାନରେ ଦଳ ପହଞ୍ଚି ଯାଇଛି ସନରାଇଜର୍ସ



ହାଇଦ୍ରାବାଦ ବର୍ତ୍ତମାନ ୧୪ ପଏଣ୍ଟ ପାଇଛି।

ଦଳ ପାଖରେ ଆହୁରି ୨ଟି ମ୍ୟାଚ ରହିଛି ହାଇଦ୍ରାବାଦ ତାର ଶେଷ ଦୁଇ ମ୍ୟାଚ ଗୁଜରାଟ ଟାଇଟନ୍ସ ଓ ପଞ୍ଜାବ କିଙ୍ଗସ ବିପକ୍ଷରେ ଖେଳିବ ଗୋଟିଏ ମ୍ୟାଚ୍ ଜିତିଲେ ମଧ୍ୟ ଦଳ ପ୍ଲେଅଫରେ ପ୍ରବେଶ କରିଯିବ। ଦୌଡ଼ରେ ଲକ୍ଷ୍ନୌ ମଧ୍ୟ ରହିଛି। ହେଲେ ଦଳର ରନ ରେଟ -୦.୭୬୯। ସେହିପରି ଦଳ ତାର ଦୁଇଟି ଯାକ ମ୍ୟାଚ୍ ଜିତିଲେ ସର୍ବାଧିକ ୧୬ ପଏଣ୍ଟ ପାଇପାରିବ। ଗୁଜରାଟ ପାଖରେ ୨ଟି ଓ ଦିଲ୍ଲୀ ପାଖରେ ଗୋଟିଏ ମ୍ୟାଚ୍ ରହିଛି। ଯଦି ଉଭୟ ଦଳ ସେମାନଙ୍କର ମ୍ୟାଚ୍ ଜିତନ୍ତି, ତାହେଲେ ସର୍ବାଧିକ ୧୪ ପଏଣ୍ଟ ପାଇବେ। ଏବେ ନେଟ ରନ ରେଟ ଯାହା, ଉଭୟ ଦଳ ଟପ୍ ୪ ଦୌଡ଼ରେ ଥିବା ଚେନ୍ନାଇ, ଆରସିବି, ଲକ୍ଷ୍ନୌ କିମ୍ବା ହାଇଦ୍ରାବାଦକୁ ଅତିକ୍ରମ କରିପାରିବେ ନାହିଁ। ରାଜସ୍ଥାନ ରୟାଲ୍ସ ୧୬ ପଏଣ୍ଟ ସହ ଟେବୁଲର ଦ୍ୱିତୀୟ ଓ କୋଲକାତା ନାଇଟ ରାଇଡର୍ସ ଏକମାତ୍ର ଦଳ ଭାବେ ୧୮ ପଏଣ୍ଟ ସହ ପ୍ଲେଅଫରେ ପ୍ରବେଶ କରି ସାରିଛି। ଆରସିବି ଏବେ ଚାହିଁବି ଯେ ହାଇଦ୍ରାବାଦ ତାର ଦୁଇଟି ଯାକ କିମ୍ବା ଦୁଇଟି ମ୍ୟାଚ୍‌ରୁ ଗୋଟିଏରେ ଜିତି ଯାଉ। ସେହିପରି ଲକ୍ଷ୍ନୌ ଗୋଟିଏରୁ ଅଧିକ ମ୍ୟାଚ୍ ନ ଜିତୁ।ଏପରି ସ୍ଥିତିରେ ଚେନ୍ନାଇ ଓ ଆରସିବି ମ୍ୟାଚ୍‌ର ଫଳାଫଳ ହିଁ ପ୍ଲେଅଫ ସ୍ଥାନର ଭାଗ୍ୟ ନିର୍ଦ୍ଧାରତ କରିବ। ଯଦି ଆରସିବି ତାର ଶେଷ ମ୍ୟାଚ୍‌ରେ ଚେନ୍ନାଇକୁ ୧୮ କିମ୍ବା ତାଠାରୁ ଅଧିକ ରନରେ ପରାସ୍ତ କରି ନେବ, ତାହେଲେ ଚେନ୍ନାଇ ତୁଳନାରେ ଦଳର ରନ ରେଟ ଅଧିକ ହୋଇଯିବ। ସେହିପରି ଆରସିବିକୁ ୨୦୧ ରନର ଟାର୍ଗେଟ ମିଳୁଛି, ତାହେଲେ ଏହାକୁ ୧୧ ବଲ ପୂର୍ବରୁ ଦଳକୁ ହାସଲ କରିବାକୁ ପଡ଼ିବ। ତେଣୁ ଶନିବାର ମ୍ୟାଚ୍ ଉପରେ ଉଭୟ ଚେନ୍ନାଇ ଓ ଆରସିବି ଫ୍ୟାନ୍ସଙ୍କ ନଜର ରହିବ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ